# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 12 + 16 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

SUNDAY
8 SEPTEMBER 2024
ରବିବାର
୮ ସେପ୍ଟେମ୍ବର ୨୦୨୪

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 10 ● ISSUE 112 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୦ ● ସଂଖ୍ୟା ୧୧୨ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


### ଚାଷୀଙ୍କୁ ନୂଆଁଖାଇ ଭେଟି

## ଆଜି 'ସିଏମ୍ କିଷାନ ଯୋଜନା'ର ଶୁଭାରମ୍ଭ

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:**

ରାତି ପାହିଲେ ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ'। ଏହି ଅବସରରେ 'ସିଏମ୍ କିଷାନ ଯୋଜନା'ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିବେ। ଏଥିସହ ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର ହେବ ପ୍ରଥମ କିସ୍ତି। ଯେଉଁ ଚାଷୀମାନେ କେନ୍ଦ୍ରୀୟ ଯୋଜନା 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' ଯୋଜନାରେ ସାମିଲ ହୋଇନପାରି ବାଦ୍ ପଡ଼ିଥିଲେ, ସେମାନଙ୍କୁ ଏହି

### ସମ୍ବଲପୁରରେ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ
### ନେବେ ମା' ସମଲେଇଙ୍କ ଆଶିଷ

ଯୋଜନାରେ ରାଜ୍ୟ ସରକାର ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ ହଜାର ଲେଖାଏଁ ଟଙ୍କା ପ୍ରଦାନ କରିବେ। ଏଥିରେ ୪୫ଲକ୍ଷ ୭୬ହଜାର ୫୨୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୯ ଲକ୍ଷ ୧୨ ହଜାର ୧୨୨ ଭୂମିହୀନ ଚାଷୀ ଲାଭାନ୍ୱିତ ହେବେ। ଏହା ସହ ଭୂମିହୀନ ଚାଷୀଙ୍କୁ ୩ଟି କିସ୍ତିରେ ୧୨,୫୦୦ ଟଙ୍କା ମିଳିବ।

▶▶ ୭

### ବାନ୍ଧିଲା ଭିଜିଲାନ୍ସ

## ଜେଲ୍ ସୁପରିଟେଣ୍ଡେଣ୍ଟ ଏବେ କଏଦୀ

**କଟକ,୭।୯/ଏନ୍ଏନ୍ଏସ୍:**

ଯେଉଁ ଜେଲ୍‌ରେ ଦିନେ ସେ ସୁପରିଟେଣ୍ଡେଣ୍ଟ ଥାଇ ଶହଶହ କଏଦୀଙ୍କୁ ଶାସନ କରୁଥିଲେ ତାଙ୍କୁ ଏବେ କଏଦୀ ସାଜି ସେହି ଜେଲ୍‌ରେ ରହିବାକୁ ପଡ଼ିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଭଳି ଅପରାଧ ମଣିଷକୁ କିଭଳି ରସାତଳଗାମୀ କରିଦିଏ ତା'ର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ଝାରପଡ଼ା ଜେଲ୍‌ର ପୂର୍ବତନ



ତଥା କେନ୍ଦୁଝର ଜେଲ୍‌ର ବର୍ତ୍ତମାନର ସୁପରିଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜେଲ୍ ଅଧୀକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଅଦାଲତରେ ତାଙ୍କ ଜାମିନ୍ ଆବେଦନ ଖାରଜ ହେବାରୁ ଶ୍ରୀ ସ୍ୱାଇଁଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ସେ ଏବେ ବିଚାରାଧୀନ କଏଦୀ ଭାବେ ସେଠାରେ ରହିବେ।

▶▶ ୭

### ୧.୩୨ ଲକ୍ଷ ସହ ଧରାପଡ଼ିଲେ ଏମ୍‌ଭିଆଇ

**କଟକ:** ଲକ୍ଷାଧିକ ଟଙ୍କା ସହ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ନୂଆପଡ଼ା ମୋଟର ଭେଇକିଲ୍ ଇନସ୍ପେକ୍ଟର (ଏମ୍‌ଭିଆଇ) ବିଜୟ କୁମାର ବେହୁରିଆ। ନଗଦ ୧ଲକ୍ଷ ୩୨ ହଜାର



ଟଙ୍କା ନେଇ ନୂଆପଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଛି। ଏକ ଘରୋଇ ଗାଡ଼ିରେ ବିଜୟ କୁମାର ବେହୁରିଆ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଖୋର୍ଦ୍ଧାର ହସ୍ପିଟାଲ ଛକରେ ତାଙ୍କୁ ଭିଜିଲାନ୍ସର ଏକ ଟିମ୍ ଅଟକାଇଥିଲା। ଗାଡ଼ି ଯାଞ୍ଚ ବେଳେ ସେଥିରୁ ନଗଦ ୧ ଲକ୍ଷ ୩୨ ହଜାର ଟଙ୍କା ମିଳିଥିଲା।

▶▶ ୭

### ଗଡ଼ିଲା 'ସୁଭଦ୍ରା' ରଥ

# ସୁଭଦ୍ରା ଯୋଜନା ହେବ ଅସ୍ମିତାର ପରିଚୟ:ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:**



### ପ୍ରତିଶ୍ରୁତିକୁ ପ୍ରତିବଦ୍ଧତାରେ ପରିଣତ କରାଯାଉଛି: ପ୍ରଭାତୀ
### ଶେଷ ହିତାଧିକାରୀ ଯାଏଁ ଚାଲିବ ପଞ୍ଜୀକରଣ

ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ନିଜର ସ୍ୱପ୍ନ ପୂରଣ ପାଇଁ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କୁ ସ୍ୱୀକୃତି ଦେବା ହେଉଛି 'ସୁଭଦ୍ରା' ଯୋଜନାର ମୂଳ ଲକ୍ଷ୍ୟ। ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ଏହା ଆମ ଅସ୍ମିତାର ପରିଚୟ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗଠାରେ 'ସୁଭଦ୍ରା' ସଚେତନତା ରଥର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଆଗାମୀ ୧୭ ତାରିଖରେ ଆରମ୍ଭ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନା। ମହିଳା ସଶକ୍ତିକରଣ କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ ଆଣିବ। ଏହି ଯୋଜନା ସମ୍ପର୍କରେ ରାଜ୍ୟବ୍ୟାପୀ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଆଜି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ ଯେ ପ୍ରତ୍ୟେକ ମା' ଓ ଭଉଣୀମାନଙ୍କର ମନକୁ ବୁଝି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତିକୁ ପୂରଣ କରିବ 'ସୁଭଦ୍ରା' ଯୋଜନା। ଏହି ଯୋଜନାର ସୁଫଳ ସମ୍ପର୍କରେ ସମଗ୍ର ରାଜ୍ୟର ମହିଳାମାନଙ୍କୁ ସଚେତନ କରିବ ଏହି 'ସୁଭଦ୍ରା' ରଥ। ରାଜ୍ୟର ସମସ୍ତ ମହିଳାଙ୍କ ସ୍ୱପ୍ନ ଓ ଆକାଂକ୍ଷା ପୂରଣ ଦିଗରେ ଏହା ହେଉଛି ରାଜ୍ୟ ସରକାରଙ୍କ ଏକ ନିଷ୍ଠାପର ଉଦ୍ୟମ। କୌଣସି ଯୋଗ୍ୟ ମହିଳା ଯେପରି ଏହି ଯୋଜନାରୁ ବାଦ୍ ନପଡ଼ନ୍ତି ତାହାକୁ ମଧ୍ୟ ପ୍ରଥମିକତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

▶▶ ୭

## ପୃଥିବୀ ପୃଷ୍ଠରେ 'ଷ୍ଟାରଲାଇନର୍'ର ସଫଳ ଲ୍ୟାଣ୍ଡିଂ

**ୱାଶିଂଟନ୍,୭।୯/ଏଜେନ୍ସି:**

ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋରଙ୍କ ବିନା ମହାକାଶରୁ ସୁରକ୍ଷିତ ଭାବେ ଫେରିଆସିଛି ମହାକାଶ ଯାନ ଷ୍ଟାର୍ ଲାଇନର୍। ପ୍ରାୟ ୬ ଘଣ୍ଟା ଯାତ୍ରା ପରେ ନ୍ୟୁ ମେକ୍ସିକୋ ସହର ଉପତ୍ୟକାରେ ଥିବା ଏକ ମରୁଭୂମିରେ ନିରାପଦ ଭାବେ ଲ୍ୟାଣ୍ଡିଂ କରିଛି ଷ୍ଟାରଲାଇନର୍। ଫଳରେ ସୁନୀତା ଏବଂ ବୁଚ୍‌ଙ୍କ ଏବେ ପୃଥିବୀ ପୃଷ୍ଠକୁ ଫେରିବା ଆହୁରି ବିଳମ୍ବ ହେବା ସ୍ପଷ୍ଟ ହୋଇଯାଇଛି। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା' ପକ୍ଷରୁ ଏସମ୍ପର୍କରେ ଦିଆଯାଇଥିବା ସୂଚନାନୁସାରେ ମହାକାଶରେ ରହଣି ମଧ୍ୟରେ ଷ୍ଟାରଲାଇନର୍‌ରେ



କେତେକ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏହି କାରଣରୁ କୌଣସି ମହାକାଶଚାରୀଙ୍କୁ ଏଥିରେ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବା ଆଦୌ ସୁରକ୍ଷିତ ନଥିଲା। ସୁତରାଂ ଷ୍ଟାର ଲାଇନ୍‌ରକୁ ବିନା କୌଣସି ମହାକାଶ

### ଫେବୃଆରୀରେ ଫେରିବେ ସୁନୀତା, ବୁଚ୍ !

ଯାତ୍ରୀରେ ଫେରିବାକୁ ପଡ଼ିଛି। ଷ୍ଟାର ଲାଇନର ମହାକାଶଯାନ ଆଜି ଭାରତୀୟ ସମୟ ଭୋର ୩.୩୦ରେ ଅନ୍ତର୍ଜାତୀୟ ସ୍ପେସ ଷ୍ଟେଶନ (ଆଇଏସଏସ୍)ରୁ ଅଲଗା ହୋଇଥିଲା ଏବଂ ନିଜ ସ୍ୱାଭାବିକ ବେଗ ସହ ଗତି କରିବା ଆରମ୍ଭ କରିଥିଲା ଏବଂ ସକାଳ ୯.୩୨ରେ ଏହା ଆମେରିକାର ନ୍ୟୁ ମେକ୍ସିକୋର ହ୍ୱାଇଟ୍ ସ୍ୟାଣ୍ଡ ସ୍ପେସ୍ ହାରବର (ମରୁଭୂମି)ରେ ଅବତରଣ କରିଛି।

▶▶ ୭

### ଯୁକ୍ତ ଦୁଇ ନାମଲେଖା

## ଏଣିକି ସାମ୍ସରେ ଛାତ୍ରଛାତ୍ରୀଙ୍କ ତଥ୍ୟ ଦେବ ସ୍କୁଲ

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ଶନିବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଣିକି ଯୁକ୍ତ ଦୁଇ ନାମଲେଖା ପାଇଁ ସାମ୍ସରେ ଛାତ୍ରଛାତ୍ରୀଙ୍କ ତଥ୍ୟ ସ୍କୁଲ ପକ୍ଷରୁ ପ୍ରଦାନ କରାଯିବ। ଶନିବାର +୨ ପରିଷଦର ୪୨ତମ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ ଏହି ସୂଚନା ଦେଇଛନ୍ତି।

▶▶ ୭







ପୋଲିଓ ଟିକାକରଣ ମଧ୍ୟରେ ଇସ୍ରାଏଲ୍‌ର ଘନଘନ ଆକ୍ରମଣ

# ଏୟାରଷ୍ଟ୍ରାଇକ୍: ୨ ଦିନରେ ୬୧ ମୃତ



**କାଇରୋ, ୭।୯/ଏଜେନ୍ସି:** ଗତ ୪୮ ଘଣ୍ଟା ମଧ୍ୟରେ ପାଲେଷ୍ଟାଇନ୍‌ର ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍ ସେନା ପକ୍ଷରୁ କରାଯାଇଥିବା ଘନଘନ ସାମରିକ ଆକ୍ରମଣରେ ଅତି କମରେ ୬୧ ଜଣଙ୍କର ମୃତ୍ୟୁ ହୋଇଛି। କେବଳ ଶନିବାର ଦିନ ପାଲେଷ୍ଟାଇନ୍‌ର କେତେକ ପ୍ରାନ୍ତରେ ଇସ୍ରାଏଲ୍ ସେନା ପକ୍ଷରୁ ହୋଇଥିବା ଆକ୍ରମଣରେ ୨୫ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଗତ ଦୁଇ ଦିନ ମଧ୍ୟରେ ଇସ୍ରାଏଲ୍ ବାୟୁସେନା ମୁଖ୍ୟତଃ ଗାଜାରେ ଥିବା ସ୍କୁଲ ଏବଂ ଆବାସିକ ଅଟ୍ଟାଳିକାଗୁଡ଼ିକୁ ହିଁ ଟାର୍ଗେଟ୍ କରିଛି। ତେବେ ଏହି ୬୧ଜଣ ମୃତକଙ୍କ ମଧ୍ୟରେ କିଛି ମହିଳା ଓ ଶିଶୁ ମଧ୍ୟ ସାମିଲ ଥିବା ଜଣାପଡିଛି। ସେହିପରି ଗାଜା ଷ୍ଟ୍ରିପ୍‌ରେ ସକ୍ରିୟ ଥିବା ହମାସ୍ ଉଗ୍ରବାଦୀଙ୍କୁ ଟାର୍ଗେଟ୍ କରିବା ପୂର୍ବକ ଇସ୍ରାଏଲ ପକ୍ଷରୁ କରାଯାଇଥିବା ଏହି ଆକ୍ରମଣରେ ଶତାଧିକ ଲୋକ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ତେବେ ସବୁଠୁ ବଡ଼ କଥା ହେଉଛି ମିଳିତ ଜାତିସଂଘ (ୟୁଏନ୍) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ଏଠାରେ (ଗାଜା ଷ୍ଟ୍ରିପ୍)ରେ ପୋଲିଓ ଟିକାକରଣ ଅଭିଯାନ ଚଳାଇବା ପାଇଁ ଉଭୟ ପକ୍ଷଙ୍କୁ ସାମୟିକ ଯୁଦ୍ଧ ବିରତି ପାଇଁ ଆହ୍ୱାନ କରିଥିବା ବେଳେ ଇସ୍ରାଏଲ୍ ପକ୍ଷରୁ ଏପ୍ରକାର ଆକ୍ରମଣ କରାଯାଇଛି।

ପ୍ରକାଶ, ଗାଜା ଷ୍ଟ୍ରିପ୍‌ରେ ବିଗତ ୪ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ପୋଲିଓ ମାମଲା ଠାବ କରାଯାଇଛି। ଏଠାରେ ଏକ ନବଜାତକ ପୋଲିଓ ସଂକ୍ରମିତ ହୋଇପଡିଥିବା ଜଣାପଡିବା ପରେ ଏଠାରେ ତୁରନ୍ତ ଟିକାକରଣ କରିବା ପାଇଁ ହୁ' ଏବଂ ୟୁଏନ୍ ପକ୍ଷରୁ ପଦକ୍ଷେପ ଆରମ୍ଭ କରାଯାଇଥିଲା। ଉଭୟ ଇସ୍ରାଏଲ ଏବଂ ହମାସକୁ ସାମୟିକ ଯୁଦ୍ଧ ବିରତି ଘୋଷଣା କରିବା ତଥା ତତ୍‌ସମ୍ପର୍କୀତ ନିୟମଗୁଡ଼ିକୁ ପାଳନ କରିବା ନେଇ ଅନୁରୋଧ କରାଯାଇଥିଲା। ଉଭୟ ପକ୍ଷ ମଧ୍ୟ ଏହି ପ୍ରସ୍ତାବରେ ରାଜି ହୋଇଥିଲେ ଏବଂ ପ୍ରତି ୩ ଦିନର ଅନ୍ତରାଳରେ ୪ ଦଫା ଯୁଦ୍ଧ ବିରତି ପାଳନ କରିବାକୁ ସହମତି ପ୍ରକାଶ କରିଥିଲେ। ବର୍ତ୍ତମାନ ସୁଦ୍ଧା ପାଲେଷ୍ଟାଇନ୍‌ର ଉତ୍ତର ଏବଂ କେନ୍ଦ୍ରୀୟ ଅଞ୍ଚଳଗୁଡ଼ିକରେ ପ୍ରାୟ ୬,୪୦,୦୦୦ରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ ପୋଲିଓ ଟିକାକରଣ କରାଯାଇସାରିଛି। ଏବେ ପୂର୍ବ ଏବଂ ପଶ୍ଚିମ ପ୍ରାନ୍ତରେ ଟିକାକରଣ ହେବା ବାକି ରହିଛି। ଏସବୁ ମଧ୍ୟରେ ଇସ୍ରାଏଲ୍ ସେନା ସାମରିକ ଆକ୍ରମଣ କରାଯାଇଛି।

ଇସ୍ରାଏଲ-ହମାସ ଯୁଦ୍ଧକୁ ୧୧ତମ ମାସ ଅତିକ୍ରମ କରିଛି। ଗତ ବର୍ଷ ଅକ୍ଟୋବର ୭ ତାରିଖରେ ଉଭୟ ପକ୍ଷ ମଧ୍ୟରେ ଦ୍ୱିପାକ୍ଷିକ ଲଢ଼େଇ ଆରମ୍ଭ ହୋଇଥିଲା। ତେବେ ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା କେବଳ ଗାଜା ଷ୍ଟ୍ରିପ୍‌ର ୪୦,୯୩୯ଜଣ (ପାଲେଷ୍ଟାଇନ୍ ନାଗରିକ) ମୃତ୍ୟୁବରଣ କରିଛନ୍ତି। ସେହିପରି ହଜାର ହଜାର ଇସ୍ରାଏଲ୍ ସୈନିକ ମଧ୍ୟ ହମାସ୍ ଆକ୍ରମଣରେ ଏଠାରେ ପ୍ରାଣ ହରାଇଛନ୍ତି। ପ୍ରାୟ ୨.୩ ନିୟୁତ ଜନସଂଖ୍ୟା ବିସ୍ଥାପିତ ହୋଇଛନ୍ତି ଏବଂ ଗାଜାରେ କ୍ଷୁଧା ସଙ୍କଟଜନିତ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଯୁଦ୍ଧ ନିୟମ ଉଲ୍ଲଙ୍ଘନ ତଥା ସାଧାରଣ ଲୋକଙ୍କୁ ହତ୍ୟା କରିଥିବା ଭଳି ଅଭିଯୋଗରେ ଛନ୍ଦି ହୋଇପଡିଥିବା ଇସ୍ରାଏଲ୍ ଅନ୍ତର୍ଜାତୀୟ କୋର୍ଟରେ ହୋଇଥିବା ଜନଶୁଣାଣି ପ୍ରକ୍ରିୟାରେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ଅନ୍ୟପକ୍ଷେ ଇତି ମଧ୍ୟରେ, ଯୁଦ୍ଧ ବନ୍ଦ କରାଯିବା ନେଇ ଦ୍ୱିପକ୍ଷ ମଧ୍ୟରେ ଏକାଧିକ ଥର କୂଟନୈତିକସ୍ତରୀୟ ଆଲୋଚନା ଚେଷ୍ଟା ହୋଇଥିବା ବେଳେ ସବୁକିଛି ବିଫଳ ସାବ୍ୟସ୍ତ ହୋଇଛି। ସେହିପରି ଗାଜାରେ ରଖାଯାଇଥିବା ଇସ୍ରାଏଲ ଏବଂ ବିଦେଶୀ ବନ୍ଧକମାନଙ୍କୁ ମୁକ୍ତ କରିବା ଏବଂ ଇସ୍ରାଏଲରେ ବନ୍ଦୀ ହୋଇଥିବା ଅନେକ ପାଲେଷ୍ଟାଇନୀୟ ଲୋକଙ୍କୁ ମୁକ୍ତ କରିବା ପାଇଁ ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ ଚୁକ୍ତି ମଧ୍ୟ ବିଫଳ ହୋଇଛି।

ପ୍ରକାଶ, ହମାସ୍‌କୁ ଇରାନ୍ ପକ୍ଷରୁ ସମର୍ଥନ ରହିଥିବା ବେଳେ ହିଜବୁଲ୍ଲା ଉଗ୍ରବାଦୀ ସଂଗଠନ ମଧ୍ୟ ଇସ୍ରାଏଲ ସହ ଯୁଦ୍ଧ ଜାରି ରଖିଛି। ଇସ୍ରାଏଲ୍ ସେନା ହିଜବୁଲ୍ଲା ଉଗ୍ରବାଦୀ ସଂଗଠନକୁ ମଧ୍ୟ ଟାର୍ଗେଟ୍ କରିବା ପୂର୍ବକ ଆକ୍ରମଣ ଜାରି ରଖିଛି। ଶନିବାର ମଧ୍ୟ ଲେବାନନ୍ ସ୍ଥିତ ହିଜବୁଲ୍ଲା ସଂଗଠନ ପକ୍ଷରୁ ଇସ୍ରାଏଲ୍ ଉପରେ ଆକ୍ରମଣ କରାଯାଇଥିବା ସମ୍ପର୍କରେ ସୂଚନା ମିଳିଛି। ନିଜେ ଇସ୍ରାଏଲ୍ ପକ୍ଷରୁ ଏହାକୁ ସ୍ପଷ୍ଟ କରାଯାଇଛି। ତେବେ ଏହି ଆକ୍ରମଣରେ କୌଣସି କ୍ଷୟକ୍ଷତି ହୋଇନଥିବା ଇସ୍ରାଏଲ୍ ଦର୍ଶାଇଛି।

## ୱେଷ୍ଟବ୍ୟାଙ୍କ୍ ପ୍ରତିବାଦ

# ଇସ୍ରାଏଲ୍ ସେନା ଗୁଳିରେ ତୁର୍କୀ-ଆମେରିକୀୟ ମହିଳା ମୃତ



ଜେନିନ୍ ଠାରେ ଇସ୍ରାଏଲ୍ ସେନା ପକ୍ଷରୁ କରାଯାଇଥିବା ୧୦ ଦିନିଆ ରେଡ୍ ଏବଂ ଏହି ସମୟରେ ଇସ୍ରାଏଲ୍ ସେନା ଦ୍ୱାରା କରାଯାଇଥିବା ଅନେକ ଗିରଫଦାରୀ ତଥା ଗୁଳିମାଡ ଘଟଣାକୁ ବିରୋଧ ତଥା ହମାସ୍‌କୁ ଟାର୍ଗେଟ୍ ଆଳରେ ଗାଜା ଷ୍ଟ୍ରିପ୍‌ରେ ନୀରିହ ଜନସାଧାରଣଙ୍କୁ ହତ୍ୟାର ପ୍ରତିବାଦ କରି ୱେଷ୍ଟବ୍ୟାଙ୍କ୍ ଠାରେ ସ୍ଥାନୀୟ ଲୋକଙ୍କ ବିରୋଧ ତଥା ପ୍ରତିବାଦ ଶୋଭାଯାତ୍ରା ଜାରି ରହିଛି। ଏହି ଶୋଭାଯାତ୍ରା ସମୟରେ ଇସ୍ରାଏଲ୍ ସେନା (ଆଇଡିଏଫ୍) ଜଣେ ତୁର୍କୀ-ଆମେରିକୀୟ ମହିଳା ତଥା ଅନ୍ତର୍ଜାତୀୟ ସଲିଡାରିଟି ମୁଭମେଣ୍ଟ (ଆଇଏସଏମ) ର ସଦସ୍ୟଙ୍କୁ ଗୁଳି କରିଥିବା ଏବଂ ଗୁଳିଟି ମହିଳାଙ୍କ ମୁଣ୍ଡରେ ବାଜିବାରୁ ସେ ମୃତ୍ୟୁବରଣ କରିଥିବା ଜଣାପଡିଛି। ୨୬ ବର୍ଷ ବୟସ୍କ ତୁର୍କୀ-ଆମେରିକୀୟ କାର୍ଯ୍ୟକର୍ତ୍ତା ଆଏସେନୁର ଏଜ୍‌ଗି ଆଇଗି, ଶୁକ୍ରବାର ଦିନ ଇସ୍ରାଏଲ୍ ଅଧିକୃତ ୱେଷ୍ଟବ୍ୟାଙ୍କ୍‌ର ବେଟା ସହରରେ ସମାଧାନ ବିରୋଧୀ ବିକ୍ଷୋଭରେ ଭାଗ ନେଉଥିବା ବେଳେ ତାଙ୍କୁ ଇସ୍ରାଏଲ୍ ସେନା ପକ୍ଷରୁ ଗୁଳି କରି ହତ୍ୟା କରାଯାଇଛି।

ତୁର୍କୀ ଏହି ହତ୍ୟାକାଣ୍ଡକୁ ତୀବ୍ର ନିନ୍ଦା କରିବା ସହ ଏହି କାର୍ଯ୍ୟକୁ ବର୍ବରୋଚିତ ବୋଲି କହିଛି। ରାଷ୍ଟ୍ରପତି ରିସେପ ତାଇପ ଏରଦଗାନ୍ ଏହି ଘଟଣାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଇସ୍ରାଏଲ୍ ସରକାରଙ୍କ ଉତ୍ତରଦାୟିତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷେ ଆମେରିକା ମଧ୍ୟ ଏହି ଘଟଣାକୁ ଦୁଃଖଦ ବୋଲି ବର୍ଣ୍ଣନା କରିଛି ଏବଂ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ କହିଛି। ହ୍ୱାଇଟ୍ ହାଉସର ପ୍ରେସ ସଚିବ କରାଇନ୍ ଜାନ-ପିଆର କହିଛନ୍ତି ଯେ ଜଣେ ଆମେରିକୀୟ ନାଗରିକଙ୍କ ଦୁଃଖଦ ମୃତ୍ୟୁକୁ ନେଇ ଆମେରିକା ସରକାର ଅତ୍ୟନ୍ତ ମର୍ମାହତ। ଆମେରିକା ପକ୍ଷରୁ ଇସ୍ରାଏଲ୍ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଏବଂ କାର୍ଯ୍ୟାନୁଷ୍ଠାନକୁ ଅନୁରୋଧ କରାଯାଉଛି। ତେବେ କେବଳ ଆମେରିକା କିମ୍ବା ତୁର୍କୀ ନୁହେଁ ବରଂ ମିଳିତ ଜାତିସଂଘ ତଥା ଅନ୍ତର୍ଜାତୀୟ ସ୍ତରରେ ଇସ୍ରାଏଲ୍ ସେନାର ଏପ୍ରକାର ବର୍ବୋରୋଚିତ କାଣ୍ଡକୁ ତୀବ୍ର ନିନ୍ଦା କରାଯାଇଛି।

# ଖାର୍‌କିଭ୍‌ରେ 'ଡ୍ରାଗନ ଡ୍ରୋନ୍'ର ନିଆଁ ବର୍ଷା



**ମସ୍କୋ, କିଭ୍, ୭।୯/ଏଜେନ୍ସି:** ୟୁକ୍ରେନ୍ ପକ୍ଷରୁ ରୁଷ୍ ଦଖଲରେ ଥିବା ଖାରକିଭ୍ ଅଞ୍ଚଳରେ ଘାତକ ଡ୍ରୋନ୍ ଆକ୍ରମଣ ହୋଇଛି। ଏହାକୁ ୟୁକ୍ରେନ୍‌ର ଡ୍ରାଗନ୍ ଡ୍ରୋନ୍ ଭାବେ ଅଭିହିତ କରାଯାଉଛି। ୟୁକ୍ରେନ୍‌ର ଏହି ଡ୍ରାଗନ୍ ଡ୍ରୋନ୍ ଖାରକିଭ୍ ଅଞ୍ଚଳରେ ଘାତକ ଥରମାଇଟ୍ ବୋମା (ଆଲୁମିନିୟମ୍ ପାଉଡର ଏବଂ ଆଇରନ୍ ଅକ୍ସାଇଡ୍‌ର ମିଶ୍ରଣ) ବା ମୋଲଟେନ୍ ମେଟାଲ ମାଡ଼ କରିଛି। ଏହି ଡ୍ରାଗନ୍ ବୋମା ଏହା ଆଖି ପିଛୁଳାକେ ସବୁ କିଛି ଜାଳି ଦେବାର କ୍ଷମତା ରଖିଛି।

ୟୁକ୍ରେନର ୬୦ତମ ମେକାନାଇଜଡ୍ ବ୍ରିଗେଡ୍ ପକ୍ଷରୁ ଡ୍ରାଗନ୍ ଡ୍ରୋନ୍‌ର ଏହି ଭୟଙ୍କର ଆକ୍ରମଣଜନିତ ଫୁଟେଜକୁ ଶେୟାର କରାଯାଇଛି। ବ୍ରିଗେଡ୍ ଦର୍ଶାଇଛି ଯେ, ଅନ୍ୟ ଅସ୍ତ୍ରଶସ୍ତ୍ର ଯାହା ସଠିକ ଭାବେ କରିପାରି ନଥାଏ, ତା'କୁ ଡ୍ରାଗନ ଡ୍ରୋନ କରିପାରିଛି। ଏହା ଶତ୍ରୁ ପକ୍ଷକୁ ବିପଦରେ ପକାଇଛି। ଖୋରନେ ଗ୍ରୁପ୍ ନାମ ଏକ ଟେଲିଗ୍ରାମ ଚ୍ୟାନେଲରେ ମଧ୍ୟ ଘଟଣା ବେଳର ଦୃଶ୍ୟକୁ ଶେୟାର କରାଯାଇଛି। ଏଥିରେ ଅଳ୍ପ ଉଚ୍ଚରେ ଉଡୁଥିବା ୟୁକ୍ରେନର ଡ୍ରାଗନ ଡ୍ରୋନ ଥରମାଇଟେ ବୋମା ମାଡ଼ କରୁଥିବା ଏବଂ ନିମିଷକେ ସବୁକିଛି ଜଳିପୋଡି ପାଉଁଶ ହୋଇଯାଇଥିବାର ଦେଖିବାକୁ ମିଳିଛି। ପ୍ରକାଶ, ଖାରକିଭ୍‌ରେ ଏବେ ରୁଷ୍ ସେନା ଡେରା ପକାଇଥିବା ବେଳେ ଅନେକ ସାମରିକ ଉପକରଣ ଏବଂ ଗାଡିସବୁ ରଖିଛି। ତେବେ ଏସବୁକୁ ଟାର୍ଗେଟ୍ କରି ଏହି ଥରମାଇଟ୍ ବୋମା ମାଡ଼ କରାଯାଇଛି। ଫଳରେ ରୁଷ୍ ସେନାର ଏକାଧିକ ଗାଡ଼ି, ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଜିନିଷ ସବୁକିଛି ପୋଡିଜଳି ନଷ୍ଟ ହୋଇଯାଇଛି।

ପ୍ରକାଶ, ୨୦୨୩ରେ ରୁଷ ପକ୍ଷରୁ ୟୁକ୍ରେନ୍‌ର ଭୁହଲେଦାରରେ ଥରମାଇଟେ ବୋମାର ବ୍ୟବହାର କରାଯାଇଥିଲା। ଟ୍ୟାଙ୍କ୍ ଯୁଦ୍ଧରେ ରୁଷ୍ ହାରିବାରୁ ଏହି ବୋମାର ବ୍ୟବହାର କରିଥିଲା। ଏବେ ୟୁକ୍ରେନ ସମାନ ପଦକ୍ଷେପ ଗ୍ରହଣ କରି ରୁଷ ଦଖଲରେ ଥିବା ଅଞ୍ଚଳରେ ହମଲା କରିଛି। ଏହି ଅସ୍ତ୍ରକୁ ପୂରା ବିଶ୍ୱରେ ସବୁଠାରୁ ବିପଦଜନକ ଅସ୍ତ୍ର ଭାବେ ବିବେଚନା କରାଯାଏ। ଯୁଦ୍ଧରେ ଏପ୍ରକାର ବୋମାର ପ୍ରୟୋଗ ଉପରେ କେତେକ ବାରଣ ରହିଛି। କିନ୍ତୁ ଏହାସତ୍ତ୍ୱେ ପ୍ରଥମେ ରୁଷ୍ ପକ୍ଷରୁ ଏବଂ ଏବେ ୟୁକ୍ରେନ୍ ପକ୍ଷରୁ ଏହି ବୋମାର ପ୍ରୟୋଗ କରାଯାଇଛି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ଆମେରିକା, ୟୁରୋପୀୟ ରାଷ୍ଟ୍ର ଏବଂ ନାଟୋ ପକ୍ଷରୁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ଇରାନ୍ ସରକାର ରୁଷ୍‌କୁ ସର୍ଟ ରେଞ୍ଜ୍ ବାଲିଷ୍ଟିକ୍ ମିସାଇଲ୍ ଯୋଗାଇଥିବା ଜଣାପଡିଛି। ୟୁକ୍ରେନ୍ ସହ ରୁଷ୍‌ର ଯୁଦ୍ଧ ଜାରି ରହିଥିବା ବେଳେ ରୁଷ୍‌କୁ ଇରାନ୍ ଏପ୍ରକାର ମିସାଇଲ୍ ଯୋଗାଇବାକୁ ନେଇ ଏବେ ସମଗ୍ର ବିଶ୍ୱ ସତର୍କ ହୋଇଉଠିଛି। ରୁଷ୍-ୟୁକ୍ରେନ୍ ଯୁଦ୍ଧ ଏବଂ ଇସ୍ରାଏଲ୍‌ର ଗାଜା ଷ୍ଟ୍ରିପ୍‌ରେ ଏପ୍ରକାର ଆକ୍ରମଣ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ପ୍ରଥମଥର ପାଇଁ ଏକତ୍ର ହୋଇଛନ୍ତି ଆମେରିକା ଏବଂ ବ୍ରିଟେନ୍‌ର ଗୁଇନ୍ଦା ପ୍ରମୁଖ। ଆମେରିକା ଗୁଇନ୍ଦା ବିଭାଗ ସିଆଇଏ ମୁଖ୍ୟ (ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି ନିର୍ଦ୍ଦେଶକ) ୱିଲିୟମ୍ ବର୍ଣ୍ଣସ ଏବଂ ବ୍ରିଟେନ୍‌ର ଗୁଇନ୍ଦା ବିଭାଗ ଏମ୍‌ଆଇ୬ର ମୁଖ୍ୟ ରିଚାର୍ଡ ମୁରେଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଏହି ଦୁଇ ପ୍ରସଙ୍ଗରେ ବ୍ୟାପକ ଚର୍ଚ୍ଚା ହୋଇଥିବା ସୂଚନା ମିଳିଛି। ରୁଷ୍‌କୁ ଇରାନ୍ ପକ୍ଷରୁ ଦିଆଯାଇଥିବା ବାଲିଷ୍ଟିକ୍ ମିସାଇଲ୍ ଉପରେ ମଧ୍ୟ ଏମାନେ ବିଚାରବିମର୍ଶ କରିଛନ୍ତି।



ସିଆଇଏ ମୁଖ୍ୟ ୱିଲିୟମ୍ ବର୍ଣ୍ଣସ ଏବଂ ଏମ୍‌ଆଇ୬ ମୁଖ୍ୟ ରିଚାର୍ଡ ମୁରେ

# ପୁଣି ଗଧିଆ ଆକ୍ରମଣ, ପରିବାରର ୫ ଗୁରୁତର

**ଭୋପାଳ,୭।୯/ଏଜେନ୍ସି:** ଉତ୍ତରପ୍ରଦେଶର ବହରାଇଚରେ ଗଧିଆ ଆତଙ୍କ ଜାରି ରହିଥିବା ବେଳେ ଏବେ ମଧ୍ୟପ୍ରଦେଶରୁ ମଧ୍ୟ ସମାନ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ମଧ୍ୟପ୍ରଦେଶର ଖଣ୍ଡୱାର ଆଦିବାସୀବହୁଳ ଅଞ୍ଚଳ ମାଲଗାଁରେ ଗଧିଆ ଆକ୍ରମଣରେ ଗୋଟିଏ ପରିବାରର ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଗତ ରାତିରେ ଏକ ପରିବାରର ୫ ସଦସ୍ୟ ଘର ବାହାରେ ଶୋଇଥିଲେ। ଉକ୍ତ ସମୟରେ ଏକ ଗଧିଆ ପହଞ୍ଚି ସେମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ତେବେ ହୋହଲ୍ଲା ଯୋଗୁ ଗ୍ରାମବାସୀମାନେ ମିଳିତ ଭାବେ ଗଧିଆ ଉପରେ ଆକ୍ରମଣ କରିଥିଲେ ଏବଂ ପିଟିପିଟି ମାରିଦେଇଥିଲେ। ଅନ୍ୟପକ୍ଷେ ଗଧିଆ ଆକ୍ରମଣରେ ପରିବାର ସଦସ୍ୟଙ୍କ ଠାରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ରିପୋର୍ଟ ଲେଖାହେବା ବେଳକୁ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡିଛି। ଖବର ପାଇ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମାଲଗାଁ ପାଖରେ ଘଞ୍ଚ ଜଙ୍ଗଲ ଥିବାରୁ ସେଠାରୁ ବେଳେବେଳେ ପଶୁମାନେ ଶିକାର ଉଦ୍ଦେଶ୍ୟରେ ଗାଁକୁ ପଶିଆସନ୍ତି ବୋଲି ଅଧିକାରୀ କହିଛନ୍ତି। ତେବେ ଏହି ଘଟଣା ପରେ ମାଲଗାଁ ବାସିନ୍ଦାଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି।

# ମଣିପୁରରେ ବ୍ୟାପକ ହେଲା ହିଂସା: ଜିରିବାମରେ ୬ ମୃତ



**ଇମ୍ଫାଲ,୭।୯/ଏଜେନ୍ସି:** ବିଷ୍ଣୁପୁର ଜିଲ୍ଲାର ମୋଇରଙ୍ଗ ଅଞ୍ଚଳରେ ଥିବା ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ମରେରମ୍ବ କୋରେଙ୍ଗ ସିଂଙ୍କ ଘର ବାହାରେ ହୋଇଥିବା ରକେଟ୍ ମାଡ଼ ଘଟଣାର ଠିକ୍ ଦିନକ ପରେ ଜିରିବାମ୍‌ରେ ସଂଘଠିତ ହୋଇଛି ବ୍ୟାପକ ହିଂସାକାଣ୍ଡ। ଏଥିରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କିଛି ଲୋକ ଆହତ ହୋଇଛନ୍ତି। ସରକାରୀ ରିପୋର୍ଟ ଅନୁସାରେ ନଙ୍ଗଚାପ୍ପୀ ଗ୍ରାମରେ ଆଜି ଭୋର ସମୟରେ ମୈତେଇ ସମ୍ପ୍ରଦାୟର ଜଣେ ବୃଦ୍ଧ ଶୋଇଥିବା ଅବସ୍ଥାରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଫଳରେ ପ୍ରତିଶୋଧ ପରାୟଣ ହୋଇପଡିଥିବା ମୈତେଇ ସମ୍ପ୍ରଦାୟ ପକ୍ଷରୁ ପ୍ରତିପକ୍ଷ କୁକି ସମ୍ପ୍ରଦାୟର ଲୋକଙ୍କ ଉପରେ ଗୁଳିମାଡ଼ କରାଯାଇଥିଲା। ସେହିପରି କୁକି ସମ୍ପ୍ରଦାୟ ପକ୍ଷରୁ ମଧ୍ୟ ପାଲଟା ଗୁଳିମାଡ଼ କରାଯାଇଥିଲା। ତେବେ ଏହି ଗୁଳିବିନିମୟ ପ୍ରକ୍ରିୟାରେ କୁକି ସମ୍ପ୍ରଦାୟର ୪ଜଣ ଏବଂ ମୈତେଇ ସମ୍ପ୍ରଦାୟର ଜଣକୁ ମିଶାଇ ମୋଟ୍ ୫ଜଣ ପ୍ରାଣ ହରାଇଛନ୍ତି।

ମୈତେଇ ଏବଂ କୁକି-ଜୋ ଆଦିବାସୀମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଜାତିଗତ ହିଂସା ରାଶିଦପୁରକୁ ସମ୍ପ୍ରସାରିତ ହୋଇଛି। ଶନିବାର ଭୋର ସମୟରୁ ଆରମ୍ଭ ହୋଇଥିବା ଗୁଳି ବିନିମୟ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଜାରି ରହିଥିଲା। ତଥାପି ଅଞ୍ଚଳରେ ଉତ୍ତେଜନା ରହିଥିବାରୁ ସେଠାରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ଆସାମର କାଚର ଜିଲ୍ଲା ସୀମାବର୍ତ୍ତୀ ମଣିପୁରର ପଶ୍ଚିମ ସୀମାନ୍ତରେ ଅବସ୍ଥିତ ଜିରିବାମ୍‌ରେ ପ୍ରେ ମୈତେଇ, କୁକି-ଜୋ ଆଦିବାସୀ, ନାଗା ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ମିଶ୍ରିତ ଜନସଂଖ୍ୟା ଅଛି। ଗତ ବର୍ଷ ମେ' ୩ରେ ସୃଷ୍ଟି ହୋଇଥିବା ଜାତିଗତ ହିଂସାକାଣ୍ଡ ପରେ ଏହି ଅଞ୍ଚଳରେ ପରିସ୍ଥିତି ଅତ୍ୟନ୍ତ ହିଂସାତ୍ମକ ହୋଇପଡିଛି।

# ଆଇଏଏସ୍ ପଦରୁ ବିଦା ହେଲେ ପୂଜା ଖେଡ଼୍‌କର

**ନୂଆଦିଲ୍ଲୀ,୭।୯/ଏଜେନ୍ସି:** ଜାଲିଆତି କରି ଆଇଏଏସ୍ ହୋଇଥିବା ଭଳି ସଂଗୀନ ଅଭିଯୋଗରେ ଛନ୍ଦି ହୋଇପଡିଥିବା ତଥା ବିବାଦୀୟ ଟ୍ରେନି ଆଇଏଏସ୍ ଅଫିସର (କ୍ୟାଡର ପଦ୍ଧ ରଦ୍ଦ ହୋଇସାରିଛି) ପୂଜା ଖେଡକରଙ୍କୁ କେନ୍ଦ୍ର ସରକାର ତତ୍କାଳ ଭାବେ ଆଇଏସ ନିୟମ ୧୯୫୪ର ଧାରା ୧୨ ଅଧୀନରେ କାର୍ଯ୍ୟାନ୍ତର ନିର୍ଦ୍ଦେଶ ଦେଇଛନ୍ତି। ସେ ଓବିସି ଓ ଦିବ୍ୟାଙ୍ଗ ସଂରକ୍ଷଣର ଅପବ୍ୟବହାର କରି ପ୍ରଶାସନିକ ସେବା ପରୀକ୍ଷାରେ ଫାଇଦା ହାସଲ କରିଥିବା ଅଭିଯୋଗ ହୋଇଥିଲା। ଏହି କାରଣରୁ କେନ୍ଦ୍ର ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସ୍ପଷ୍ଟ କରାଯାଇଛି। ସେପ୍ଟେମ୍ବର ୬ରେ ଅର୍ଥାତ୍ ଗତକାଲି ଖେଡକରଙ୍କ ବିରୋଧରେ ଏହି ନିର୍ଦ୍ଦେଶ ତତ୍କାଳ ଭାବେ ଲାଗୁ ହୋଇଥିବା ମଧ୍ୟ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ପ୍ରକାଶ, ୨୦୨୩ ବ୍ୟାଚ୍‌ର ଆଇଏଏସ୍ ପୂଜାଙ୍କୁ ପୁଣେରେ ଟ୍ରେନି ଅଧିକାରୀ ଭାବେ ନିଯୁକ୍ତି ମିଳିଥିଲା। ତେବେ ସେ କ୍ଷମତାର ଅପବ୍ୟବହାର କରିଥିବା ଅଭିଯୋଗ ଆସିଥିବା ପରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ପରେ ସେ ନିଜ ନାଁ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରମାଣପତ୍ରରେ ଜାଲିଆତି କରିଥିବା ଅଭିଯୋଗ ଆସିଥିଲା।



ଗତ ମାସ ଅର୍ଥାତ୍ ଅଗଷ୍ଟରେ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ତାଙ୍କ ଚୟନ ତଥା କ୍ୟାଡର ପଦ୍ଧ ରଦ୍ଦ କରାଯାଇସାରିଥିବା ବେଳେ ଏବେ କେନ୍ଦ୍ର ସରକାର ତାଙ୍କ ବିରୋଧରେ ଏପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜୁଲାଇ ୩୧ରେ ୟୁପିଏସ୍‌ସି ପୂଜା ଖେଡକରଙ୍କ ପ୍ରୋଭିଜନାଲ ପ୍ରାର୍ଥିତ୍ୱକୁ ବାତିଲ କରିଥିଲା ଓ ତାଙ୍କୁ ଭବିଷ୍ୟତରେ ପ୍ରଶାସନିକ ସେବାର ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲା। ପୂଜା ଖେଡକର ପ୍ରଶାସନିକ ସେବା ପରୀକ୍ଷା ନିୟମ ୨୦୨୨କୁ ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ ନିଜର ନକଲି ପରିଚୟ ଦେଇ ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇଥିବା ପ୍ରମାଣିତ ହୋଇଛି। କେବଳ ସେତିକି ନୁହେଁ, ୟୁପିଏସ୍‌ସି ପକ୍ଷରୁ ତାଙ୍କ ବିରୋଧରେ ଠକେଇ, ଧୋକା ଓ ହେରଫେର ଭଳି ଅପରାଧିକ ମାମଲା ମଧ୍ୟ ରୁଜୁ କରିଛି। ୟୁପିଏସସିର ଏହି ନିଷ୍ପତ୍ତିକୁ ପୂଜା ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ପ୍ରାର୍ଥିତ୍ୱକୁ ବାତିଲ କରିବାର ଅଧିକାର ୟୁପିଏସ୍‌ସିର ନାହିଁ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ। ଜଣେ ଆଶାୟୀ ଥରେ ଆଇଏଏସ୍ ଭାବେ ଚୟନ ହେବା ପରେ ଓ ଜଣେ ଟ୍ରେନି ଆଇଏଏସ୍ ଭାବେ ତାଙ୍କୁ ନିଯୁକ୍ତି ମିଳିବା ପରେ ୟୁପିଏସସି ଉକ୍ତ ବ୍ୟକ୍ତିଙ୍କୁ ଅଯୋଗ୍ୟ ବିବେଚନା କରିବାକୁ କ୍ଷମତା ହରାଇଥାଏ। କେବଳ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ହିଁ ଏକମାତ୍ର ସଂସ୍ଥା ଭାବେ ସର୍ବ ଭାରତୀୟ ସେବା ଆଇନ୍ ୧୯୫୪ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇପାରିବ। ତେବେ ହାଇକୋର୍ଟରେ ଏହି ମାମଲା ବିଚାରାଧୀନ ରହିଥିବା ବେଳେ ଏବେ କେନ୍ଦ୍ର ସରକାର ପୂଜାଙ୍କୁ ଆଇଏଏସ୍ ପଦରୁ ନିଷ୍କାସିତ କରିଛନ୍ତି।

## ସମୁଦ୍ର ଉପକୂଳରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍‌ର ବିଶାଳ ଭଣ୍ଡାର

# ବଦଳିବ ପାକିସ୍ତାନର ଭାଗ୍ୟ !



**ଇସଲାମାବାଦ୍,୭।୯/ଏଜେନ୍ସି:** ପାକିସ୍ତାନ ସାମୁଦ୍ରିକ ଉପକୂଳରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍‌ର ବିପୁଳ ଭଣ୍ଡାର ରହିଥିବା ସମ୍ପର୍କରେ ଜଣାପଡିଛି। ଏସମ୍ପର୍କରେ ସୂଚନା ମିଳିବା ମାତ୍ରେ ପାକିସ୍ତାନ ସରକାର ବେଶ୍ ତତ୍ପର ହୋଇପଡିଛି। ରିପୋର୍ଟ ଅନୁଯାୟୀ, ଯଦି ପାକିସ୍ତାନ ଏହି ଭଣ୍ଡାରୁ ପେଟ୍ରୋଲିୟମ୍ ଉତ୍ତୋଳନ କରିବାରେ ସଫଳ ହୁଏ ତେବେ ଏହା ପାକିସ୍ତାନର ଆର୍ଥିକ ସ୍ଥିତିକୁ ଅନେକାଂଶରେ ସୁଦୃଢ଼ କରିଦେଇପାରିବ। ମୋଟାମୋଟି ସମଗ୍ର ପାକିସ୍ତାନର ଭାଗ୍ୟ ଏବେ ଏହି ପେଟ୍ରୋଲିୟମ ଭଣ୍ଡାର ଉପରେ ନିର୍ଭରଶୀଳ ରହିଛି। ପ୍ରକାଶ, ଏଠାରେ ବାସ୍ତବରେ ତୈଳ ଓ ଗ୍ୟାସ ଭଣ୍ଡାରର ଉପସ୍ଥିତି ସମ୍ପର୍କରେ ଆଭାସ ମିଳିଥିଲା। କିନ୍ତୁ ଏସମ୍ପର୍କରେ ନିଶ୍ଚିତ କରିବା ପାଇଁ ପାକିସ୍ତାନ ସରକାର ଚୀନ୍ ସହାୟତାରେ ଗତ ତିନି ବର୍ଷ ଧରି ଏକ ସର୍ଭେ କାର୍ଯ୍ୟ ଚଳାଇଥିଲା। ସାମ୍ନାକୁ ଆସିଥିବା ବୃତାନ୍ତ ରିପୋର୍ଟରେ ଏଠାରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସର ବିପୁଳ ଭଣ୍ଡାର ରହିଥିବା ସ୍ପଷ୍ଟ ହୋଇଛି।

ପାକିସ୍ତାନ ଭୌଗୋଳିକ ସର୍ବେକ୍ଷଣ ବିଭାଗ ଏହି ତୈଳଭଣ୍ଡାରକୁ ଚିହ୍ନଟ କରିଛି। ସର୍ଭେକାରୀ ସଂସ୍ଥା ତଥା ବିଭାଗଗୁଡ଼ିକ ପାକିସ୍ତାନ ଜଳସୀମାରେ ଥିବା ତୈଳ ସମ୍ପଦ ସମ୍ପର୍କରେ ସରକାରଙ୍କୁ ଅବଗତ କରାଇଛନ୍ତି। ଏହି ସମ୍ବଳରୁ ଉପକୃତ ହେବା ପାଇଁ ପାକ୍ ସରକାର ଏବେ ନିଲାମ ଏବଂ ଅନୁସନ୍ଧାନ ପ୍ରସ୍ତାବଗୁଡ଼ିକୁ ଅଧ୍ୟୟନ କରୁଛନ୍ତି। ନିକଟ ଭବିଷ୍ୟତରେ ଏଠାରେ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରାଯାଇପାରିବ ଏବଂ ପରବର୍ତ୍ତୀ ସମୟରେ ପେଟ୍ରୋଲିୟମ୍ ଉତ୍ତୋଳନ ମଧ୍ୟ କରାଯିବ ବୋଲି ଜଣେ ବରିଷ୍ଠ ପାକ୍ ଅଧିକାରୀ କହିଛନ୍ତି। ତେବେ ପେଟ୍ରୋଲିୟମ୍ ଉତ୍ତୋଳନ ପାଇଁ ବର୍ଷାଧିକ ସମୟ ଲାଗିପାରେ। କେତେକ ଆକଳନରୁ ଜଣାପଡିଛି ଯେ ପାକିସ୍ତାନର ଏହି ଆବିଷ୍କାର ବିଶ୍ୱର ଚତୁର୍ଥ ବୃହତ୍ତମ ତୈଳ ଓ ଗ୍ୟାସ ଭଣ୍ଡାର ସାବ୍ୟସ୍ତ ହୋଇପାରେ।

ବିଶ୍ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ୨୦୨୨ର ଭୟଙ୍କର ବନ୍ୟା ପରିସ୍ଥିତି ଏବଂ ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁ ପାକିସ୍ତାନର ଅର୍ଥନୀତି ବାଧାପ୍ରାପ୍ତ ହୋଇଥିଲା। ତେବେ ଏହି ସମୟରେ ପାକିସ୍ତାନ ସରକାରଙ୍କ ଅଦୂରଦ୍ରଷ୍ଟିତାପୂର୍ଣ୍ଣ ନୀତି ଏବଂ ମାତ୍ରାଧିକ ଋଣ ସମଗ୍ର ପାକିସ୍ତାନର ଅର୍ଥନୀତିକୁ ଧ୍ୱସ୍ତ କରିଦେଇଥିଲା। ପରିଣାମସ୍ୱରୂପ ପାକିସ୍ତାନ ଏବେ ଦେବାଳିଆ ସ୍ଥିତି ଦେଇ ଗତି କରୁଛି। ୨୦୨୪ ପାଇଁ ପାକିସ୍ତାନର ଅଭିବୃଦ୍ଧି ଆକଳନ ମାତ୍ର ୧.୭%କୁ ଖସିଆସିଛି। ୨୦୨୩ ସୁଦ୍ଧା ମୋଟ୍ ବାହ୍ୟ ଋଣ ପରିମାଣ ୧୨୬ ବିଲିୟନ ଡ଼ଲାରରୁ ଅଧିକ ହୋଇଥିବାରୁ ଦେଶ ମଧ୍ୟ ଅତ୍ୟଧିକ ଋଣଗ୍ରସ୍ତ ହୋଇଛି। ଉଚ୍ଚ ମୁଦ୍ରାସ୍ଫୀତି, ବିଦେଶ ମୁଦ୍ରା ଭଣ୍ଡାର ହ୍ରାସ ଏବଂ ଆର୍ଥିକ ଚାପ ବୃଦ୍ଧି ପାକିସ୍ତାନର ଅର୍ଥନୀତିକୁ ଅତ୍ୟନ୍ତ ଖରାପ କରିଦେଇଛି।

# ଭିନେଶଙ୍କ ବିରୋଧରେ ପ୍ରଚାର କରିବେ ବ୍ରିଜଭୂଷଣ



**ଚଣ୍ଡିଗଡ଼, ୭।୯/ଏଜେନ୍ସି:** ଦିନକ ପୂର୍ବେ ଅନ୍ତର୍ଜାତୀୟ ରେସଲର ଭିନେଶ ଫୋଗଟ୍ ଏବଂ ବଜରଙ୍ଗ ପୁନିଆ କଂଗ୍ରେସରେ ସାମିଲ ହୋଇଥିବା ବେଳେ ଉଭୟଙ୍କୁ ଆଗାମୀ ହରିଆଣା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଟିକଟ ମଧ୍ୟ ଦେଇଛି। ଏହାକୁ ନେଇ ପ୍ରଦେଶ କଂଗ୍ରେସରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦଳର ପୁରୁଣା କର୍ମୀ ଓ ନେତାଙ୍କୁ ବାଦ୍ ଦେଇ ଭିନେଶ ଏବଂ ବଜରଙ୍ଗଙ୍କୁ ଟିକଟ ଦିଆଯିବାକୁ ନେଇ କଂଗ୍ରେସର କେତେକ ନେତା ତଥା କର୍ମୀ ଅସହ୍ୟ ହୋଇପଡିଛନ୍ତି। ଏସବୁ ମଧ୍ୟରେ ପୂର୍ବତନ ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫଆଇ) ଏବଂ ପୂର୍ବତନ ବିଜେପି ସାଂସଦ ବ୍ରିଜଭୂଷଣ ଶରଣ ସିଂହଙ୍କ ଏକ ବଡ଼ ବିବୃତ୍ତି ସାମ୍ନାକୁ ଆସିଛି। ସେ କହିଛନ୍ତି ଯେ, ସେ ଭିନେଶଙ୍କ ବିରୋଧରେ ପ୍ରଚାର କରିବେ। ଭିନେଶ ଜାଲିଆତି କରିଥିଲେ ସେହି କାରଣରୁ ଭଗବାନ ତାଙ୍କୁ ଦଣ୍ଡିତ କରିଛନ୍ତି ଏବଂ ସେ ଅଲିମ୍ପିକ୍ସରେ ପରାଜିତ ହେଲେ ବୋଲି ମଧ୍ୟ ବ୍ରିଜ୍‌ଭୂଷଣ କହିଛନ୍ତି। ସେହିପରି ବଜରଙ୍ଗଙ୍କ ସମ୍ପର୍କରେ ମନ୍ତବ୍ୟ ଦେଇ ସେ କହିଛନ୍ତି ଯେ, ବିନା ଟ୍ରାଏଲ୍ସରେ ଏସିଆନ୍ ଗେମ୍ସକୁ ଯାଇଥିଲେ। ଭିନେଶ ଏବଂ ବଜରଙ୍ଗ ଏବେ କଂଗ୍ରେସ ପାର୍ଟିର ମୋହରା ସାଜିଛନ୍ତି ବୋଲି ବ୍ରିଜଭୂଷଣ କହିଛନ୍ତି।

# ସାଂସଦମାନେ ଦଳ ଛାଡ଼ିଲେ ବଡ଼ ପ୍ରଭାବ ପଡ଼ିବ: ଅମର

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:** ସାଂସଦମାନେ ଦଳ ଛାଡ଼ିଲେ ବଡ ପ୍ରଭାବ ପଡ଼ିବ। ଏହା କହିଛନ୍ତି ବରିଷ୍ଠ ବିଜେଡି ନେତା ଅମର ଶତପଥୀ। ସେ କହିଛନ୍ତି, ମୋ ପାଖେ ତଥ୍ୟ ନାହିଁ, କିଏ ଆଉ ଦଳ ଛାଡ଼ିବେ। ଏ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେନେଇ ଆମକୁ ଆତ୍ମନିରୀକ୍ଷଣ କରିବାର ଆବଶ୍ୟକତା ରହିଛି। ଯେଉଁମାନେ ଦଳର ଆଗଧାଡ଼ିରେ ଥିଲେ, କାହିଁକି ସେମାନେ ଦଳ ଛାଡୁଛନ୍ତି ତା'ର ଆତ୍ମନିରୀକ୍ଷଣ ହେବା ଦରକାର। ଅନ୍ୟ ଉପରେ ଦାୟିତ୍ୱ ଦେଇ ଖସିଗଲେ ହେବନି। ଅଧିକ ତର୍ଜମା ହେବା ଦରକାର। କେହି ବ୍ୟକ୍ତିଗତ ଭାବେ ଗଲେ ଦଳ କ୍ଷତିଗ୍ରସ୍ତ ହୁଅନ୍ତା ନାହିଁ। କିନ୍ତୁ ସଂସଦକୁ ଯାଇଥିବା ବ୍ୟକ୍ତି ଯଦି ଦଳ ଛାଡ଼ିବେ ତାହାଲେ ଦଳ ଉପରେ ନିଶ୍ଚିତ ପ୍ରଭାବ ପଡ଼ିବ ବୋଲି କହିଛନ୍ତି ଅମର ପ୍ରସାଦ ଶତପଥୀ। ମମତାଙ୍କ ପରେ ରାଜ୍ୟ ସଭା ସଦସ୍ୟ ଥିବା ବିଜେଡି ନେତା ସୁଜିତ୍ କୁମାର ଶୁକ୍ରବାର ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। କିଛିଦିନ ଅନ୍ତରରେ ୨ ଜଣ ରାଜ୍ୟ ସଭା ସଦସ୍ୟ ବିଜେଡି ଛାଡ଼ି ବିଜେପିରେ ସାମିଲହେବା ବିଜେଡି ପାଇଁ ଚିନ୍ତା ବଢ଼ାଇଦେଇଛି। ସୁଜିତ୍ ପ୍ରଥମେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ନିଜର ଇସ୍ତଫାପତ୍ର ପଠାଇବା ପରେ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ନିକଟକୁ ଯାଇ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିଲେ। ବିଜେଡି ଛାଡ଼ିବା ପରେ ସୁଜିତ୍ ଟୁଇଟ୍ କରି କହିଥିଲେ ତାଙ୍କୁ ଦଳରେ ଅନାଦର କରାଯାଉଥିଲା। ଦଳ ଆଉ ତାଙ୍କର ସେବା ଆବଶ୍ୟକତା କରୁ ନ ଥିଲା। ସେଥିଲାଗି ଏଭଳି କଠିନ ନିଷ୍ପତ୍ତି ନେଇଛନ୍ତି।

# ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୨ତମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:** ଶନିବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଅବସରରେ ପୋଲିସ ନିଯୁକ୍ତି ବୋର୍ଡର ଅଧ୍ୟକ୍ଷ ତଥା ଅଗ୍ନିଶମ ବାହିନୀର ପୂର୍ବତନ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରିଷଦର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହ ସରକାରୀ ବିଦ୍ୟାଳୟରେ ଅଧିକରୁ ଅଧିକ ନାମ ଲେଖାଇବା ପାଇଁ ଉତ୍ସାହିତ କରିଥିଲେ। ଏଥିସହ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦେଇ ସୃଜନଶୀଳ କାର୍ଯ୍ୟକଳାପ ଯଥା ପରିବେଶ ସୁରକ୍ଷା, କ୍ରୀଡ଼ା, ସଙ୍ଗୀତ, ବ୍ୟାୟାମ ଆଦିକୁ ପ୍ରୋତ୍ସାହିତ କରିବାକୁ ସେ ପରାମର୍ଶ ଦେଇଥିଲେ।

ସମାରୋହରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗ ଦେଇ ଜାତୀୟ ଶିକ୍ଷାନୀତି- ୨୦୨୦ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ ନିଜ ଆଗ୍ରହ ମୁତାବକ ବିଷୟ ବାଛି ପିଲାମାନେ ପଢ଼ିପାରିବେ ଏବଂ ନୂତନ ପଦ୍ଧତିକୁ ଆପଣେଇ ନିଜ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ସୁଯୋଗ ପାଇବେ। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ ଧନ୍ଦାମୂଳକ ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟସ୍ତରରୁ ତୃତୀୟ ଭାଷାରେ ଧନ୍ଦାମୂଳକ ଶିକ୍ଷାକୁ ବାଛି ପାରିବାର ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ। ଅଧିକରୁ ଅଧିକ ଧନ୍ଦାମୂଳକ ବିଷୟରୁ ଜ୍ଞାନ ଆହରଣ କରିବାକୁ ଶ୍ରୀ ତରାଇ ଆହ୍ୱାନ କରିଥିଲେ। ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଦେବା ସହ +୨ ପରିଷଦର ଭୂମିକା ସମ୍ପର୍କରେ ଜରୁରୀ ତଥ୍ୟ ଉପସ୍ଥାପନା କରିଥିଲେ। ପରୀକ୍ଷା ପରିଚଳନାରେ ସଫଳତା, ପାଠ୍ୟକ୍ରମରେ ପରିବର୍ତ୍ତନ, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ପରେ ପରିଷଦ ସଚିବ ଶୁଭ୍ରାବାଳା ବେହେରା ପରିଷଦର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ବହୁବିଧ ଆଲେଖ୍ୟକୁ ନେଇ ଏକ ବିଶେଷ ସ୍ମରଣିକା 'ପ୍ରଜ୍ଞା' ଉନ୍ମୋଚିତ କରାଯାଇଥିଲା। ଏଥିସହ ପ୍ରଥମ ଥର ପାଇଁ ଚେୟାରମ୍ୟାନ କପ୍ ବକ୍ତୃତା ପ୍ରତିଯୋଗିତା ଓ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦେବା ସହ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ଧନ୍ୟବାଦ୍ ଦେଇଥିଲେ।

## ମମତା ମହାନ୍ତଙ୍କ ଭବିଷ୍ୟବାଣୀ

# ବିଜେଡି ଉପରେ ବହୁ ନେତା ଖପ୍ପା, ଛାଡ଼ିପାରନ୍ତି ଦଳ

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:** ବିଜେଡି ଉପରେ ବହୁ ନେତା ଏବେ ଖପ୍ପା। ଆଗାମୀ ଦିନରେ ଦଳ ଛାଡ଼ିପାରନ୍ତି। ଏଭଳି ବଡ଼ ବୟାନ ଦେଇଛନ୍ତି ବିଜେଡି ଛାଡ଼ି ବିଜେପିରେ ମିଶିଥିବା ରାଜ୍ୟସଭା ସାଂସଦ ମମତା ମହାନ୍ତ।

ଶନିବାର ଗଣମାଧ୍ୟମକୁ ମମତା କହିଛନ୍ତି, ବିଜେଡି ପ୍ରତିଷ୍ଠାରେ ଯେଉଁମାନେ ପ୍ରମୁଖ ଥିଲେ, ସେମାନେ ଦଳରେ ନାହାନ୍ତି। ଦଳ ଅଣଦେଖା କରିଛି। ଏବେ କିଛି ବରିଷ୍ଠ ନେତା ଗ୍ରହଣ କରୁନଥିବାବେଳେ ଆଉ କିଛି ନେତା ବାଧ୍ୟବାଧକତାରେ ଦଳରେ ରହିଯାଇଛନ୍ତି। ତେବେ ବିଜେଡିର ଏକଛତ୍ରବାଦ ଶାସନରେ ପ୍ରାୟ ଅଧିକାଂଶ ନେତା କର୍ମୀ ଅସନ୍ତୁଷ୍ଟ ଅଛନ୍ତି। ସେମାନେ ସେଇ ଦଳ ଛାଡ଼ି ବିଜେପିକୁ ଆସିପାରନ୍ତି। ମୟୂରଭଞ୍ଜ ଜିଲ୍ଲାରେ ୮୦ ପ୍ରତିଶତ ବିଜେଡି କର୍ମୀ ଅସନ୍ତୁଷ୍ଟ। ସମୟ ଆସିଲେ ଆପଣ ସବୁ ଜାଣିପାରିବେ। ହେଲେ କିଏ ଆସିବେ କିଏ ଯିବେ ତାହା ସେମାନଙ୍କର ବ୍ୟକ୍ତିଗତ ବ୍ୟାପାର। ମୋ' ପରେ ସୁଜିତ୍ କୁମାର ଦଳ ଛାଡ଼ିଲେ। ହୁଏତ ଆଗକୁ ଅନେକ ନେତା ଆସିପାରନ୍ତି। ଦେଢ଼ ବର୍ଷରୁ ଅଧିକ ସମୟ ହେବ ମୁଁ ଦଳ ଛାଡ଼ିବା ନେଇ ନିଷ୍ପତ୍ତି ନେଇଥିଲି ବୋଲି ମମତା ସ୍ପଷ୍ଟ କରିଛନ୍ତି। ମମତା ପୁଣି କହିଛନ୍ତି ଯେ, ବିଜେଡିର କୌଣସି ନେତା, ବିଧାୟକ, ସାଂସଦଙ୍କ ସହ ତାଙ୍କର କୌଣସି ଯୋଗାଯୋଗ ନାହିଁ, କେବଳ ରାଜନୈତିକ ସ୍ଥିତି ଦେଖି ଏଭଳି କଥା କହିଛି।

# ପୂଜା ପାଉଛନ୍ତି ତିନି ମହଲା ଉଚ୍ଚତାର ଗଣେଶ ମୂର୍ତ୍ତି



**ପୁରୀ,୭।୯/ଏନ୍ଏନ୍ଏସ୍:** ପୁରୀରେ ନିର୍ମାଣ ହୋଇଛି ତିନି ମହଲା ବିଶିଷ୍ଟ ଗଣେଶ ମୂର୍ତ୍ତି ଯାହା ପୁରୀ ପେଣ୍ଠକଟା ଜଗନ୍ନାଥ ଷ୍ଟାଡିୟମ ନିକଟରେ ହୋଇଛି। ଏହି ମୂର୍ତ୍ତିକୁ ନିର୍ମାଣ କରିବାକୁ ପ୍ରାୟ ୨ ମାସ ଲାଗିଥିଲା। ମଙ୍ଗଳମୁଖୀ ଯୁବ ମହାସଂଘ ତରଫରୁ ପ୍ରାୟତଃ ୮୦ଜଣରୁ ଉର୍ଦ୍ଧ୍ୱ ଏହି ପୂଜାରେ ସାମିଲ ହୋଇ କାର୍ଯ୍ୟକୁ ଆଗକୁ ବଢ଼ାଇଛନ୍ତି। ଏହି ମୂର୍ତ୍ତିର ଉଚ୍ଚତା ଦୀର୍ଘ ୩୪ରୁ ୩୫ ଫୁଟ ହେବ ଯାହାକି ତିନି ମହଲା କୋଠାର ଉଚ୍ଚତା ଭଳି ଏବଂ ଓସାର ୨୦ ରୁ ୨୨ ଫୁଟ। ଏଥିସହ ମହାପ୍ରଭୁଙ୍କ ହାତରେ ଥିବା ଲଡୁର ସାମଗ୍ରୀ ପ୍ରାୟତଃ ୩୫ କେଜି ରୁ ଅଧିକା ଲାଗିଥିବାରୁ ସବୁ ମିଶାଇ ତାକୁ ପ୍ରସ୍ତୁତ କରିବା ପରେ ଏହାର ଓଜନ ପ୍ରାୟତଃ ଅନୁମାନିକ ୪୦ ରୁ ୪୫ କେଜି ହୋଇଥିବାର ଆଶା କରାଯାଉଛି। ସୂଚନା ଥାଉ କି ଗତ ବର୍ଷ ସେମାନେ ୨୫ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରିଥିବାରୁ ଭକ୍ତଙ୍କ ଆଗ୍ରହ ଏବଂ ଉଲ୍ଲାସ ବଢ଼ିଥିଲା।

## ଭାରତ ମସଲାର ୨୫ତମ ପ୍ରତିଷ୍ଠା ଦିବସ

# ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଓଡ଼ିଆଙ୍କୁ ପ୍ରାଧାନ୍ୟ ଦିଆଯିବ: ମୁଖ୍ୟମନ୍ତ୍ରୀ



**କଟକ,୭।୯/ଏନ୍ଏନ୍ଏସ୍:** ଆମେ ସବୁବେଳେ ଓଡ଼ିଆ ଅସ୍ମିତାର କଥା କହି ଆସୁଛୁ। ଆମେ କଥାରେ କହୁନୁ କାର୍ଯ୍ୟରେ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଯଦି ଓଡ଼ିଆ ଯୁବଗୋଷ୍ଠୀ ଶିଳ୍ପ କରିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ତାହେଲେ ଏଥିପାଇଁ ସରକାର ସବୁ ପ୍ରକାର ସହଯୋଗ ଯୋଗାଇଦେବେ। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଓଡ଼ିଆଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ବାରଙ୍ଗସ୍ଥିତ ଭାରତ ମସଲା ପରିସରରେ ଆୟୋଜିତ ଭାରତ ମସଲାର ୨୫ତମ ପ୍ରତିଷ୍ଠା ଦିବସ ତଥା ପ୍ରତିଭା ସମ୍ମାନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା ଏବଂ ଏମ୍‌ଡି ସୁଶାନ୍ତ ପଣ୍ଡାଙ୍କୁ ପ୍ରଶଂସା କରି କହିଲେ ଯେ, ଦୁହିଁଙ୍କ ଉଦ୍ୟମ ଯୋଗୁ ଆଜି ଭାରତ ମସଲା କେବଳ ରାଜ୍ୟ ନୁହେଁ ଦେଶ ବାହାରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆନ୍ତର୍ଜାତିକ ବଜାରରେ ମଧ୍ୟ ନିଜର ବଜାର ତିଆରି କଲାଣି। ୪୦୦ ଟଙ୍କାରୁ ବ୍ୟବସାୟ ଆରମ୍ଭ କରିଥିବା ଭାରତ ମସଲା ଆଜି ୬୦୦ କୋଟି ଟଙ୍କାର କମ୍ପାନୀର ହୋଇପାରିଛି। ଏଥି ସହିତ ଏହି କମ୍ପାନୀ ଅନେକ ଓଡ଼ିଆ ପରିବାର ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିଛି। ଆଗକୁ ରାଜ୍ୟରେ ବହୁ ସଂଖ୍ୟାରେ ଏସ୍ଏସ୍ଏମ୍ଇ ଶିଳ୍ପ ଖୋଲିବା ଲାଗି ସରକାର ଯୋଜନା ରଖିଛନ୍ତି। ଖୁବ୍‌କମ୍ ସମୟ ମଧ୍ୟରେ ୧୧ଟି ଏସ୍ଏସ୍ଏମ୍ଇ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଏହାଦ୍ୱାରା ଅଧିକରୁ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିବ। ୨୦୩୬ ମସିହା ବେଳକୁ ଓଡ଼ିଶା ତା'ର ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାକୁ ଦାଦନମୁକ୍ତ କରିବା ଲାଗି ଆହ୍ୱାନ ଦେଇଥିଲେ। ଯେଉଁସବୁ ଏମ୍ଏସ୍ଏମ୍ଇ ଶିଳ୍ପସଂସ୍ଥା ଓଡ଼ିଶାରେ ଖୋଲିବ ସେଥିରେ ଓଡ଼ିଆ ଯୁବକଯୁବତୀମାନଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି ଦେବାପାଇଁ ଉଦ୍ୟମ କରାଯିବ। ଏହାଦ୍ୱାରା ଓଡ଼ିଶାର ପିଲାମାନେ ଆଉ ଦାଦନ ହୋଇ ବାହାରକୁ ଖଟିବାକୁ ଯିବେ ନାହିଁ ବୋଲି ଶ୍ରୀ ନାୟକ କହିଛନ୍ତି। ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ଅବସରରେ ଯୋଗଦେଇ କହିଲେ ଯେ ଏସ୍ଏସ୍ଏମ୍ଇ ଶିଳ୍ପ ସଂସ୍ଥାଗୁଡିକୁ ସୁବିଧା ଦେବାଲାଗି 'କମନ୍ ଫାସିଲିଟି ସେଣ୍ଟର' ଖୋଲାଯିବ। ଏଥିପାଇଁ ମଲଟି ଲଜିଷ୍ଟିକ୍ ପାର୍କ ମଧ୍ୟ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ସରକାର ଯେଉଁସବୁ ନୀତି ପ୍ରସ୍ତୁତ କରୁଛନ୍ତି ସେଥିରୁ ସାଧାରଣ ଲୋକମାନେ ଫାଇଦା ନେବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ। ଭାରତ ମସଲା କମ୍ପାନୀର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା ଶିଳ ବଟାରୁ ଘରଘର ବୁଲି ଆରମ୍ଭ କରିଥିବା ବ୍ୟବସାୟ କିପରି ଆଜି ଏତେ ବାଟରେ ପହଞ୍ଚିପାରିଛି ସେହି ଯାତ୍ରାର ଅନୁଭୂତି ସମ୍ପର୍କରେ ବଖାଣିଥିଲେ। ଭାରତ ମସଲା ଏମ୍‌ଡି ସୁଶାନ୍ତ ପଣ୍ଡା ଓଡ଼ିଶାରେ କିପରି ମସଲା ପାଇଁ ଯଥେଷ୍ଟ କଞ୍ଚାମାଲ୍ ଉପଲବ୍ଧ ହୋଇପାରିବ ସେଥିପାଇଁ ଚାଷୀମାନଙ୍କୁ ରାଜ୍ୟ ସରକାର ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏବେ ବି ଅନେକ କଞ୍ଚାମାଲ୍ ପାଇଁ ଭାରତ ମସଲାକୁ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏସବୁ ସାମଗ୍ରୀ ଯଦି ଓଡ଼ିଶାରେ ମିଳିପାରନ୍ତା ଆମ ରାଜ୍ୟର ଚାଷୀ ବହୁଭାବେ ଉପକୃତ ହୋଇପାରନ୍ତେ ବୋଲି ସେ କହିଥିଲେ। ଏହି ଅବସରରେ ସିବିଆର୍ଆଇର ପ୍ରଧାନ ବୈଜ୍ଞାନିକ ଡ.ସରୋଜ କୁମାର ପାଣିଗ୍ରାହୀଙ୍କୁ ଭାରତ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା ବେଳେ ଡାକ୍ତର ରବି ନାରାୟଣ ସେନାପତିଙ୍କୁ ସେବା ଭାରତ ସମ୍ମାନ, ବିଶିଷ୍ଟ ଲେଖିକା ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ କଥା ଭାରତ ସମ୍ମାନ, ସୀତାରାମ ଅଗ୍ରୱାଲ ଓ ନମିତା ଅଗ୍ରୱାଲଙ୍କୁ ସଂସ୍କୃତି ଭାରତ ସମ୍ମାନ, ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କୁ କ୍ରୀଡ଼ା ଭାରତ ସମ୍ମାନ, ପ୍ରଜ୍ଞା ପରମିତା ଗିରି, ସିଲଭା ସାହୁ, ଚିନ୍ମୟ ପାତ୍ରଙ୍କୁ ବିଦ୍ୟା ଭାରତ ସମ୍ମାନରେ ଅତିଥିମାନେ ସମ୍ମାନିତ କରିଥିଲେ। ଜୟ ଭାରତ ଫାଉଣ୍ଡେସନ୍ ଦ୍ୱାରା ପ୍ରଥମ ଥର ପ୍ରକାଶିତ ସ୍ମରଣିକା 'ସମ୍ଭବାମି ଭାରତ' ମୁଖ୍ୟମନ୍ତ୍ରୀ, ସମ୍ପାଦିକା ନନ୍ଦିତା ପଣ୍ଡା, ସହଯୋଗୀ ସମ୍ପାଦକ ପ୍ରଫୁଲ୍ଲ ମହାନ୍ତି ଏବଂ ଅନ୍ୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଜୟ ଭାରତ ଫାଉଣ୍ଡେସନ୍‌ର ଟ୍ରଷ୍ଟି ପ୍ରଫୁଲ୍ଲ ସିଂହ, ଭାରତ ମସଲାର ନିର୍ଦ୍ଦେଶକ ସୁମନ୍ତ ପଣ୍ଡା, ଶ୍ରୀମନ୍ତ ପଣ୍ଡା, ଦିଗନ୍ତ ପଣ୍ଡା, ଆଶୁତୋଷ ପଣ୍ଡା, ଅପରେସନ୍( ଜିଏମ୍) ଅରୁଣ ନାୟକ, ପ୍ରଡକ୍ସନ(ଜିଏମ୍) ନବକୃଷ୍ଣ ପ୍ରଧାନ, ଫାଇନାନ୍ସ (ଜିଏମ୍) ଅଶ୍ୱିନୀ ଦାସ, ଲୋକ ସମ୍ପର୍କ ଅଧିକାରୀ ଏସ୍ଏନ୍ ମିଲେନିୟମ ପ୍ରମୁଖ ଉପସ୍ଥିତ ସଭା କାର୍ଯ୍ୟକୁ କରିଥିଲେ। ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ନିତିଦିନ କାର୍ଯ୍ୟାଳୟରେ ଗଣେଶ ପୂଜା

# ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନକଲେ ନବୀନ

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:** ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ସିଦ୍ଧିଦାତା ଗଜାନନ। ଏହି ଅବସରରେ ଶନିବାର ସନ୍ଧ୍ୟାରେ ପୂଜା ମଣ୍ଡପ ଯାଇ ପ୍ରଭୁଙ୍କ ଦର୍ଶନ କରି ଭଗବାନଙ୍କ ଆଶୀର୍ବାଦ ନେବା ସହ ଓଡ଼ିଶାବାସୀଙ୍କ ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ପ୍ରଥମେ ପୁରୁଣା ଭୁବନେଶ୍ୱରର ବଡ଼େଇବାଙ୍କ ଛକ ସ୍ଥିତ ଏକାମ୍ର ରାଜା ଗଣେଶ ପୂଜା ମଣ୍ଡପ ପରିଦର୍ଶନ କରି ପୂଜା କରିଥିଲେ ନବୀନ। ପରେ ପରେ ତିନିମୁଣ୍ଡିଆ ଛକରେ ପୂଜିତ ଚାଳିଶ ଫୁଟ ଉଚ୍ଚ ଗଣେଶଙ୍କ ପୂଜା କରି ଆଠ ନମ୍ବର ଆଖଣ୍ଡଳମଣି ପୂଜା କମିଟି ମୁଣ୍ଡପ ଓ ଗଜପତି ନଗର ପୂଜା ମଣ୍ଡପ ବୁଲି ଦେଖିବା ସହ ଗଣେଶ ଭଗବାନଙ୍କ ପୂଜା କରିଥିଲେ। ଏହି ଅବସରରେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ବିଭିନ୍ନ ମଣ୍ଡପ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରେ ସମବେତ ଭକ୍ତମାନଙ୍କୁ ନବୀନ ଗଣେଶ ପୂଜା ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ମଣ୍ଡପରେ ପୂଜା କମିଟି କର୍ମକର୍ତ୍ତାଙ୍କ ସହିତ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ।



# ଶ୍ରୀମନ୍ଦିରର ସିଂହଦ୍ୱାରରେ 'ଆଶ୍ରମ' ଟିମ୍



**ପୁରୀ,୭।୯/ଏନ୍ଏନ୍ଏସ୍:** ଭାରତୀୟ ପ୍ରଶାସନିକ ସେବାର ଦକ୍ଷ ନାରୀ ଅଧିକାରୀ ପାଖରେ ରହିଛି ସମାଜସେବାର ସୁନ୍ଦର ହୃଦୟ। ଅବସର ପରେ ନିଃସହାୟ ଅସହାୟ ତଥା ବରିଷ୍ଠମାନଙ୍କ ପାଇଁ ନିଜ ଘରକୁ କରିଦେଇଛନ୍ତି ଆଶ୍ରମ। ଶହ ଶହ ଆଶାକୁ ଆଶ୍ରୟ ଦେବାର ମାନସିକତାକୁ ନେଇ ଅନିଶ୍ ଏଣ୍ଟରଟେନମେଣ୍ଟ ପ୍ରଯୋଜିତ ଚଳଚ୍ଚିତ୍ର 'ଆଶ୍ରମ'ର ପୂରା ଟିମ୍ ଆଜି ଶ୍ରୀମନ୍ଦିରର ସିଂହଦ୍ୱାରଠାରେ ଠାକୁରଙ୍କୁ ସମର୍ପଣ କରିଛନ୍ତି ଆଶ୍ରମକୁ। ପୁରୀ ମାଟିର ଯୁବ ପ୍ରଯୋଜକ ତପନ ଦାଶଙ୍କ ସମେତ ମୁଖ୍ୟ ନାୟିକା ମହେଶ୍ୱତା ରାୟ, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, କାହାଣୀକାର ନିତ୍ୟାନନ୍ଦ ନନ୍ଦୀ, କ୍ରିଏଟିଭ ଉପଦେଷ୍ଟା ଶ୍ୟାମାପ୍ରସାଦ ମିଶ୍ର, ସଂଳାପକାର ଦିଲ୍ଲୀପ ଚୌଧୁରୀ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଅଭିଷେକ ଗିରି, ଶ୍ୱେତା ଆଚାର୍ଯ୍ୟ, ବିଜୟିନୀ ମିଶ୍ରଙ୍କ ସମେତ ଆଜିର ରେବତୀ ଚଳଚ୍ଚିତ୍ରର କାହାଣୀକାର ତଥା ଗୀତିକାର ଡକ୍ଟର ବଦ୍ରି ମିଶ୍ର, ପାରାଡାଇଜ୍ ବୃଦ୍ଧାଶ୍ରମର ମୁଖ୍ୟ ମଧୁସୂଦନ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡା, ବରିଷ୍ଠ ଯୁବ ଅଧିବକ୍ତା ପ୍ରିୟଦର୍ଶନ ପଟ୍ଟନାୟକ ଓ ଗୌରୀ ବାରିକ୍, ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ରଙ୍କ ସମେତ ଅନେକ ସେବାୟତ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ସିଂହଦ୍ୱାରଠାରେ ଏହି ଚଳଚ୍ଚିତ୍ରର ସଫଳତା କାମନା କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆଗାମୀ ୧୩ ତାରିଖରେ ଏହି ଚଳଚ୍ଚିତ୍ର ଆଶ୍ରମ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ରିଲିଜ୍ ହେଉଥିବାବେଳେ ପୁରୀ ଟାଉନ୍ ହଲ୍‌ରେ ଆଗାମୀ ୧୪ ଠାରୁ ୧୬ ତିନିଦିନ ଧରି ତିନୋଟି ସୋ'ରେ ପ୍ରଦର୍ଶିତ ହେବ ବୋଲି ପ୍ରଯୋଜକ ତପନ ଦାଶ ଘୋଷଣା କରିଛନ୍ତି। ଏହି ଅବସରରେ ଅଭିନେତ୍ରୀ ମହେଶ୍ୱତାଙ୍କୁ ଶ୍ୟାମାପ୍ରସାଦ ମିଶ୍ର ଓ ବଦ୍ରି ମିଶ୍ର ମିଳିତ ଭାବେ ସମ୍ବର୍ଦ୍ଧିତ କରିଥିଲେ।

# ୧୧ରେ ଭୁବନେଶ୍ୱର ଆସୁଛନ୍ତି ରାସେଶ୍ୱରୀ ଦେବୀଜୀ

## 'ସାଂସାରିକ ଏବଂ ଅଧ୍ୟାତ୍ମିକ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର,୭।୯/ଏନ୍ଏନ୍ଏସ୍:** ରାସେଶ୍ୱରୀ ସଫଳତାର ସହିତ ମରିସସ୍ ଗସ୍ତ କାର୍ଯ୍ୟକ୍ରମ ଶେଷ କରି ଆସନ୍ତା ୧୦ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଆସନ୍ତା ସେପ୍ଟେମ୍ବର ୧୧ରୁ ୧୬ ପର୍ଯ୍ୟନ୍ତ ରାସେଶ୍ୱରୀ ଦେବୀଜୀ ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ରିଟି ରିଜେନ୍ସିଠାରେ ଅନୁଷ୍ଠିତ ପ୍ରବଚନ, ସତସଙ୍ଗ ଏବଂ ପବିତ୍ର ରାଧାଷ୍ଟମୀ ଉପଲକ୍ଷେ ଏକ ୬ ଦିନିଆ କାର୍ଯ୍ୟକ୍ରମରେ ଯୋଗ ଦେବେ।

ବ୍ରଜ ଗୋପିକା ସେବା ମିଶନର ସଂସ୍ଥାପିକା ତଥା ଜଗଦଗୁରୁ କୃପାଳଜୀ ମହାରାଜଙ୍କ ପଟ୍ଟ ଶିଷ୍ୟା ପୂଜନୀୟା ରାସେଶ୍ୱରୀ ଦେବୀଜୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଲୌକିକ ମାହାତ୍ମ୍ୟ, ସଂସ୍କୃତି ଏବଂ ଉପନିଷେଦର ଗୁଢ ଶିକ୍ଷାକୁ ଜନମାନସରେ ସ୍ଥାପିତ କରିବା ପାଇଁ ଏବଂ ଜୀବନର ଆଧମୂଲ୍ୟବୋଧକୁ ସୁଦୃଢ କରିବା ପାଇଁ ଚେଷ୍ଟା କରି ଆସୁଛନ୍ତି। ଦେବୀଜୀଙ୍କ ପ୍ରୟାସ କେବଳ ଭାରତବର୍ଷରେ ନୁହେଁ ବରଂ ବିଦେଶରେ ମଧ୍ୟ ଜାରି ରହିଛି। ମରିସସ୍ ମାଟିରେ ରାସେଶ୍ୱରୀ ଦେବୀଜୀଙ୍କର ଆଗମନ ଭାରତ ଏବଂ ମରିସସ୍ ମଧ୍ୟରେ ସମ୍ପର୍କ ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି। ଗସ୍ତ ଅବସରରେ ଦେବୀଜୀ ଗତ ୧୨ ଅଗଷ୍ଟ ୨୦୨୪ରେ ୭୦ଜଣିଆ ଏକ ପ୍ରତିନିଧି ମଣ୍ଡଳ ସହିତ ମରିସସରେ ପହଞ୍ଚିଥିଲେ। ଶିବ ସାଗର ରାମଗୁଲାମ ବିମାନବନ୍ଦରରେ ଦେବୀଜୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରାୟ ୨୫ଦିନ ଧରି ଆୟୋଜିତ ଏହି ଭ୍ରମଣରେ ଭାଗବତ ମହାପୁରାଣର ଭକ୍ତିପୂର୍ଣ୍ଣ ମୂର୍ଚ୍ଛନା ରେ ଏହି ଛୋଟ ଦେଶଟି ତରଙ୍ଗାୟିତ ହୋଇଯାଇଥିଲା। ଏକାଧିକ କାର୍ଯ୍ୟକ୍ରମ ମାଧ୍ୟମରେ ପୂଜନୀୟା ଦେବିଜୀ କେବଳ ଶ୍ରୀମଦ୍ ଭାଗବତ ବିଷୟରେ କହିନଥିଲେ ବରଂ ମରିସସ୍ ଲୋକମାନଙ୍କୁ ସନାତନ ଧର୍ମର ସାର୍ବଭୌମିକ ଦିଗ ସହିତ ପରିଚିତ କରାଇଥିଲେ। ଗତ ୧୫ ଅଗଷ୍ଟରେ ମରିସସ୍ ରେଡିଓ ଦ୍ୱାରା ଆୟୋଜିତ ଲାଇଭ୍ ସାକ୍ଷାତକାରରେ ଦେବୀଜୀ କହିଛନ୍ତି ଯେ ସାଂସାରିକ ଏବଂ ଅଧ୍ୟାତ୍ମିକ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଆମେ ଦୁଇଜଣ, ଗୋଟିଏ ଶରୀର ଏବଂ ଅନ୍ୟଟି ହେଉଛି ଆମର ଆତ୍ମା। ଗସ୍ତ ଅବସରରେ ଦେବୀଜୀ ମରିସସ୍‌ର ରାଷ୍ଟ୍ରପତି ପୃଥ୍ୱୀରାଜ ସିଂ ରୁପୁଙ୍କୁ ଭେଟିଥିଲେ। ତାଙ୍କ ସଭାରେ ସେ କହିଥିଲେ ଯେ ଆମର ଲକ୍ଷ୍ୟ ହେଉଛି ଜଗତର ପ୍ରତ୍ୟେକ ଆତ୍ମାର ଆଧ୍ୟାତ୍ମିକ ଦିଗଟିକୁ ପରିବର୍ତ୍ତନ କରିବା ଏବଂ ତାଙ୍କ ହୃଦୟରେ ଭଗବତ ପ୍ରେମର ବୀଜ ରୋପଣ କରିବା।

ଗତ ୧୭ ଅଗଷ୍ଟରୁ ୨୩ ଅଗଷ୍ଟ ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତ ମହାପୁରାଣ କଥାର ଆୟୋଜିତ ହୋଇଥିଲା, ଯେଉଁଥିରେ ପ୍ରତିଦିନ ପ୍ରାୟ ୪୦୦ ଭକ୍ତ ଅଂଶଗ୍ରହଣ କରିଥିଲେ। କଥାର ପୂର୍ବଦିନ ଶ୍ରୀ ରାଧା କୃଷ୍ଣଙ୍କ କଳସ ଯାତ୍ରାର ପବିତ୍ର ରୀତିନୀତି କରାଯାଇଥିଲା। ଭକ୍ତଙ୍କ ନାମ ଗାନ କରିବା ସମୟରେ ଭକ୍ତମାନେ ଶ୍ରୀ ରାଧା କୃଷ୍ଣଙ୍କ ପ୍ରତିମାକୁ ଧରି ଶ୍ରୀମଦ୍ ଭାଗବତ ମହାପୁରାଣ ଭାଗବତ ରୂପ ଧାରଣ କରିଥିଲେ। ସନାତନ ଧର୍ମର ମହତ୍ୱ ବର୍ଣ୍ଣନା କରି ଦେବିଜୀ କହିଛନ୍ତି ଯେ ସନାତନ ଧର୍ମର ଆଦର୍ଶ ହେଉଛି ବସୁଦୈବଃ କୁଟୁମ୍ବକମ୍। ସନାତନ ଧର୍ମର ପ୍ରତ୍ୟେକ ବ୍ୟକ୍ତିର ମାନସିକ, ଭାବନାତ୍ମକ ଏବଂ ଆଧ୍ୟାତ୍ମିକ ରକ୍ଷକ। ତୃତୀୟ ଦିନରେ ପୂଜାନୀୟା ଦେବିଜୀ ଭାଗବତର ବକ୍ତା ଶୁକଦେବ ପରମହଂସଙ୍କ ଜୀବନୀ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ ଭକ୍ତି ବିନା ଆଜିର ଜୀବନ ଜଟିଳ ହୋଇପଡ଼ିଛି। ଦେବୀଜୀଙ୍କର ଭ୍ରମଣର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଥିଲା ଶିବ ଶକ୍ତି ମନ୍ଦିରର ନବୀକରଣ କାର୍ଯ୍ୟକ୍ରମ। ଅଗଷ୍ଟ ୨୦ ତାରିଖ ଦିନ ମାର୍ବଲରେ ନିର୍ମିତ ୧୦ଟି ଜୀବନ ଆକାର (ଲାଇଫ୍ ସାଇଜ୍) ମୂର୍ତ୍ତି ସ୍ଥାପନ ଏବଂ ପବିତ୍ରର ରୀତିନୀତିରେ ସମର୍ପଣ ହେବା ସହିତ ସ୍ଥାନୀୟ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଏକ ଭକ୍ତିର ପରିବେଶ ସୃଷ୍ଟି ହୋଇଥିଲା। ଦେବୀଜୀଙ୍କ ଉପସ୍ଥିତିରେ ଅଗଷ୍ଟ ୨୬ ତାରିଖ ଦିନ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ଏକ ବିଶାଳ ଉତ୍ସବ ଆୟୋଜିତ ହୋଇଥିଲା। ମରିସସ୍ ସନାତନ ଧର୍ମ ମନ୍ଦିର ଫେଡେରେସନ୍ ଏବଂ ଶିବ ଶକ୍ତି ମାଣ୍ଡିର, ସଲଫେରିନଙ୍କ ମିଳିତ ପ୍ରୟାସରେ ପ୍ରାୟ ୨୫ ଦିନର ଏହି କାର୍ଯ୍ୟକ୍ରମ ସଫଳତାର ସହିତ ସମାପ୍ତ ହୋଇଛି।

## ବିଭିନ୍ନ ସ୍ଥାନରେ ଶ୍ରୀ ଗଜାନନଙ୍କ ପୂଜା ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ

# ମଣ୍ଡପରେ ଗଣପତିଙ୍କୁ ଆବାହନ

**ଖଣ୍ଡପଡ଼ା,୭।୯/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ସହର ସମେତ ପୁରପଲ୍ଲୀରେ ଅଗ୍ରପୂଜ୍ୟ ପ୍ରଭୁ ଗଣନାଥଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ପୂଜାମଣ୍ଡପଗୁଡିକରେ ପ୍ରଭୁଙ୍କର ମୃଣ୍ମୟମୂର୍ତ୍ତି ପୂଜା ପାଉଛନ୍ତି। ଖଣ୍ଡପଡ଼ା ସହରର ରଥଗଡ଼ା ଛକରେ ଟେନ୍‌ଷ୍ଟାର୍ କ୍ଲବ୍ ଓ ଗଜାନନ କ୍ଲବ୍ ପକ୍ଷରୁ ପ୍ରଭୁଙ୍କର ପୂଜା ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ପୂଜା କମିଟିର କର୍ମକର୍ତ୍ତାଙ୍କଠାରୁ ପ୍ରକାଶ। ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଓ ପଠାଣି ସାମନ୍ତ ମହାବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ ଗଣନାଥଙ୍କ ପୂଜା ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି।



● **ଅସ୍ତରଙ୍ଗ:** କାକଟପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବାବା ଗଣପତିଙ୍କର ପୂଜା ଯଥାବିଧି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉଚ୍ଚବିଦ୍ୟାଳୟ, ମଙ୍ଗଳା ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଯାହାନ ପବ୍ଲିକ ସ୍କୁଲ, ଜାଭିୟର ଇଂରାଜୀ ମିଡିୟମ ସ୍କୁଲ, ସରକାରୀ ପ୍ରକଳ୍ପ ଉଚ୍ଚବିଦ୍ୟାଳୟ କେନ୍ଦ୍ରାପାଟି, ୟୁକୋ ବ୍ୟାଙ୍କ ଛକ ଗଜାନନ ପୂଜା କମିଟି ଓ ଗଣେଶ ବଜାର ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। କମିଟି ପକ୍ଷରୁ ତୁଷାର ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ମାନସ ଦୀକ୍ଷିତ, ନିରଞ୍ଜନ ଦୀକ୍ଷିତ, ବାଇଧର ସାହୁ, ବିଜୟ ଦାସ, ନକୁଳ ସାହୁ, କାବା ଭାଇନାଙ୍କ ପ୍ରମୁଖ ସହଯୋଗରେ ପୂଜା କାର୍ଯ୍ୟ ସମାପନ ହୋଇଥିଲା। ଭିଜା ଭିଜା ବର୍ଷାରେ ପୂଜା କାର୍ଯ୍ୟ ବିଳମ୍ବ ଘଟିଥିଲା।



● **ସାକ୍ଷୀଗୋପାଳ:** ସାକ୍ଷୀଗୋପାଳର ବିଭିନ୍ନ ସ୍ଥାନରେ ପୂଜା ପାଇଛନ୍ତି ଗଜାନନ। ବିଭିନ୍ନ ବିଦ୍ୟାଳୟ, କଲେଜ, ଶିକ୍ଷାନୁଷ୍ଠାନ, ଶିଶୁ ବିଦ୍ୟାମନ୍ଦିର, ବ୍ଲକ, ବ୍ୟବସାୟୀ ସଂଘ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ, ବରାଳ ବାଲୁଙ୍କେଶ୍ୱର ଗଣେଶ ପୂଜା କମିଟି, ସାକ୍ଷୀଗୋପାଳ ଗଣେଶ ମଣ୍ଡପ, ବଡ଼ବଜାର, ସିଂହଦ୍ୱାର, ସାକ୍ଷୀଗୋପାଳ ମନ୍ଦିର ପରିସରରେ ଥିବା ଗଣେଶ ମନ୍ଦିର ସହିତ ବିଭିନ୍ନ ସାହିମାନଙ୍କରେ ଯୁବକ ସଂଘମାନେ ଗଜାନନଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ସେହିପରି ଲୋକକଳା ଗ୍ରାମ ସାରଙ୍ଗଯୋଡି ବାଇଁଶିବାଡି ଗ୍ରାମର ମା’ କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଗ୍ରାମ ସ୍ଥିତ ଆଖଡ଼ା ଗୃହଠାରେ ଗଣେଶ ପୂଜା ପାଳିତ ହୋଇଯାଇଛି। ବାବାଜୀ କୃଷ୍ଣଚନ୍ଦ୍ର ଦିକ୍ଷୀତ ବିଧିବିଧାନ ଅନୁସାରେ ପୂଜା ସମାପନ କରିଥିବା ସ୍ଥଳେ ରମେଶ ଚନ୍ଦ୍ର ପଲେଇ, ଗୁରୁ କୈଳାସ ଚନ୍ଦ୍ର ବିଶ୍ୱାଳ, ରଞ୍ଜନ ସେଠୀ, ରିତେଶ ପ୍ରଧାନ, ସମୀର କୁମାର ପଲେଇ, ସଂଯୁକ୍ତା ପ୍ରଧାନ,ସର୍ମୀଷ୍ଠା ପଲେଇଙ୍କ ସମେତ ଅନେକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ବିଭିନ୍ନ ଗଣେଶ ପୂଜା ମଣ୍ଡପରେ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ସହିତ ବିଭିନ୍ନ ତୋରଣ କରାଯାଇଥିବା ଦେଖାଯାଇଛି।

● **ନୟାହାଟ:** ଗୋପ ବ୍ଲକ ନୟାହାଟ ବଜାରର ଦୁଇଟି ସ୍ଥାନରେ ଗଣେଶ ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ଗଣେଶ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ବଡ ବଜାରରେ ୭୦ବର୍ଷ ଧରି ଗଣେଶ ପୂଜା ଅନୁଷ୍ଠିତ ହୋଇଆସୁଥିବା ବେଳେ ସାମନ୍ତରାୟ ବଜାରରେ ୫୦ବର୍ଷ ଧରି ଗଣେଶ ପୂଜା ଅନୁଷ୍ଠିତ ହୋଇଆସୁଛି। ପୂଜା କମିଟିର ସଭାପତି ଅଭିମନ୍ୟୁ ସିଂହ ଜଣାଇଛନ୍ତି ଯେ ସାମନ୍ତରାୟ ପୂଜା କମିଟି ପକ୍ଷରୁ ପାଞ୍ଚଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ ବିଭିନ୍ନ ଅନୁଷ୍ଠାନ ଯଥା ସରସ୍ୱତୀ ଶିଶୁମନ୍ଦିର, ଶିଙ୍ଗପାନିଆ, ଅନନ୍ତ ବାସୁଦେବ ଯୁବକ ସଂଘ, ବଡ଼ତୋଟା, ଯୋଗେଶ୍ୱରପୁର, କଣ୍ଟି କରମଳା, ବଉଲାଙ୍ଗ, କରମଙ୍ଗା, ଜହ୍ନିମାଳିଆ, ବଣହରା, ମୁରୁଡା, ଦୁର୍ଗାପୁର, ଦେଶୁଣ୍ଠି, କଦପାଟଣା, ଇଶାଣପୁର, ଡଗରାଶାଇ, ଶିମିଳି, ଓଟର, ଦେସ୍ଥଳି, ନରସିଂହପୁର ହାଟ, ପାଣିଛତ୍ର ପ୍ରମୁଖ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ବର୍ଷା ଯୋଗୁ ଗଣେଶପୂଜା ଆନନ୍ଦଉଲ୍ଲାସ କିଛିମାତ୍ରାରେ କମିଯାଇଥିବା ଦେଖିବାକୁ ମିଳିଛି।



● **କଣ୍ଟିଲୋ:** କଣ୍ଟିଲୋ ଅଞ୍ଚଳରେ ପବିତ୍ର ଗଣେଶ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ନୀଳମାଧବ ନୋଡାଲ ବିଦ୍ୟାପୀଠ, କୁଞ୍ଜବିହାରୀ ନୋଡାଲ ବିଦ୍ୟାଳୟ, ବଡ଼ବାଣପୁର ବସନ୍ତ କୁମାର ବିଦ୍ୟାପୀଠ, ସିଧା ମୂଳା ଗୋକୁଳାନନ୍ଦ ଜିଉ ବିଦ୍ୟାମନ୍ଦିର, ବଳରାମ ପ୍ରସାଦ କୃଷ୍ଣଗୌରାଙ୍ଗ ବିଦ୍ୟାପୀଠ, ବେଣାଗାଡ଼ିଆ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ, କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ କଣ୍ଟିଲୋ ନୀଳ ମାଧବ ମହାବିଦ୍ୟାଳୟ, ହାଟମୁଣ୍ଡ ପାଟଣା ଜନ କଲ୍ୟାଣ କ୍ଲବ, ମଝିସାହି ପାଟଣା ରାଧାମୋହନ ଯୁବ କ୍ଲବ ସମେତ ସମସ୍ତ ପ୍ରାଥମିକ ଓ ମଧ ଇଂରାଜୀ ବିଦ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ ଓ ସମସ୍ତ କ୍ଲବ୍‌ମାନଙ୍କରେ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



● **ଆଠଗଡ଼:** ଆଠଗଡରେ ବିଘ୍ନନାଶନ ଅଗ୍ରପୂଜ ପଭୁ ଶ୍ରୀ ଗଣେଷଙ୍କ ପୂଜା ବିଭିନ୍ନ କ୍ଲବ୍‌ର ମଣ୍ଡପ ଏବ ସମସ୍ତ ଶିକ୍ଷାନୁଷ୍ଠାନ, ମାନଙ୍କରେ ଆନନ୍ଦ ଉଲ୍ଲାସର ସହିତ ଉତ୍ସବରେ ପାଳିତ ହୋଇଯାଇଛି। ଆଠଗଡର ବିଶ୍ୱନାଥ ବିଦ୍ୟାପୀଠ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁମନ୍ଦିର, ମହାତ୍ମାଗାନ୍ଧୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ଜାଭିୟର୍ସ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗଜାନନଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି ଆଠଗଡର ବିଭିନ୍ନ କ୍ଲବ, ସରକାରୀ ତଥା ବେସରକାରୀ ଅନୁଷ୍ଠାନ ତରଫରୁ ମହାସମାରୋହରେ ବିଘ୍ନରାଜଙ୍କର ପୂଜା ଅନୁଷ୍ଠିତ ହୋଇଯାଇଛି। ରଥଗଡାର ସାରାଆକାଶ କ୍ଲବ, ପୁରୁଣା ବସ୍‌ଷ୍ଟାଣ୍ଡର ଫ୍ରେଣ୍ଡସ କ୍ଲବ, ଚାନ୍ଦବାଲି ଛକର ମହାବୀର କ୍ଲବ, ପଦ୍ମସାହି କ୍ଲବ୍ ରେ ଆକର୍ଷଣୀୟ ସାଜସଜ୍ଜା ସହିତ ରଙ୍ଗିନ ଆଲୋକମାଳାରେ ସଜ୍ଜିତ ହୋଇଥିବାବେଳେ ଗଦାସାହିର ଗୋଲଡେନ କ୍ଲବରେ ପ୍ରଭୁଙ୍କର ରୁପାର ତିଆରି ମୁକୁଟ ବେଶ ଶୋଭାପାଇବା ସହିତ ଭକ୍ତମାନଙ୍କୁ ବିମୋହିତ କରିଛି।

● **ଡେଲାଙ୍ଗ:** ଡେଲାଙ୍ଗ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ଗୁଡିକରେ ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଣେଷଙ୍କ ଆରାଧନା କରାଯାଇଛି। ଏହି ଅବସରରେ ଡେଲାଙ୍ଗ ବ୍ଲକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ ପରିସରରେ କୋଷାଧକ୍ଷ ଲିଙ୍ଗରାଜ ସ୍ୱାଇଁଙ୍କ ନେତୃତ୍ୱରେ ପ୍ରଭୁ ଶ୍ରୀ ଗଣେଷଙ୍କ ଆବାହନ କରାଯାଇ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଡେଲାଙ୍ଗ ଷ୍ଟେସନ ବଜାର ବଣିକ ସଂଘ ପକ୍ଷରୁ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ପ୍ରଭୁ ଶ୍ରୀ ଗଣେଷଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଡେଲାଙ୍ଗ ବ୍ଲକର କଲ୍ୟାଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟ, ରାଧାକାନ୍ତ ବିଦ୍ୟାପୀଠ, ବେରବୋଇ ଉଚ୍ଚବିଦ୍ୟାଳୟ, ମହତାବ ଉଚ୍ଚବିଦ୍ୟାଳୟ, ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଳିକା ଉଚ୍ଚବିଦ୍ୟାଳୟ ଡେଲାଙ୍ଗ ହାଟ ବଜାର, ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରଭୁ ଶ୍ରୀ ଗଣେଷଙ୍କ ଆରାଧନା କରାଯାଇଛି। ପିଏନ୍‌ବି କନ୍‌ଷ୍ଟ୍ରକସନ ପରିସରରେ କନ୍‌ଷ୍ଟ୍ରକସନର ପ୍ରମୁଖ ସ୍ୱାଗତ ବରାଳଙ୍କ ନେତୃତ୍ୱରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବିଘ୍ନହର୍ତ୍ତାଙ୍କ ଆରାଧନା କରାଯାଇଛି। ସେହିପରି ଉଦୟପୁର, ଡଁପୁର, ପଞ୍ଚୁପଲ୍ଲା, ଗୁଆଳିପଡ଼ା, ବେରବୋଇ, ଡେଲାଙ୍ଗ ହାଟ ବଜାର, ରେଞ୍ଚ, ତରବୋଇ, ବୁଆଲି, ମାଛପଡ଼ା, ପାଟପୁର, ଘୋରଡିଆ, କଲ୍ୟାଣପୁର ଆଦି ଗ୍ରାମମାନଙ୍କରେ ଶ୍ରୀଗଣେଷଙ୍କ ପୂଜାର୍ଚ୍ଚନା କରାଯାଇଛି।

● **କଣାସ:** ସାରାଦେଶରେ ଆଜି ଗଜାନନଙ୍କ ପୂଜା ଉତ୍ସବ ମହାସମାରୋହରେ ପାଳିତ ହେଉଥିବା ବେଳେ କଣାସ ବ୍ଲକର ପୁରପଲ୍ଲୀ, ବଜାର, ବ୍ୟବସାୟିକ ଅନୁଷ୍ଠାନ, ବିଦ୍ୟାଳୟ ମାନଙ୍କରେ ଆଜି ଗଜାନନଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟରେ ଅଧୟନ କରୁଥିବା ଛାତ୍ରଛାତ୍ରୀମାନେ ପୂଜା ଆର୍ଚ୍ଚନା କରିଥିଲେ। ଆଜି କୋମଳମତି ପିଲାମାନେ ନୂତନ ଭାବେ ବିଦ୍ୟାଳୟକୁ ଯାଇ ଗୁରୁଙ୍କୁ ମୁଣ୍ଡିଆମାରି ନୂଆ ସ୍ଲେଟ୍‌ରେ ଧରି ବିଦ୍ୟା ଆରମ୍ଭ କରିଥିଲେ। କଣାସ ଠାରେ କଣାସ ଗୋଲାବଜାର, କଣାସ କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ, ଗଣେଶ କ୍ଲବ କୃଷ୍ଣନଗର, ଆରଡିସି କ୍ଲବ ବାଲିଘାଇ ଛକ, କଣାସ ଗ୍ରାମ, ନୂଆଦୋକନ୍ଦା, ଜଙ୍କିଆ, ବିଜିପୁର, କରମଳା, ଗଡିଶାଗୋଦା, ଜାଗୁଲେଇପଦର, ବଡାଲ, କଉଡିଖିଣି, ବକ୍ସୁ, ସାହୁପଡା, ଗଡଖାରଦ, ଶ୍ରୀପୁରୁଷୋତ୍ତମପୁର, ମନ୍ଦାରବସ୍ତ, କାତପଡ଼ା, ଜଙ୍ଘାର ଓ ଅନ୍ୟାନ୍ୟ ବଜାର କମିଟି ପକ୍ଷରୁ ରଙ୍ଗବେରଙ୍ଗର ତୋରଣ ମଧରେ ବିରାଟ ବିରାଟକାୟ ଗଣେଶ ମୂର୍ତ୍ତି ବସାଯାଇ ପୂଜାର୍ଚ୍ଚନା ଚାଲିଥିବା ଦେଖିବାକୁ ମିଳିଥିଲା।

● **କିଶୋରନଗର:** କିଶୋରନଗର ସାମନ୍ତରାପୁରସ୍ଥିତ ଉଇସ୍ ଡମ୍ ପବ୍ଲିକ ସ୍କୁଲରେ ଶନିବାର ନିଆରା ଢଙ୍ଗରେ ଗଣେଶ ପୂଜା କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ପ୍ରିତମ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ସହ ବୃଦ୍ଧବୃଦ୍ଧାମାନଙ୍କୁ ପୂଜାରେ ସାମିଲ କରାଯାଇଥିଲା। ସ୍ଥାନୀୟ ଇଶାଣିବ୍ରହ୍ମପୁରରେ ଥିବା ଜରାଶ୍ରମର ବୃଦ୍ଧବୃଦ୍ଧାମାନଙ୍କୁ ସ୍କୁଲକୁ ଅଣାଯାଇ ନୂତନ ବସ୍ତ୍ର ପରିଧାନ ପୂର୍ବକ ଅନ୍ନପ୍ରସାଦ ସହିତ ପୂଜାରେ ସାମିଲ୍ କରାଯାଇ ଏକ ନୂତନ ପରମ୍ପରା ସୃଷ୍ଟି କରାଯାଇଛି। ଅଧକ୍ଷା ଅପରାଜିତା ଘୋଷାଲ, ବନଜା ବାସିନୀ ଦାସ, ସରିତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● **ଚାରିଛକ:** ଚାରିଛକ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ଶ୍ରୀ ବିଘ୍ନରାଜଙ୍କ ପୂଜା ଧୁମ୍‌ଧାମ୍‌ରେ ଆଜି ପାଳିତ ହୋଇଯାଇଛି। ଚାରିଛକ ବ୍ୟବସାୟୀ ସଂଘ, ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ, ଚାରିଛକ ମେଡିକାଲ ଛକ, ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ, ତୁଳସୀପୁର ବ୍ୟବସାୟୀ ସଂଘ, ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ତୁଳସୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତୁଳସୀପୁର ଉ.ପ୍ରା ସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ମନ୍ଦିର, ଅକ୍ସଫୋର୍ଡ ସ୍କୁଲ, ଲକି ପବ୍ଲିକ ସ୍କୁଲ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ, ସରସ୍ୱତୀ ଉଚ୍ଚମାଧମିକ ବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନରେ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପୂଜା ମଣ୍ଡପ ଗୁଡିକ ବିଭିନ୍ନ ତୋରଣ ସାଙ୍ଗକୁ ସାଜସଜା ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ପୂଜା ମଣ୍ଡପରେ ଆଜି ଶ୍ରଦ୍ଧାଳୁମାନଙ୍କ ଭିଡ ଜମିଥିବା ବେଳେ ଚଳିତବର୍ଷ ପ୍ରଶାସନ ପକ୍ଷରୁ ଡିଜେ ଓ ସାଉଣ୍ଡ ଉପରେ କଟକଣା ରହିଥିବାରୁ କେବଳ ଦେଶୀ ବାଦ୍ୟ ଘଣ୍ଟ ଘଣ୍ଟା ବଜାଇ ପୂଜାର୍ଚ୍ଚନା କରାଯାଇଛି।

● **ମାହାଙ୍ଗା:** ମାହାଙ୍ଗା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଗଣେଶ ପୂଜା ପାଳିତ ହେଉଛି। ପୂଜା ମଣ୍ଡପଗୁଡିକୁ ବିଭନ୍ନ ସୁନ୍ଦର ତୋରଣ ସହ ଆଲୋକ ସଜ୍ଜାରେ ସଜ୍ଜିତ କରାଯାଇଛି। ଏହି ଅବସରରେ ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟ ,ବାଗ୍ମୀ ବିଶ୍ୱନାଥ ସରକାରୀ ଉଚ୍ଚବିଦ୍ୟାଳୟ, ନାରୀଜଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୋକନ ନୋଡାଲ ଉପ୍ରା ଓ ଉଚ୍ଚବିଦ୍ୟାଳୟ, ଅଚ୍ଛୁତପୁର ଜାନକୀବଲ୍ଲଭ ହାଇସ୍କୁଲ, ପୋଡାମରାଇ ମାହାଙ୍ଗା ସେବା ପ୍ରକୋଷ୍ଠ, ଶୁଖୁଆପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ, ହଂସଦିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗୋକନ ଏମଏସଡି କୋଚିଙ୍ଗ ସେଣ୍ଟର, ଓଷଙ୍ଗ ସକରାରୀ ପ୍ରାଥମିକ ବିଦ୍ୟାଳୟ, କମାଓଜା ସରକାରୀ ପ୍ରାଥମିକ ବିଦ୍ୟାଳୟ, ସେମିଓଟିକ୍ସ କଂପ୍ୟୁଟର ଶିକ୍ଷା କେନ୍ଦ୍ର, ପରିଡାପାଟଣା ଗଣେଶ ପୂଜା କମିଟି, ମହାବୀର ଷ୍ଟଡି ସର୍କଲ ସମେତ ୩୭ଟି ପଞ୍ଚାୟତର ପୂଜାମଣ୍ଡପରେ ଗଣେଶ ପୂଜା ମହାଆଡମ୍ବରରେ ପାଳିତ ହେଉଥିବା ଦେଖିବାକୁ ମିଳିଛି।



● **ବଳଙ୍ଗା:** ଆଜି ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ବଳଙ୍ଗା ଅଞ୍ଚଳରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବଳଙ୍ଗା ବଜାର, ପ୍ରତ୍ୟେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଗୋପିନାଥପୁର, ଉଛୁପୁର, ନୂଆସନ୍ଥ, କୋଠକୁସାଙ୍ଗ ଆଦି ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି।



● **ଓଡ଼ଗାଁ:** ଓଡ଼ଗାଁ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନ ସହିତ ବିଭିନ୍ନ ସ୍ଥାନରେ ହିନ୍ଦୁଧର୍ମର ଆଦିଦେବତା ଅଗ୍ରପୂଜ୍ୟ ମହାବିନାୟକ ଶ୍ରୀଗଣେଶଙ୍କ ପୂଜା ଉତ୍ସବ ଶନିବାର ମହା ସମାରୋହରେ ପାଳିତ ହୋଇଯାଇଛି। ସକାଳେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କ ସହିତ ଓଡ଼ଗାଁ ବ୍ଲକରୋଡ, ବସଷ୍ଟାଣ୍ଡ ନିକଟ ପୂଜା ମଣ୍ଡପ, ସିନେମାହଲ ଛକ, ରଙ୍ଗଣୀ ପାଟଣା, ଜାମୁସାହି, କୋମଣ୍ଡ, କୁରାଳ, ସୁନାମୁହିଁ ଓ ଶରଣକୁଳ ସୁହାରସାହି ଗଣପତିକ୍ଲବ, ଗୁଡ଼ିଆସାହି ଟାଉନ୍‌କ୍ଲବ, ନରେନ୍ଦ୍ରପୁର, କଟରାଝରୀ, ଖଳିପାଟଣା ଯୁବକସଂଘ, ସୋଲପଟା, ଗୋଟିସହି, ହରିହରପୁର, ପଞ୍ଚାରିଡା, ଶିଖରପୁର, ଆଙ୍ଗିସିଙ୍ଗି, ବଡପୁଟ, ବାଉଁଶିଆ, ଗୋଡିପଡ଼ା, ଡିମିଶର, ବଡ଼ଗୋରଡା, ଅସୁରଢିପା, ଦରପଦା, ମାଛିପଡ଼ା ଆଦି ଗ୍ରାମରେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାଉତ୍ସବ ପାଳିତ ହୋଇଯାଇଛି। ପୂଜାମଣ୍ଡପମାନଙ୍କରେ ରଙ୍ଗୀନ ଆଲୋକମାଳା ଓ ଆକର୍ଷଣୀୟ ତୋରଣ ଲଗା ଯାଇଥିବାବେଳେ ସଂଧାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁରାଳ ପାଇକରାୟସାହି ଯୁବକସଂଘ, ବେଙ୍ଗେଇସାହି ଯୁବକ-ସଂଘ, ଦୋଳମଣ୍ଡପ ଛକ, ଗଡ଼ସାହି, ତୋଟାସାହି, ଗୋଲାସାହି, ରଜକ ସାହି ସମେତ ସମସ୍ତ ସାହିରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜାଉତ୍ସବ ଅନୁଷ୍ଠିତ ହୋଇଛି।



## ମହାବୀର କ୍ଲବ୍ ପକ୍ଷରୁ ଗଣେଶ ପୂଜା



**ପିପିଲି,୭।୯/ଏନ୍‌ଏନ୍‌ଏସ୍:** ଆଜି ପିପିଲି ବଜାରଠାରୁ ଆରମ୍ଭକରି ବିଭିନ୍ନ ଗ୍ରାମାଞ୍ଚଳମାନଙ୍କରେ ଗଣେଷ ପୂଜା ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ପିପିଲି ବଜାରରେ ମା’ ଦୁଲ୍ଲାଦେଇ କ୍ଲବ, ଦରଡାର ବାଜିରାଉତ କ୍ଲବ, ମହାରାଜା କ୍ଲବ, ରୟାଲ କ୍ଲବ, ଫ୍ରେଣ୍ଡସ କ୍ଲବ, ସିଂ ସାହି ରୟାଲ କ୍ଲବ, ମା’ ମଙ୍ଗଳା କ୍ଲବ, ପିପିଲି ବଜାର ବ୍ୟବସାୟୀ ସଂଘ ସମେତ ମୋଟ ୧୬ଟି ବଡ଼ ପୂଜାମଣ୍ଡପରେ ଗଜାନନ ପୂଜା ପାଉଥିବା ବେଳେ ଏଥି ମଧ୍ୟରୁ ମହାରାଜା ଓ ମା’ ଦୁଲ୍ଲାଦେଇ କ୍ଲବ୍‌ର ଗଜାନନ ଅତି ଆକର୍ଷଣୀୟ ହୋଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ବଜାରର ସମସ୍ତ ପୂଜା କମିଟିର ଗଜାନନଙ୍କ ମୂର୍ତ୍ତି ଆସନ୍ତା ୧୩ତାରିଖ ତଥା ଶୁକ୍ରବାର ସମୂହ ଭସାଣି ଯାତ୍ରା ଗୋଟିଏ ଦିନରେ କରାଯିବ ବୋଲି ପିପିଲି ବଜାର କମିଟି ସଭାପତି ରାକେଶ ମହାପାତ୍ର କହିଛନ୍ତି। ସେହିଭଳି ପିପିଲି ବ୍ଲକ୍‌ର ବିଭିନ୍ନ ଗାଁ ଗଣ୍ଡା ସହ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗଣେଷ ପୂଜା ବହୁ ଆଡମ୍ବରରେ ପାଳିତ ହୋଇଯାଇଥିବା ବେଳେ ପିପିଲି ପୌରାଞ୍ଚଳ ଜୟପୁରହାଟ ମହାବୀର କ୍ଲବ ପକ୍ଷରୁ ଗଜାନନ ପୂଜାକୁ ବହୁ ଆଡମ୍ବରରେ ପାଳନ କରାଯାଇଛି। ଏ ବର୍ଷ ୧୦ଫୁଟ ବିଶିଷ୍ଟ ଗଜାନନଙ୍କ ମୂର୍ତ୍ତି ନିର୍ମାଣ କରାଯାଇଛି। ଏନେଇ ଜୟପୁରହାଟ ଗ୍ରାମବାସୀମାନେ ମିଳିତ ଭାବେ ଏହି ପୂଜାକୁ ବହୁ ଆଡମ୍ବର ସହକାରେ ପାଳନ କରିଛନ୍ତି। ତେବେ କାର୍ଯ୍ୟକ୍ରମକୁ ଗ୍ରାମର ଯୁବ ସହଯୋଗୀ ଅନିଲ କୁମାର ମହାରଣା, ତ୍ରିଲୋଚନ ମହାରଣା, ଶଶିକାନ୍ତ ମହାରଣା, ମୋହନ ମହାରଣା, ପ୍ରିୟବ୍ରତ ମହାନ୍ତି, ସଚିକାନ୍ତ ମହାରଣା, ମନୋଜ ମହାରଣା, ପ୍ରଭାତ ମହାରଣା ପ୍ରମୁଖ ସାମିଲ ହୋଇ କାର୍ଯ୍ୟ ସଂପାଦନ କରିଥିଲେ।

## ପୁରପଲ୍ଲୀ ଉତ୍ସବମୁଖର

**ଫୁଲନଖରା,୭।୯/ଏନ୍‌ଏନ୍‌ଏସ୍:** ଦିନ ତମାମ ଦୁହାକୁତୁହା ବର୍ଷା ସତ୍ତ୍ୱେ ପୁରପଲ୍ଲୀରେ ଗଣପତିଙ୍କ ପୂଜାର୍ଚ୍ଚନା ଉତ୍ସାହର ସହ ପାଳିତ ହୋଇଛି। ସଦର ଥାନା ଅନ୍ତର୍ଗତ ଉତ୍ତମାପୁର (ଗଙ୍ଗେଶ୍ୱର)ଠାରେ ଥିବା କେଦାରେଶ୍ୱର ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ମୁରବି ସୁନ୍ଦରପ୍ରଭାତ ଦାସ, ସରପଞ୍ଚ ରୋହିଣୀ ଭୋଇ, ସମିତି ସଭ୍ୟ ସତ୍ୟବ୍ରତ ଜେନା, ସମାଜସେବୀ ଗିରିଶ ପଟ୍ଟାଡ଼ିଆ, ଶିକ୍ଷାବିତ ଇଂ.ସୁଶାନ୍ତକୁମାର ତ୍ରିପାଠୀ, ଆଇନଜୀବୀ ଅଭିରାମ ପାତ୍ର, ପ୍ରାକ୍ତନ ସରପଞ୍ଚ ଦିଲୀପ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଗଙ୍ଗେଶ୍ୱରସ୍ଥିତ ମଦନମୋହନ ଯୁବକ ସଂଘ ପକ୍ଷରୁ ଗ୍ରାମରେ ନିର୍ମିତ ସୁସଜ୍ଜିତ ମଣ୍ଡପରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। କୁରାଙ୍ଗଶାସନସ୍ଥିତ ବାବା ଶ୍ରୀରାମ ପ୍ରସାଦ ସଂସ୍କୃତ ଏକାଡ଼େମୀ, ନଛିପୁର (ଗଙ୍ଗେଶ୍ୱର) ସ୍ଥିତ ଶୁଦ୍ଧାନନ୍ଦ ବିଦ୍ୟାଳୟ ଓ ଶୁଦ୍ଧାନନ୍ଦ ଇଞ୍ଜିନିୟରିଙ୍ଗ କଲେଜ ସମେତ ଉଷୁମା ପଞ୍ଚାୟତ ହାଇସ୍କୁଲ, ରାୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ଗଜାନନଙ୍କ ମୃଣ୍ମୟ ପ୍ରତିମାଙ୍କ ପୂଜାର୍ଚ୍ଚନା ହୋଇଥିଲା।

## କୋଣାର୍କରେ ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା

**କୋଣାର୍କ,୭।୯/ଏନ୍‌ଏନ୍‌ଏସ୍:** ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ତଥା ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳର ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ସଂଗଠନ, କ୍ଲବ ଓ ସାମାଜିକ ସଂଗଠନ ମାନଙ୍କ ପକ୍ଷରୁ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଅଗ୍ରପୂଜ୍ୟ ଗଜାନନ ଗୌରୀ ନନ୍ଦନ ଭଗବାନ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ମହାସମାରୋହ ରେ ପାଳିତ ହୋଇଯାଇଛି। କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଣାର୍କ ଆଶ୍ରମ ସ୍କୁଲ, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର,କୋଣାର୍କ ଥାନା ସ୍ଥିତ ପୁରାତନ ଶ୍ରୀଗଣେଶ କମିଟି, ରାଉଳପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ, ଧନିତ୍ରୀ ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ନୂଆଗାଁ ସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, କୋଣାର୍କ ଯାତ୍ରୀ ନିବାସ, କୋଣାର୍କ ମତ୍ସ୍ୟ ବ୍ୟବସାୟୀ ସଂଘ, କୋଣାର୍କ ବସଷ୍ଟାଣ୍ଡ ଶ୍ରୀ ଗଣେଶ କମିଟି, ଧନିତ୍ରୀ ନିଉଷ୍ଟାର କ୍ଲବ ଗଣେଶ କମିଟି, ରୁଦ୍ରାଣୀ ଉଚ୍ଚ ବିଦ୍ୟାଳୟ, ବଟେଶ୍ୱର ନୋଡାଲ ଉଚ୍ଚବିଦ୍ୟାଳୟ, କୋଣାର୍କ ସରସ୍ୱତୀ ଶିଶୁମନ୍ଦିର, ବାଲିଦୋକାନ ସରସ୍ୱତୀ ଶିଶୁମନ୍ଦିର, ଜୁଣେଇଁ ସ୍ଥିତ ମା’ ମଲ୍ଲିକାଇ ଗଣେଶ କମିଟି, ପଇତାବରାଇ ଗଣେଶ କମିଟି ସମେତ ବିଭିନ୍ନ କ୍ଲବ ଓ ସଂସ୍କୃତି ସାମାଜିକ ସଂଗଠନ ପକ୍ଷରୁ ଶ୍ରୀ ଗଣେଶଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି।

## ସାଲେପୁରରେ ଗଣେଶ ଚତୁର୍ଥୀ ଉତ୍ସବ



**ସାଲେପୁର,୭।୯/ଏନ୍‌ଏନ୍‌ଏସ୍:** ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ସାଲେପୁର ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପୂଜାମଣ୍ଡପରେ ବିଘ୍ନନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଛି। ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକ ପରିସର ସୁସଜ୍ଜିତ କରାଯାଇ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଭକ୍ତିମୟ ପରିବେଶ ମଧରେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା କରିଥିଲେ। ସେହିପରି ବିଭିନ୍ନ ପୂଜା ମଣ୍ଡପମାନଙ୍କରେ ଆକର୍ଷିତ ଆଲୋକ ସଜ୍ଜିତ କରି ବିଭିନ୍ନ ପ୍ରକାର ତୋରଣ ମାଧମରେ ଉତ୍ସବ ଅନୁଷ୍ଠିତ ହୋଇଛି। ସାଲେପୁର ଉଚ୍ଚବିଦ୍ୟାଳୟ, ଫାର୍ମାସିଷ୍ଟ କଲେଜ, ଇଂଗ୍ଲିସ ମିଡିଅମ ସ୍କୁଲ, ରୋଧପୁର ସ୍କୁଲ, ସାଲେପୁର ଶିଶୁମନ୍ଦିର, ସାଲେପୁର ପବ୍ଲିକ ସ୍କୁଲ, ବିଏନବୀ କଲେଜ, ସାବିତ୍ରୀ ଦେବୀ ବିଜ୍ଞାନ ମହାବିଦ୍ୟାଳୟ, କଣ୍ଡାସାହି ଗଣେଶ ପୂଜା କମିଟି, ସାହେଶ୍ୱରୀ କ୍ଲବ, ରୋଧପୁର ଇଲେଭେନ ଷ୍ଟାର କ୍ଲବ, ରୋଧପୁର ଶାରଳା କ୍ଲବ, ମାଛୁଆତି ତାରିଣୀ କ୍ଲବ, ସତ୍ୟନାରାୟଣ କ୍ଲବ୍ ପକ୍ଷରୁ ପ୍ରଭୁ ଶ୍ରୀ ଗଣେଶଙ୍କର ପୂଜାର୍ଚ୍ଚନା ମହା ଆଡମ୍ବରରେ କରାଯାଇଛି।

NITIDIN ନିତିଦିନ

DISPLAY CLASSIFIED
Every Day All Odisha Publications

For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

Odisha's Most Reliable Nursing Institution Since Last 22 Years
FIRST TIME IN ODISHA FREE INTEGRATED COACHING FOR AIIMS/ OSSSC/JIPMER/ESIC/NURSING OFFICER EXAM
ANM ELG.- +2, DURATION- 2 YRS.
GNM ELG.- +2, DURATION- 3 YRS.
DMLT / DMRT ELG.- +2 SC., DURATION- 2 YRS.
B.Sc Nursing ELG.- +2 (PCB), DURATION- 4 YRS.
P.B.B.Sc Nursing ELG.- GNM PASS, DURATION- 2 YRS.
M.Sc Nursing ELG.-BSC (N)/ PB.BSC(N) with 55% Marks, DURATION-2 YRS.
Recognised by D.M.E.T., Govt. of Odisha
100% PLACEMENT ASSISTANCE Smart Class Room Practical at SCB Medical College www.dgeiodisha.com
DHANESWAR GROUP OF EDUCATIONAL INSTITUTIONS
BHUBANESWAR COLLEGE OF NURSING & DHANESWAR SCHOOL AND COLLEGE OF NURSING
RECOGNISED BY GOVT. OF ODISHA, INDIAN NURSING COUNCIL, OUHS
UTTAMAPUR, BALIKUDA, CUTTACK Contact 9348896738 9938100766

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P. Equivalent to all Universities, Odisha
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

NARAYANI SCHOOL OF NURSING
GANDHI CHHAK, JAGATSINGHPUR
Few seats Available
GNM
ELIGIBILTY 40% (35% FOR SC/ST) IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:-
7008545532
9040707835
9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ Raw Material Free
7682938106
8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସଂପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସଂପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।

# ଖୋର୍ଦ୍ଧା, କଟକ ଓ ପୁରୀରେ ଗଡ଼ିଲା ସୁଭଦ୍ରା ସଚେତନତା ରଥ





**ଖୋର୍ଦ୍ଧା,୭।୯/ଏନ୍‌ଏନ୍‌ଏସ୍‌:** ରାଜ୍ୟ ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସକାଳ ୧୧ଟାରେ ୩ଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ୬ଟି ବ୍ଲକ୍‌ରେ ଏହି ୩ଟି ରଥ ପରିକ୍ରମା କରିବ। ପରିକ୍ରମା ସମୟରେ ସୁଭଦ୍ରା ସଚେତନତା ସଂଗୀତ ଗାନ ପ୍ରଚାର କରିବ। ପ୍ରତି ୨ଟି ବ୍ଲକ୍‌କୁ ୧ଟି ରଥ ଉଦ୍ଦିଷ୍ଟ ରହିଛି। ଏହି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂହ, ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରୀ ବାଳା ଜେନା, ଖୋର୍ଦ୍ଧା ଉପଜିଲ୍ଲାପାଳ ଦିପ୍ତି ରଞ୍ଜନ ସେଠୀ, ତହସିଲଦାର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କୁସୁମ ପ୍ରହରାଜ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଓ ଜିଲ୍ଲାର ବିଭିନ୍ନ ପଦାଧିକାରୀ, ବ୍ଲକ୍ ଫେଡେରାଲ ପ୍ରେସିଡେଣ୍ଟ, ସେକ୍ରେଟାରୀ ଓ ଜନସାଧାରଣ ଯୋଗ ଦେଇଥିଲେ।

**କଟକ:** ସୁଭଦ୍ରା ଯୋଜନା ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଇବା ନିମନ୍ତେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସମାଜମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ପ୍ରକାଶ ଆର୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ପ୍ରମୁଖ ପତାକା ଦେଖାଇ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ସାଂସଦ ଶ୍ରୀ ମହତାବ କହିଥିଲେ ଯେ ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଆର୍ଥିକ ସହାୟତା ପ୍ରଦାନ କରି ମହିଳାମାନଙ୍କର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା। ବିଧାୟକ ଶ୍ରୀ ସେଠୀ ସୁଭଦ୍ରା ଯୋଜନାକୁ ଯୁଗାନ୍ତକାରୀ ଯୋଜନା ଭାବେ ଅଭିହିତ କରିବା ସହିତ ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ଆଜିଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ସଚେତନତା ରଥ ବିଭିନ୍ନ ବ୍ଲକ ଓ ପଞ୍ଚାୟତ ଭ୍ରମଣ ସହ ବାଙ୍କୀ, ଆଠଗଡ଼, ଚୌଦ୍ୱାର ସହରାଞ୍ଚଳ ସଂସ୍ଥା ଏବଂ କଟକ ମହାନଗର ନିଗମ ଅଞ୍ଚଳ ଭ୍ରମଣ କରିବ। ଆଜିର କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡ଼ା ପରିଚାଳନା କରିଥିବାବେଳେ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡ଼ା ଏବଂ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ପୁରୀ:** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ଯୋଜନା ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଏହି ରଥକୁ ଉଦ୍‌ଘାଟନ ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆର୍ଥିକ ସମୃଦ୍ଧ କରିବାରେ ସୁଭଦ୍ରା ଯୋଜନା ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ୍ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ମମତା ଡିପିସି ପ୍ରଣତି ମହାନ୍ତି, ମିଶନ ଶକ୍ତି ଡିପିସି ଆରତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାରେ ଆଜିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ୬ଟି ସୁଭଦ୍ରା ସଚେତନତା ରଥ ପରିକ୍ରମା କରିବ। ସମସ୍ତ ବ୍ଲକ, ପୌରପରିଷଦ ଓ ଏନ୍‌ଏସି ଅଞ୍ଚଳ ପରିକ୍ରମା କରି ଲୋକମାନଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନ କରିବ ଏହି ରଥ।



# ଅବକାରୀ ଚଢ଼ଉ: ୭ ଲକ୍ଷ ଟଙ୍କାର ମଦ ଓ ପୋଚ ଜବତ

**କଟକ,୭।୯/ଏନ୍‌ଏନ୍‌ଏସ୍‌:** ଖୁଣ୍ଟୁଣୀ ଅଞ୍ଚଳର ଘଞ୍ଚ ଜଙ୍ଗଲରେ ଜିଲ୍ଲା ଅବକାରୀ ବିଭାଗ ଏକାଧିକ ମଦ ଭାଟିରେ ଚଢ଼ଉ କରିଛି। ଚଢ଼ଉ ବେଳେ ମୋଟ ୭ ଲକ୍ଷ ୧୧ ହଜାର ୪୫୦ ଟଙ୍କାର ମଦ ଓ ପୋଚ ଜବତ ହୋଇଛି। ପ୍ରାୟ ୫ ଫୁଟ୍ ଗଭୀର ଗାତ ଭିତରେ ୨୯୯ଟି ପ୍ଲାଷ୍ଟିକ୍ ଜାର୍ ଠାବ ହୋଇଛି। ୩୩ଟି ଜାର୍‌ରେ ମଦ ଓ ୨୬୬ଟି ଜାର୍‌ରେ ପୋଚ ଥିଲା। ଚଢ଼ଉ ବେଳେ ସମସ୍ତ ମଦ ମାଫିଆ ଫେରାର୍ ହୋଇଯାଇଛନ୍ତି। କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରିଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ନିମାଇଁ ଚରଣ ସିଂହଙ୍କ ନେତୃତ୍ୱରେ ଖୁଣ୍ଟୁଣୀ ଅଞ୍ଚଳରେ ଆଜି ଚଢ଼ଉ କରାଯାଇଥିଲା। ଖଣ୍ଟୁଆଳି, ଡାଲୁଅ, ସରସ୍ୱତୀପୁର ଗାଁ ନିକଟସ୍ଥ ଜଙ୍ଗଲରେ ଖୁଣ୍ଟୁଣୀ ପୁଲିସ ସହିତ ଅବକାରୀ ବିଭାଗର ଏକ ଟିମ୍ ମିଳିତ ଭାବେ ଚଢ଼ଉ କରିଥିଲା। ଉକ୍ତ ଚଢ଼ଉରେ ମୋଟ ୧ ହଜାର ୧୫୫ ଲିଟର୍ ଦେଶୀ ମଦ ସହିତ ୯ ହଜାର ୩୧୦ ଲିଟର୍ ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଜବତ କରାଯାଇ ଜଙ୍ଗଲରେ ନଷ୍ଟ କରାଯାଇଛି। କିନ୍ତୁ ଘଟଣାସ୍ଥଳରୁ ଡାଲୁଆ ଅଞ୍ଚଳର ନିଶା ମାଫିଆମାନେ ଫେରାର ହୋଇଯାଇଥିଲେ। ଏନେଇ ୩ଟି ମାମଲା ରୁଜୁ ହୋଇଛି। ଚଢ଼ଉରେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ନିମାଇଁ ଚରଣ ସିଂହ, ଆଠଗଡ଼ ଅବକାରୀ ନିରୀକ୍ଷକ ହେମନ୍ତ ମହାନନ୍ଦିଆ, ଖୁଣ୍ଟୁଣୀ ଥାନା ଏସ୍‌ଆଇ ବିକାଶ ସେଠୀ, ଆଠଗଡ଼ ଉପ ନିରୀକ୍ଷକ ଅରୁଣ ଭୋଇ ଅବକାରୀ, କଟକ ୨ ଅବକାରୀ ଉପନିରୀକ୍ଷକ ତରୁଣ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# କଣ୍ଟେନର୍‌ରୁ ବାହାରୁଛି ମହମବତୀ ଓ ଖାଦ୍ୟ ସାମଗ୍ରୀ



**ପୁରୀ,୭।୯/ଏନ୍‌ଏନ୍‌ଏସ୍‌:** ପୁରୀ ପେଣ୍ଟକଟା ସମୁଦ୍ରକୂଳରେ ଲାଗିଥିବା କଣ୍ଟେନର୍‌ରୁ ବାହାରୁଛି ମହମବତୀ ସାଙ୍ଗକୁ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ। ଲହଡ଼ି ମାଡରେ କଣ୍ଟେନର୍‌ର ଏକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାରୁ ସେଥିରୁ ମହମବତୀ, ବିସ୍କୁଟ, ସୋନପାମ୍ପୁଡି ଭଳି ଶୁଖିଲା ଖାଦ୍ୟ ସାମଗ୍ରୀ ବାହାରୁଛି। କଣ୍ଟେନରରୁ ଶୁଖିଲା ଖାଦ୍ୟ ସାମଗ୍ରୀ ବାହାରୁଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ସେଥିରୁ ଖାଦ୍ୟ ଜିନିଷ ନେଉଥିବା ଦେଖିବାକୁ ମିଳିଛି। ସେପଟେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ପୁରୀ ଜିଲ୍ଲାପାଳ। ଏହି କଣ୍ଟେନର୍‌କୁ ଖୋଲିବା ପାଇଁ କୋଷ୍ଟଗାର୍ଡ ସହିତ ଆଲୋଚନା ହୋଇଛି। କଣ୍ଟେନର୍ ଖୋଲାଯିବା ସମୟରେ କୋଷ୍ଟଗାର୍ଡଙ୍କର ସହାୟତା ନିଆଯିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। କୋଲକାତାରୁ ପୋର୍ଟବ୍ଲେୟାର୍ ବିଭିନ୍ନ ସାମଗ୍ରୀ ନେଇ ସମୁଦ୍ରରେ ଯାଉଥିବାବେଳେ ଇଣ୍ଡୋନେସିଆର ଏକ ଜାହାଜରୁ ପ୍ରାୟ ୭ଟି କଣ୍ଟେନର୍ ମଧ୍ୟରୁ ଏହା ଗୋଟିଏ ବୋଲି ଅନୁମାନ କରାଯାଉଛି। ତେବେ ଗତ ଗୁରୁବାର ମଝି ସମୁଦ୍ରରେ ଏହି କଣ୍ଟେନର୍‌ଟି ଭାସୁଥିବା ଦେଖାଯାଇଥିଲା। ପରେ ସେହିଦିନ ବିଳମ୍ବିତ ରାତିରେ କଣ୍ଟେନର୍‌ଟି ପେଣ୍ଟକଟା ଗଙ୍ଗା ଦେବୀ ମନ୍ଦିର ସମ୍ମୁଖ ସମୁଦ୍ର କୂଳରେ ଲାଗିଥିଲା। କଣ୍ଟେନର୍ ଭିତରେ କ’ଣ ରହିଛି ତା’କୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏବେ କଣ୍ଟେନର୍‌ରୁ ଖାଦ୍ୟ ସାମଗ୍ରୀ ଓ ମହମବତୀ ବାହାରୁଥିବା ବେଳେ କଣ୍ଟେନର ଭିତରେ ଆଉ କ’ଣ ସବୁ ରହିଛି ତା’କୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେବେ ଏହି କଣ୍ଟେନର୍‌କୁ ସୁରକ୍ଷା ଦେବା ସହ ତୁରନ୍ତ ଏହା ଖୋଲାଯିବାର ଆବଶ୍ୟକତା ରହିଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ଅଧ୍ୟାପକ

**ଫୁଲବାଣୀ,୭।୯:** ବାଣିଜ୍ୟରେ ସର୍ବାଧିକ ପୁସ୍ତକ ରଚନା କରି ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଛନ୍ତି ଫୁଲବାଣୀ ସରକାରୀ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଲେଖକ ଡ. ଜ୍ୟୋତି ପ୍ରକାଶ ରଥ । ଡ. ରଥ ବାଣିଜ୍ୟ ବିଭାଗରେ ଏଯାବତ୍ ୪୩ଟି ପୁସ୍ତକ ରଚନା କରି ଏହି ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ଏହି ପରିପ୍ରେକ୍ଷୀରେ ଗତ ସେପ୍ଟେମ୍ବର ୫ ତାରିଖ ପବିତ୍ର ଗୁରୁଦିବସ ଅବସରରେ ତାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କ ରଚିତ ପୁସ୍ତକ ଭାରତର ବିଭିନ୍ନ ରାଜ୍ୟର ଶିକ୍ଷା ବୋର୍ଡ଼ ଦ୍ୱାରା ସ୍ୱୀକୃତି ଲାଭ କରିଛି । ଡ. ରଥ ବର୍ତ୍ତମାନ ଫୁଲବାଣୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଅଛନ୍ତି । ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷାଦାନ କରୁଥିବା ଶ୍ରୀ ରଥ ଜଣେ ଦକ୍ଷ ପ୍ରଶାସକ ଏବଂ ଲେଖକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ପୂର୍ବରୁ ସେ ଲଣ୍ଡନ ବୁକ ଅଫ ରେକର୍ଡସ ସହିତ ଅନ୍ୟାନ୍ୟ ଜାତୀୟ ଏବଂ ଅର୍ନ୍ତଜାତୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ତାଙ୍କର ଗୁଣ ବିବିଧ କ୍ଷେତ୍ରରେ ପ୍ରକାଶିତ, ଯେଉଁଠି ସେ ଶିକ୍ଷା, ଲେଖନୀ ଏବଂ ପ୍ରଶାସନୀକ କାର୍ଯ୍ୟକୁ ସମାନ ଭାବେ ସମ୍ଭାଳି ତାଙ୍କର ନେତୃତ୍ୱକୁ ସଫଳତାର ସହ ପ୍ରତିପାଦନ କରିଛନ୍ତି। ସେ ଇଣ୍ଡିଆ ବୁକ୍ ଅଫ୍ ରେକଡ଼ର୍ସ ସହ ଲଣ୍ଡନ ବୁକ୍ ହଫ୍ ରେକଡ଼ର୍ସ ଏବଂ ଅନ୍ୟାନ୍ୟ ଜାତୀୟ ଏବଂ ଅର୍ନ୍ତଜାତୀୟ ପୁରସ୍କାରର ଅଧିକାରୀ ହୋଇ ନିଜର ରାଜ୍ୟ ଏବଂ ଦେଶର ନାମକୁ ଗୌରବାନ୍ୱିତ କରିଛନ୍ତି । ଯୁକ୍ତ୨ ଏବଂ ଯୁକ୍ତ ୩ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କ ନିମନ୍ତେ ତାଙ୍କର ଏହି ଅଭିନବ ପ୍ରୟାସ ତଥା ଅବଦାନ ଅତୁଳନୀୟ ଅଟେ ।

# ୨୧ ଦିନ ପରେ ଆକ୍ରମଣକାରୀ ଗିରଫ

**ଫିରିଙ୍ଗିଆ,୭।୯/ଏନ୍‌ଏନ୍‌ଏସ୍‌:** ଫିରିଙ୍ଗିଆ ଥାନା ଡ଼ିମିରିଗୁଡା ପଞ୍ଚାୟତ ଶ୍ରୀପଲା ଗାଁରେ ଜଣେ ଯୁବକଙ୍କୁ ଅନ୍ୟଜଣେ ଯୁବକ ମରଣାନ୍ତକ ଆକ୍ରମଣ ଘଟଣାର ଦୀର୍ଘ ୨୧ ଦିନ ପରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି ଫିରିଙ୍ଗିଆ ପୋଲିସ । ଗତ ୧୯ ତାରିଖ ସନ୍ଧ୍ୟା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଶ୍ରୀପଲା ଗାଁର ଜଳନ୍ଧର କହଁର ନାମକ ଜଣେ ଯୁବକଙ୍କୁ ଆଦିତ୍ୟ କହଁର ନାମକ ଅନ୍ୟଜଣେ ଯୁବକ ମାଡମାରିବା ସହ ଏକ ଧାରୁଆ ଖଣ୍ଡାରେ ଆକ୍ରମଣ କରିଥିଲା। ଫଳରେ ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିବା ଗୁରତର ଆହତ ଯୁବକଙ୍କୁ ତାଙ୍କ ପରିବାର ଲୋକେ ଚିକିତ୍ସା ପାଇଁ ପ୍ରଥମେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଆହତ ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଫୁଲବାଣୀ ଓ ପରେ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଘଟଣାକୁ ନେଇ ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ଫିରିଙ୍ଗିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଘଟଣା ପରେ ଅଭିଯୁକ୍ତ ଜଣକ ଫେରାର ହୋଇଯିବାରୁ ପୋଲିସ ତାଙ୍କୁ ଧରିପାରିନଥିଲା । ଶେଷରେ ଡେରିରେ ହେଲବି ଫିରିଙ୍ଗିଆ ପୋଲିସ ଆକ୍ରମଣ କାରି ଅଭିଯୁକ୍ତ ଆଦିତ୍ୟ କହଁର ଘରେ ଥିବା ଖବର ପାଇ ରାତି ଅଧିଆ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲା । ଏହି ଘଟଣାରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏଏସଆଇ ଶ୍ରୀକାନ୍ତ ପାତ୍ରଙ୍କୁ ଦିଆଯାଇଥିବା ବେଳେ ଘଟଣାକୁ ନେଇ ଫିରିଙ୍ଗିଆ ଥାନାରେ ୧୭୬/ ୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି।

# ଡ୍ରିମ୍‌ସ୍ ବିଶ୍ୱବିଦ୍ୟାଳୟରେ ଗଣେଶ ପୂଜା

**କଟକ,୭।୯/ଏନ୍‌ଏନ୍‌ଏସ୍‌:** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମେଡିକାଲ କଲେଜ ସମେତ ବିଭିନ୍ନ ବିଭାଗ ଏବଂ ଛାତ୍ରଛାତ୍ରୀ ନିବାସରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ ବିଘ୍ନରାଜଙ୍କୁ ଆବାହନ ସହ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ପୁରୋଧା ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ପ୍ରଫେସର ଡା. ନିରୂପମା ଚୟନୀ, ଡିନ୍ ଡ. ନୟନ ରଞ୍ଜନ ସାମଲ, ଡ. ଗୋପୀ ଡି., ପ୍ରାଧାପକ ସୁଶାନ୍ତ କୁମାର ସେଠୀ, ପ୍ରାଧାପକ ଦିଲ୍ଲୀପ କୁମାର ମଲ୍ଲିକ, ଡା. ଦୁର୍ଗା ପ୍ରସାଦ ମିଶ୍ର, ଡ. ଅଜିତ୍ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ର, ମାନବ ସମ୍ବଳ ମୁଖ୍ୟ ପ୍ରଦ୍ୟୁତ୍ କୁମାର ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



# ୧୪ରୁ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ୩୫ତମ ବାର୍ଷିକ ସମ୍ମିଳନୀ



**କଟକ,୭।୯/ଏନ୍‌ଏନ୍‌ଏସ୍‌:** ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନର ୩୫ତମ ବାର୍ଷିକ ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ୧୪ ଏବଂ ୧୫ ତାରିଖ ଦୁଇଦିନ ଧରି କଟକ ଶାରଳାଭବନଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି ସାମଗ୍ରିକ ସ୍ୱାସ୍ଥ୍ୟ ଶିକ୍ଷା। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଲା ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମରେ ଆଧାତ୍ମିକ ଭାବଧାରାକୁ ପ୍ରବେଶ କରାଇବା। ଏଥିରେ ଜାତୀୟ ଶିକ୍ଷା କାଉନ୍‌ସିଲର ଚେୟାରମ୍ୟାନ ଡ. ବି. ଏନ୍. ଗଙ୍ଗାଧର ମୁଖ୍ୟଅତିଥି ଏବଂ ଓଡ଼ିଶାର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଡ. ମାନସ ରଞ୍ଜନ ସାହୁ ଏବଂ ଡ.ସନ୍ତୋଷ କୁମାର ମିଶ୍ର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମ୍ମାନିତ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନ ଧରି ଏହି କାର୍ଯ୍ୟକ୍ରମରେ ଜାତୀୟସ୍ତରର ଡ. ଭାଲେନ୍ଦୁ ବୈଷ୍ଣବ, ଡ. ସ୍ମୃତି ବୈଷ୍ଣବ, ଡ. ନିଖିଲ ଖରୋଡ, ଡ. କେ.ଆର୍. ସେଥୁରମଣଙ୍କ ସହିତ ସ୍ଥାନୀୟ ଅନେକ ଅଭିଜ୍ଞ ଚିକିତ୍ସକ ତଥା ସ୍ୱାସ୍ଥ୍ୟ ଶିକ୍ଷାବିତ୍‌ମାନେ ଏଥିରେ ଅଂଶଗ୍ରହଣ କରିବେ ବୋଲି ମାତୃଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ଶ୍ୟାମା କାନୁନ୍‌ଗୋ, ପ୍ରସାଦ ତ୍ରିପାଠୀ, ଡ. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି।

# ଗଣେଶ ପୂଜା ପାଇଁ ଉତ୍ସବମୁଖର କଟକ ଓ ପୁରୀ

**କଟକ,୭।୯/ଏନ୍‌ଏନ୍‌ଏସ୍‌:** ପବିତ୍ର ଗଣେଶ ପୂଜା ପାଇଁ କଟକ ସହର ଉତ୍ସବ ମୁଖରିତ ହୋଇଉଠିଛି। ଆଜିଠାରୁ କଟକରେ ଆରମ୍ଭ ହୋଇଛି ପାର୍ବଣ ଋତୁ। ସାର୍ବଜନୀନ ପୂଜାମଣ୍ଡପ ନିକଟରେ ଘଣ୍ଟା, ଘଣ୍ଟ, ହରିବୋଲ, ହୁଳହୁଳି ଓ ବିଘ୍ନବିନାଶକଙ୍କ ସ୍ତୋତ୍ରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସକାଳୁ ପୂଜାମଣ୍ଡପଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଥିଲା। କେତେକ ମଣ୍ଡପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି। ତେବେ ସହରର ନୂଆପଡ଼ାଠାରେ ମଣ୍ଡପଗୁଡ଼ିକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏଠିକାର ସାଜସଜ୍ଜା ଓ ମଣ୍ଡପ ଦେଖିବା ପାଇଁ ଗହଳି ଦେଖିବାକୁ ମିଳିଛି। ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ତେଲେଙ୍ଗାବଜାର ସ୍ଥିତ ବିଘ୍ନେଶ୍ୱର କ୍ଲବ ପକ୍ଷରୁ ୧୦୮ ଆରତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ମଣିସାହୁ ଛକ ସ୍ଥିତ କ୍ଲବ ଆଣ୍ଡ କ୍ଲବ, ପପୁଲାର କ୍ଲବ, ମଙ୍ଗଳବାଗ, ଇଣ୍ଟର୍‌ନ୍ୟାସ୍‌ନାଲ୍ କ୍ଲବ, ବଣିଆ ସାହି କ୍ଲବ ଏବଂ ବିଭିନ୍ନ କ୍ଲବ ପକ୍ଷରୁ ଗଣେଶ ପୂଜାକୁ ଆକର୍ଷଣୀୟ କରାଯାଇଛି। କଟକରେ ଗଣେଶ ପୂଜା ଓ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ୧୫, ଦ୍ୱିତୀୟ ପର୍ଯ୍ୟାୟରେ ୨୨ ଏବଂ ତୃତୀୟ ପର୍ଯ୍ୟାୟରେ ୨୯ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଭସାଣି ପାଇଁ ଉଭୟ ମହାନଦୀ ଓ କାଠଯୋଡ଼ିରେ କୃତ୍ରିମ ଜଳାଶୟ ସ୍ଥାପନ କରାଯିବ।

ପୁରୀ : ପ୍ରବଳ ବର୍ଷା ସତ୍ତ୍ୱେ ପୁରୀରେ ଧୂମଧାମରେ ପାଳନ ହୋଇଛି ଗଣେଶ ପୂଜା। ବିଭିନ୍ନ ପୂଜା ମଣ୍ଡପ, ସ୍କୁଲ ଏବଂ କ୍ଲବ ପକ୍ଷରୁ ପ୍ରଭୁ ଗଜାନନଙ୍କ ପୂଜାକୁ ବେଶ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ଏଥିପାଇଁ ଆଜି ସକାଳୁ ସକାଳୁ ଚଳଚଞ୍ଚଳ ହୋଇ ଉଠିଥିଲା ଶ୍ରୀକ୍ଷେତ୍ର। ସେପଟେ ଗଣେଶ ପୂଜା ଅବସରରେ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ଆକର୍ଷଣୀୟ ତୋରଣ, ରଙ୍ଗୀନ୍ ଆଲୋକ ବ୍ୟବସ୍ଥା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ବ୍ୟବସ୍ଥା ହୋଇଛି। ବିଶେଷ କରି ପର୍ଯ୍ୟଟକ, ପୁରୀ ସହରବାସୀ ଏବଂ ଛାତ୍ରଛାତ୍ରୀମାନେ ବିଭିନ୍ନ ପୂଜା ମଣ୍ଡପ ବୁଲି ପ୍ରଭୁ ଗଣେଶଙ୍କ ଦର୍ଶନ କରିବା ସହ ଏହି ପୂଜାର ଆନନ୍ଦ ନେଉଛନ୍ତି। ସେପଟେ ଗଣେଶ ପୂଜାଠାରୁ ଭସାଣି ଉତ୍ସବ ପର୍ଯ୍ୟନ୍ତ ଯେଭଳି କୌଣସି ଆଇନଶୃଙ୍ଖଳା ପରିସ୍ଥିତି କିମ୍ବା ବିଶୃଙ୍ଖଳା ସୃଷ୍ଟି ନହୁଏ ସେନେଇ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ବିଘ୍ନ ବିନାଶକ ପ୍ରଭୁ ଗଜାନନଙ୍କ ପୂଜାକୁ ନେଇ ଉତ୍ସବମୁଖର ଶ୍ରୀକ୍ଷେତ୍ର। ପବିତ୍ର ଗଣେଶ ଚତୁର୍ଥୀରେ ପ୍ରଭୁ ଗଜାନନଙ୍କୁ ଆବାହନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି ପୁରୀ ସହରବାସୀ। ପ୍ରବଳ ବର୍ଷା ସତ୍ତ୍ୱେ ବିଭିନ୍ନ କ୍ଲବ୍, ପୂଜା ମଣ୍ଡପ ଏବଂ ଶିକ୍ଷାନୁଷ୍ଠାନ ଗୁଡିକରେ ବେଶ୍ ଆଡ଼ମ୍ବରର ସହ ପାଳନ ହୋଇଛି ଗଣେଶ ପୂଜା। ଗଣେଶ ପୂଜାରୁ ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପ୍ରବଳ ବର୍ଷାରେ ମଧ୍ୟ ସକାଳୁ ବିଭିନ୍ନ ପୂଜା ମଣ୍ଡପଗୁଡ଼ିକରେ ପୂଜକମାନେ ଆସି ପ୍ରଭୁ ଗଣେଶଙ୍କ ଜନ୍ମ ତିଥିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ପ୍ରଥମେ ବରୁଣ ପୂଜା, ପରେ ବର୍ଦ୍ଧନୀ, ମାତୃ ପୂଜା ସହ ପରମ୍ପରା ଅନୁଯାୟୀ ଅନ୍ୟାନ୍ୟ ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ଏଥିସହ ହୋମ ମଧ୍ୟ ଅନୁଷ୍ଠିତ ହେବା ସହ ପ୍ରଭୁ ଗଜାନନଙ୍କ ପାଖରେ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ତେବେ ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ ଗଣେଶ ଚତୁର୍ଥୀରେ ଯେଉଁ ଭକ୍ତମାନେ ପ୍ରଭୁ ଗଜାନନଙ୍କୁ ନିଷ୍ଠାର ସହ ପୂଜା କରଥାନ୍ତି ତାଙ୍କୁ ସମସ୍ତ ସିଦ୍ଧି ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ସେହିପରି ମନୋରଞ୍ଜନ ପାଇଁ ସନ୍ଧ୍ୟା ସମୟରେ ପୂଜା ମଣ୍ଡପ ଗୁଡିକ ପକ୍ଷରୁ ଭଜନ ସନ୍ଧ୍ୟା, ମେଲୋଡ଼ି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ଭସାଣି ଉତ୍ସବରେ ବାଣଫୁଟା ଉପରେ କଟକଣା ଲଗାଯାଇଥିବା ବେଳେ ସହରରେ ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଏସପି ପିନାକ ମିଶ୍ର ପ୍ରକାଶ କରିଛନ୍ତି। ଗଣେଶ ପୂଜାକୁ ନେଇ ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇପଡ଼ିଥିବାବେଳେ ଏକ ସପ୍ତାହ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ। ଆସନ୍ତା ୧୩ ତାରିଖରେ ଗଣେଶ ଉତ୍ସବର ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି।





ନିତିଦିନ NITIDIN
ରବିବାର, ୮ ସେପ୍ଟେମ୍ବର, ୨୦୨୪

**ନିତି ଭାରତୀ** | ନୂଆଖାଇ ଜୁହାର୍ ! ଏଇ ନୂତନ ଫସଲ ଅମଳର ପର୍ବ ସମସ୍ତଙ୍କ ଜୀବନରେ ଆଣିଦେଉ ହର୍ଷ, ଉଲ୍ଲାସ, ସୁଖ ଶାନ୍ତି ଓ ପ୍ରଗତି । - **ନୂଆଖାଇର ଶୁଭ କାମନା**

# ବେସରକାରୀ କ୍ଷେତ୍ରରେ 'ସଂରକ୍ଷଣ' ଜରୁରୀ

୧୯୯୦ ଦଶକରେ ଭାରତରେ ଆର୍ଥିକ ଉଦାରବାଦ, ଘରୋଇକରଣ ଏବଂ ଜଗତୀକରଣର ଆଗମନ ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିନିବେଶ ନୀତି ଯୋଗୁଁ ସରକାରୀ ଏବଂ ସାର୍ବଜନୀନ କ୍ଷେତ୍ରରେ ନିଯୁକ୍ତି ସୁଯୋଗରେ ବହୁତ ହ୍ରାସ ଘଟିଥିଲା । ଏହି ନୀତି ଯୋଗୁଁ ବିଶେଷକରି ଦଳିତ, ଆଦିବାସୀ ଏବଂ ପଛୁଆ ବର୍ଗର ଶିକ୍ଷିତ ଯୁବ ବର୍ଗ ବହୁଳ ଭାବେ ପ୍ରଭାବିତ ହୋଇଥିଲେ । ବର୍ତ୍ତମାନ ମଧ୍ୟ ଏହି ବଞ୍ଚିତ ବର୍ଗର ଲୋକମାନଙ୍କ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସେବାରେ ଲାଗୁ ହୋଇଥିବା ସଂରକ୍ଷଣ ବ୍ୟବସ୍ଥା ପ୍ରଭାବହୀନ



ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ହୋଇଛି ।

ବିଗତ କିଛି ବର୍ଷ ମଧ୍ୟରେ ବେସରକାରୀ କ୍ଷେତ୍ରରେ ପୁଞ୍ଜିନିବେଶ ଫଳରେ ଦେଶର ଅଭିବୃଦ୍ଧି ହାର ଆଶାତୀତ ଭାବେ ବୃଦ୍ଧି ପାଇଛି । ଏକ ପକ୍ଷରେ ସରକାରୀ କ୍ଷେତ୍ରରେ କ୍ରମାଗତ ଭାବେ ପୁଞ୍ଜି ପ୍ରତ୍ୟାହାର ଯୋଗୁଁ ରୋଜଗାର ସଙ୍କୁଚିତ ହେବା ଏବଂ ଅପର ପକ୍ଷରେ ସରକାରଙ୍କଠାରୁ ସବୁ ପ୍ରକାର ସୁବିଧା ପାଇବା ପରେ ମଧ୍ୟ ଘରୋଇ କ୍ଷେତ୍ରରେ ବଞ୍ଚିତ ବର୍ଗଙ୍କ ପାଇଁ ଚାକିରିରେ କୌଣସି ସଂରକ୍ଷଣ ବ୍ୟବସ୍ଥା ଏଯାବତ୍ ଲାଗୁ କରାଯାଇ ନାହିଁ । ସଂରକ୍ଷଣ ବିହୀନ ନିଯୁକ୍ତି ପ୍ରକ୍ରିୟା ଯୋଗୁଁ ଦଳିତ, ଆଦିବାସୀ ଏବଂ ପଛୁଆ ବର୍ଗର ପ୍ରାର୍ଥୀମାନେ ନିଯୁକ୍ତି ସୁଯୋଗ ପାଇପାରୁ ନାହାନ୍ତି । ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ (ଏଫଡିଆଇ) ପରିସର ବୃଦ୍ଧି ଏବଂ ବୀମା ଇତ୍ୟାଦି ବହୁରାଷ୍ଟ୍ରୀୟ କମ୍ପାନୀର ଅନେକ ସଂସ୍ଥା ଖୋଲିବା ଯୋଗୁଁ ବହୁ ବଞ୍ଚିତ ବର୍ଗର ଯୁବକ ଏହି ଘରୋଇ କମ୍ପାନୀଗୁଡ଼ିକରେ ଜୀବିକା ନିର୍ବାହ ପାଇଁ ଆଶାବାଦୀ ହୋଇଥାନ୍ତି । ଗତ ଦଶ ବର୍ଷ ମଧ୍ୟରେ ଭାରତରେ ରେକର୍ଡ ପରିମାଣର ବୈଦେଶିକ ପୁଞ୍ଜିନିବେଶ ହୋଇଛି, ଯାହାଦ୍ୱାରା ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି, କିନ୍ତୁ ଏହିସବୁ ନିଯୁକ୍ତିରେ ବଞ୍ଚିତ ବର୍ଗଙ୍କ ସଂଖ୍ୟାର ଭାଗୀଦାରୀ ବହୁତ କମ୍ ବା ନ୍ୟୂନ ।

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି ଯେ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇଁ ଦଳିତ, ଆଦିବାସୀ ଏବଂ ପଛୁଆ ବର୍ଗଙ୍କ ନିଯୁକ୍ତିକୁ ଯୋଗ୍ୟତା-ମାନଦଣ୍ଡର ପରିପନ୍ଥୀ ଭାବେ ବିଚାର କରି ଶିଳ୍ପପତିମାନେ, କର୍ପୋରେଟ ମାଲିକମାନେ ଏସି, ଏସଟି ଓ ଓବିସିମାନଙ୍କ ପାଇଁ ସଂରକ୍ଷଣକୁ ଦୃଢ଼ ବିରୋଧ କରି ଆସୁଛନ୍ତି । ଯୋଗ୍ୟତା ଓ ଦକ୍ଷତା ସହିତ ଆପୋଷ ବୁଝାମଣାରେ କୌଣସି ନିଶ୍ଚିତ ନୀତି ବ୍ୟବସ୍ଥାକୁ ସେମାନେ ପ୍ରତ୍ୟାଖ୍ୟାନ କରନ୍ତି ।

କିନ୍ତୁ ଏହି ଶିଳ୍ପପତିମାନେ ନିଶ୍ଚିତ ଭାବରେ ବୁଝି ପାରିବେ ଯେ ଯୁକ୍ତରାଷ୍ଟ୍ର ଆମେରିକାରେ କୃଷ୍ଣକାୟ ତଥା ସ୍ୱଦେଶୀ (ଇଣ୍ଡିଜେନସ୍) ଲୋକଙ୍କ ପାଇଁ ଆଫାରମେଟିଭ୍ ଆକ୍ସନ୍ ପ୍ରଯୁଜ୍ୟ ଏବଂ ସେମାନେ ଆମେରିକାର ଜନସଂଖ୍ୟାର ପ୍ରାୟ ୨୦ ପ୍ରତିଶତ । ଏଠାରେ ବହୁରାଷ୍ଟ୍ରୀୟ କମ୍ପାନୀମାନେ ନିଜ ପକ୍ଷରୁ ସାମାଜିକ ବିବିଧତା ବିଷୟରେ ଚିନ୍ତା କରନ୍ତି । ସେମାନେ ସଚ୍ଚୋଟତାର ସହ ଏହି ସମସ୍ୟାଗୁଡ଼ିକ ବୁଝନ୍ତି ଏବଂ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ୨୦% ପର୍ଯ୍ୟନ୍ତ କୃଷ୍ଣକାୟ ଏବଂ ସ୍ୱଦେଶୀ ଆମେରିକୀୟଙ୍କ ପ୍ରତିନିଧିତ୍ୱ ନିଶ୍ଚିତ କରିବାକୁ ନୀତି ନିର୍ଦ୍ଧାରଣ କରିବାକୁ ପଦକ୍ଷେପ ଗ୍ରହଣ କରଥାନ୍ତି । ଆଣ୍ଡ୍ରଏଡ୍ ମୋବାଇଲ୍, ୱାଲମାର୍ଟ ଷ୍ଟୋର୍, ଫୋର୍ଡ, ଆଇବିଏମ୍, ନ୍ୟୁଜ୍ ମିଡିଆ ଏବଂ ଆମେରିକାରେ ଶ୍ରେଷ୍ଠ ୫୦୦ ବ୍ରାଣ୍ଡର ଏଣ୍ଡୋର୍ସମେଣ୍ଟ ନିଶ୍ଚିତ କରେ ଯେ ବିଶ୍ୱବିଦ୍ୟାଳୟରେ କୃଷ୍ଣକାୟମାନଙ୍କୁ ସଠିକ୍ ଭାବରେ ପ୍ରତିନିଧିତ୍ୱ ମିଳୁଛି ।

କିନ୍ତୁ ଭାରତରେ ଏକ ସର୍ଭେ ରିପୋର୍ଟରୁ ଜଣାଯାଇଛି ଯେ ହଜାର ହଜାର କର୍ପୋରେଟ୍ କମ୍ପାନୀର ପ୍ରାୟ ୯୦୦୦ ବୋର୍ଡ ସଦସ୍ୟଙ୍କ ମଧ୍ୟରେ ଓବିସି ପ୍ରତିନିଧିତ୍ୱ ମାତ୍ର ୩.୮% ଏବଂ ଦଳିତ/ ଆଦିବାସୀଙ୍କ ପ୍ରତିନିଧିତ୍ୱ ମାତ୍ର ୩.୫% ଅଟେ, ଯାହା ସମ୍ପୂର୍ଣ୍ଣ ଭାବେ ନୈରାଶ୍ୟଜନକ । କ୍ଷୋଭର ବିଷୟ ଯେ ଭାରତର ବେସରକାରୀ କ୍ଷେତ୍ରରେ ସଂରକ୍ଷଣ କାର୍ଯ୍ୟକାରୀ ହେଉନାହିଁ । ଜମି, ଜଳ ଏବଂ ବିଦ୍ୟୁତ୍ ପାଇଁ ଶିଳ୍ପପତିମାନେ ସରକାରଙ୍କଠାରୁ ସମସ୍ତ ପ୍ରକାର ସହାୟତା ପାଆନ୍ତି ଏବଂ ଆର୍ଥିକ ସହାୟତା ସରକାରୀ କ୍ଷେତ୍ର ଓ ବ୍ୟାଙ୍କଗୁଡ଼ିକରୁ ମଧ୍ୟ ନେଇଥାନ୍ତି । ଦକ୍ଷତା ଏବଂ କାର୍ଯ୍ୟଶୈଳୀର ବାହାନା କରି ସେମାନେ କଦାପି ସେମାନଙ୍କର ସାମାଜିକ ଦାୟିତ୍ୱବୋଧରୁ ଦୂରେଇ ଯିବା ଉଚିତ୍ ନୁହେଁ । ଓବିସି, ଏସସି ଏବଂ ଏସଟି ବର୍ଗରୁ ଆସୁଥିବା ଯୁବକ/ ଯୁବତୀମାନେ ସେମାନଙ୍କର ଯୋଗ୍ୟତା ଥିବା ସତ୍ତ୍ୱେ ଜାତିଭିତ୍ତିକ ପକ୍ଷପାତର ଶିକାର ହୋଇ ଥାଆନ୍ତି । ନଟ୍ ଫାଉଣ୍ଡ୍ ସୁଇଟେବଲ୍ (ଏନ୍‌ଏଫ୍‌ଏସ୍), ଅର୍ଥାତ୍ ଉପଯୁକ୍ତ ନୁହନ୍ତି ବୋଲି ଜାଣିବାକୁ ମିଳିବାର ଆଳ ଦେଖାଇ ଏହି ବଞ୍ଚିତ ବର୍ଗର ଯୋଗ୍ୟ ଯୁବକ ଯୁବତୀମାନଙ୍କୁ ବେସରକାରୀ କ୍ଷେତ୍ରରେ ନିଯୁକ୍ତିରୁ ବଞ୍ଚିତ କରାଯାଉଛି । ଧୀରେ ଧୀରେ ସରକାରୀ ଚାକିରି ହ୍ରାସ ପାଉଥିବା ବେଳେ ବେସରକାରୀ କ୍ଷେତ୍ରରେ ଚାକିରି ଏବଂ ରୋଜଗାରର ସୁଯୋଗ ଘରୋଇକରଣ (ପ୍ରାଇଭେଟାଇଜେସନ୍)/ ଜଗତୀକରଣ (ଗ୍ଲୋବାଲାଇଜେସନ୍) ଯୋଗୁଁ ନିଯୁକ୍ତି ସଂଖ୍ୟା ବଢ଼ି ଚାଲିଛି । ତେଣୁ ବେସରକାରୀ କ୍ଷେତ୍ରରେ ବଞ୍ଚିତ ବର୍ଗ ପାଇଁ ସଂରକ୍ଷଣ ନିଶ୍ଚିତ କରିବା ସହ ରୋଜଗାର ଓ ଚାକିରି ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଡକ୍ଟର ମନମୋହନ ସିଂହଙ୍କ ନେତୃତ୍ୱରେ ପୂର୍ବତନ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଭାରତୀୟ ଉଦ୍‌ଯୋଗ ମହାସଂଘ ଦ୍ୱାରା ବନ୍ଧକ ତଥା ସ୍ୱ-ନିୟାମକ ସମ୍ବନ୍ଧରେ ଦିଆଯାଇଥିବା ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ ।

୨୦୦୪ ମସିହାରୁ ମହାରାଷ୍ଟ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ସିନ୍ଧେ ଏସସି ଏବଂ ଏସଟିମାନଙ୍କୁ ଘରୋଇ କ୍ଷେତ୍ରରେ ଚାକିରିରେ ସଂରକ୍ଷଣ ପାଇଁ ଆଇନ ଆଣିଥିଲେ । କିନ୍ତୁ ଶିଳ୍ପପତିମାନଙ୍କ ଦୃଢ଼ ବିରୋଧ ହେତୁ ଏହି ଆଇନ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ନ୍ୟାସନାଲ କମିଶନ ଫର ବ୍ୟାକୱାର୍ଡ କ୍ଲାସେସ (ଏନସିବିସି), ସାମାଜିକ ନ୍ୟାୟ, ସଶକ୍ତିକରଣ ମନ୍ତ୍ରଣାଳୟ କର୍ମଚାରୀ ଏବଂ ତାଲିମ ବିଭାଗ (ଡିଓପିଟି) ଅଧୀନରେ ଏକ ବିଧି ବ୍ୟବସ୍ଥା ନିଜେ ୨୦୧୬ରେ ସୁପାରିସ କରିଥିଲେ ଯେ ଏକ ଆଇନ ପ୍ରସ୍ତୁତ କରାଯିବା ଉଚିତ, ଯାହାଦ୍ୱାରା ବ୍ୟବସାୟ ପ୍ରତିଷ୍ଠାନ, ଡାକ୍ତରଖାନା, ବିଦ୍ୟାଳୟ ଇତ୍ୟାଦି ଘରୋଇ ଅନୁଷ୍ଠାନରେ ଓବିସିମାନଙ୍କ ପାଇଁ ୨୭% ନିଯୁକ୍ତି ସଂରକ୍ଷିତ କରାଯାଇ ପାରିବ ।

ନ୍ୟାସନାଲ କମିଶନ ଫର ବ୍ୟାକୱାର୍ଡ କ୍ଲାସେସ (ଏନସିବିସି)ର ସୁପାରିସ ଉପରେ ମନ୍ତବ୍ୟ ଦେଇ ତତ୍କାଳୀନ ମାନ୍ୟବର ସାମାଜିକ ନ୍ୟାୟ ମନ୍ତ୍ରୀ ଥାୱାର ଚାନ୍ଦ ଗେହଲଟ୍ କହିଥିଲେ ଯେ ଏକ କାର୍ଯ୍ୟାଳୟ ସ୍ତରୀୟ କମିଟି ଗଠନ କରାଯାଉଛି ଏବଂ ଏହି କମିଟି ଶିଳ୍ପପତି ଏବଂ କର୍ପୋରେଟ୍ ନେତାମାନଙ୍କୁ ନେଇ ଗଠିତ ହେବ; ଏହି ପ୍ରସଙ୍ଗରେ କ'ଣ କରାଯାଇ ପାରିବ, ତାହା ନିର୍ଣ୍ଣୟ ହେବ । କିନ୍ତୁ ଦୁଃଖର ବିଷୟ ଯେ ଏହି ସୁପାରିସଗୁଡ଼ିକ ଉପରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ।

ଏକଥା ଅନସ୍ୱୀକାର୍ଯ୍ୟ ଯେ ଦଳିତ, ଆଦିବାସୀ ଏବଂ ପଛୁଆ ବର୍ଗ ହଜାର ହଜାର ବର୍ଷ ଧରି ଜାତିଭିତ୍ତିକ ଭେଦଭାବର ଶିକାର ହୋଇ ଆସିଛନ୍ତି । ଆଜି ମଧ୍ୟ ଆମ ସମୟରେ ଏହି ବର୍ଗର ଲୋକଙ୍କୁ ଘୃଣାଭରା ଦୃଷ୍ଟିରେ ଦେଖାଯାଏ । ଅନେକ ସମୟରେ ଜାତିଭିତ୍ତିକ ହିଂସା, ଏପରିକି ହତ୍ୟାର ଖବର ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥାଏ । ସାଧାରଣ ଲୋକେ ନୁହନ୍ତି, ଏପରିକି ଉତ୍ତର ଭାରତରେ ଗୋଟିଏ ରାଜ୍ୟର ପଛୁଆ ବର୍ଗର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ମନ୍ଦିର ଦର୍ଶନ କରିବା ପରେ ସମ୍ପୂର୍ଣ୍ଣ ମନ୍ଦିରକୁ ଗଙ୍ଗା ଜଳରେ ଧୂଆ ଯାଇଥିଲା । ଯଦି ଜଣେ କ୍ଷମତାଶାଳୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଏପରି ଅପମାନର ଶିକାର ହୁଅନ୍ତି, ତେବେ ଏହି ବଞ୍ଚିତ ବର୍ଗର ସାଧାରଣ ଲୋକେ କିପରି ଭେଦଭାବର ଶିକାର ହେଉଥିବେ, ତାହା କେବଳ କଳ୍ପନା କରାଯାଇପାରେ ।

ଏହି ସାମାଜିକ ସମସ୍ୟାର ସମାଧାନର ଗୋଟିଏ ମାଧ୍ୟମ ହେଉଛି ଅର୍ଥନୈତିକ ଓ ଶୈକ୍ଷିକ କ୍ଷେତ୍ରରେ ସଂରକ୍ଷଣ, ଯାହାଦ୍ୱାରା ସେମାନେ ଶିକ୍ଷା ଓ ଜୀବନ ଜୀବିକା କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ପାରିବେ । ଏଣୁ ସଂରକ୍ଷଣ ବ୍ୟବସ୍ଥାକୁ ସୁଦୂରପ୍ରସାରୀ ଭାବେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଲାଗୁ କରିବା ବିଧେୟ ।

ଭାରତର ପ୍ରଧାନମନ୍ତ୍ରୀ ନିଜେ ପଛୁଆ ବର୍ଗରୁ ଆସିଛନ୍ତି ଏବଂ ଜାତିଭିତ୍ତିକ ଭେଦଭାବ ବିଷୟରେ ସେ ଭଲଭାବେ ଅବଗତ ଅଛନ୍ତି । ତେଣୁ ପଛୁଆ ବର୍ଗ ତଥା ଅନ୍ୟାନ୍ୟ ବଞ୍ଚିତ ବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବେସରକାରୀ କ୍ଷେତ୍ରରେ ସଂରକ୍ଷଣ ନୀତି କାର୍ଯ୍ୟକାରୀ ତୁରନ୍ତ କରାନ୍ତୁ, ଯାହା ଫଳରେ ଓବିସି, ଏସସି ଓ ଏସଟି ବର୍ଗର ବହୁ ସଂଖ୍ୟକ ଶିକ୍ଷିତ ତଥା ଯୋଗ୍ୟ ଯୁବକମାନେ ନିଯୁକ୍ତି ପାଇ ପାରିବେ । ଆବଶ୍ୟକ ହେଲେ ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ କରାଯାଇପାରେ । ବର୍ତ୍ତମାନ ଦେଶରେ ଏହା ସପକ୍ଷରେ ଜନମତ ଅଛି ଏବଂ ପ୍ରାୟ ସବୁ ରାଜନୈତିକ ଦଳ, ଏପରିକି ଶାସକ ଦଳର ଅନ୍ୟ ସହଯୋଗୀ ଦଳ ମଧ୍ୟ ଏପରି ପଦକ୍ଷେପ ପାଇଁ ନିଜର ସମ୍ମତି ଜଣାଇଛନ୍ତି । ତେଣୁ, ଦେଶର ପ୍ରାୟ ଅର୍ଦ୍ଧାଧିକ ଲୋକଙ୍କ ଦାବି ଯେ ସରକାର ରାଜନୈତିକ ଇଚ୍ଛାଶକ୍ତି ଜାଗ୍ରତ କରନ୍ତୁ ଏବଂ ବେସରକାରୀ ଉଦ୍‌ଯୋଗ, ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଦଳିତ, ଆଦିବାସୀ ଏବଂ ପଛୁଆ ବର୍ଗଙ୍କ ପାଇଁ ଆଇନସମ୍ମତ ସଂରକ୍ଷଣ ନୀତି ଯଥାଶୀଘ୍ର ପ୍ରଣୟନ କରି ଲାଗୁ କରନ୍ତୁ ।

**ବିଧାୟକ, ଆଠଗଡ଼**
**ମୋ: ୯୪୩୭୦୫୧୩୪୦**

# ନାମ ଓ ନାମାବଳୀ

ଚିହ୍ନିବା ପାଇଁ ନାମଟିଏ ରଖିବା ନିତାନ୍ତ ଜରୁରୀ । ପ୍ରତ୍ୟେକ ଜୀବଜନ୍ତୁ, କୀଟପତଙ୍ଗଙ୍କ ପରିଚୟାର୍ଥେ ଭିନ୍ନ ଭିନ୍ନ ନାମ ରହିଛି । ଏହା ଆଜିର ନୁହେଁ; କୋଉ ଆଦିମ କାଳରୁ ପ୍ରଚଳିତ ହୋଇ ଆସୁଛି । କାରଣ, ନାମରେ ବି ସ୍ୱତନ୍ତ୍ର ଭାବାବେଗ ଲୁଚି ରହିଥାଏ । କେବଳ ସନାତନ ଧର୍ମ ନୁହେଁ, ଅନ୍ୟ ଧର୍ମ ଓ ଅନ୍ୟ ଦେଶରେ ମଧ୍ୟ ନାମ ସହିତ ଭାବପ୍ରବଣତାର ସଂପର୍କ ରହି ଆସିଛି । କେବେ କେବେ ନାମୋଚ୍ଚାରଣ ଜୀବନକୁ ପବିତ୍ର କରି ପାପ ଲାଘବ କରିପାରେ ବୋଲି ହିନ୍ଦୁ ଧର୍ମରେ ମାନ୍ୟତା ରହିଛି । ସେଥିପାଇଁ ରାମ ନାମ ଲେଖା ଥିବା ପଥରଗୁଡ଼ିକ ସମୁଦ୍ରରେ ଭାସିବାରୁ ସେତୁବନ୍ଧ ନିର୍ମାଣ କାର୍ଯ୍ୟ ସହଜତର ହୋଇ ପାରିଥିଲା



ମୌସୁମୀ ପରିଡ଼ା

ବୋଲି ବର୍ଣ୍ଣନା ରହିଛି । ସେଥିରୁ ଜଣାଯାଏ, ନାମର ବି ଗୁରୁତ୍ୱ ଓ ପ୍ରଭାବ ରହିଛି । ଝୁଣ୍ଟି ପଡ଼ିଲେ ଅଜାଣତେ ପାଟିରୁ 'ବାପାଲୋ କି ମାଆଲୋ' ବାହାରି ପଡ଼ିବା ସଂପର୍କର ଗୁରୁତ୍ୱ ପ୍ରମାଣ କରେ । ତେଣୁ ନାମର ଭିନ୍ନ ଭିନ୍ନ ବିଶେଷତା ରହି ଆସିଛି ।

ଏସବୁକୁ ବାଦ୍ ଦେଇ ଟିକେ ପୃଥକ୍ ଚିନ୍ତା କଲେ- ଆମେ ଜଳରେ ବାସ କରୁଥିବା ତିମି, ଡଲ୍‌ଫିନ୍ ଜାତୀୟ ବୃହତ୍‌କାୟ ମାଛମାନଙ୍କଠାରୁ ଗେଣ୍ଡା, କଙ୍କଡ଼ା ପର୍ଯ୍ୟନ୍ତ ଛୋଟ ଜୀବ ଓ ସ୍ଥଳ ଭାଗରେ ବାସ କରୁଥିବା ହାତୀଠାରୁ ପିମ୍ପୁଡ଼ି ଯାଏଁ ବିଭିନ୍ନ ଜୀବ ଜଗତ ସହିତ ପରିଚିତ । ସେତିକି ନୁହେଁ, ପରିଚୟ ପାଇଁ ମଣିଷଙ୍କ ସହିତ ବିଭିନ୍ନ ସ୍ଥାନ, ନଦନଦୀ, ସମୁଦ୍ର, ଗଛଲତା, ଗ୍ରହ ନକ୍ଷତ୍ର, ମାସ ବର୍ଷ, ବାର, ସଂପର୍କ- ସମସ୍ତଙ୍କର ଭିନ୍ନ ଭିନ୍ନ ନାମ ରହିଛି । ଏପରିକି ବାପା ମାଆ, ଭାଇ ଭଉଣୀ, ସ୍ୱାମୀ ସ୍ତ୍ରୀ, ଅଜା ନାତୁଣୀ, ମାମୁ ଭଣଜା, ଦାଦା ପୁତୁରା, ନଣନ୍ଦ ଭାଉଜ, ପିଉସୀ ଝିଆରୀ ଏଭଳି ଅନେକ ସଂପର୍କ ଗରିମାମୟ, ମହିମା ବିମଣ୍ଡିତ ।

ଆମ ସାମ୍ନାରେ ନାମର ଅସରନ୍ତି ଭଣ୍ଡାର, ସ୍ଥଳବିଶେଷରେ ନାମାବଳୀର ଅସୀମିତ ପ୍ରାଚୁର୍ଯ୍ୟ । ପୁନଶ୍ଚ, ପରିଚୟ ହେତୁକ ବିଭିନ୍ନ ଜାତି, ପ୍ରଜାତି ଓ ଉପଜାତି ସବୁ ରହିଛନ୍ତି । କେବଳ ଏତିକି ନୁହେଁ, ଅସଂଖ୍ୟ ସଂଜ୍ଞା, କ୍ଷମତାନୁଯାୟୀ ପଦ ପଦବୀ, କୁଳକୁ ନେଇ ଜାତି ଗୋତ୍ର ସବୁର ନାମ ରହିଛି, ଏସବୁ ରହିବା ଦ୍ୱାରା ସଂସ୍କୃତିକୁ ବୁଝିବା ସୁବିଧାଜନକ ହୋଇଛି । କାରଣ, ଅନେକ ପର୍ବପର୍ବାଣି ସେମାନଙ୍କ ନାମ ଦ୍ୱାରା ଆମକୁ ପୂର୍ବ ପିଢ଼ି ଓ ରୀତିନୀତି ସହିତ ପରିଚିତ କରାନ୍ତି । ନାମକରଣ ପୂର୍ବଜମାନଙ୍କୁ ମନେ ରଖିବାର ସହଜ ମାଧ୍ୟମ କହିଲେ ଭୁଲ୍ ହେବନାହିଁ । ରାସ୍ତାଘାଟ, ସ୍କୁଲ କଲେଜ, ଦୋକାନ ବଜାର, ଯାନବାହନ, ଖେଳ ପଡ଼ିଆ, ବିଭିନ୍ନ ଯୋଜନା କୌଣସି ନା କୌଣସି ନାମକୁ ଆଧାର କରି ଗ୍ରହଣ କରାଯାଇଛି । ଏଠାରେ ନାମକରଣ କହିଲେ କେବଳ ଗୋଟେ ପରିଚୟ ନୁହେଁ, ବରଂ ପୂର୍ବଜଙ୍କ ପ୍ରତି ଶ୍ରଦ୍ଧା ସୁମନ ବା କୃତଜ୍ଞତା ଜ୍ଞାପନ । ଅବଶ୍ୟ ଆମ ଦେଶରେ ଜୀବିତ ଲୋକଙ୍କ ଅପେକ୍ଷା ମୃତ ଲୋକଙ୍କର ଅଧିକ ମର୍ଯ୍ୟାଦା ଥାଏ ! ଏହାକୁ ବିଡ଼ମ୍ବନା କୁହାଯାଇପାରେ ।

କହିବା ବାହୁଲ୍ୟ, ଶରୀରରେ ଥିବା ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ବି ବିଭିନ୍ନ ନାମରେ ନାମିତ । ସେ ଅନୁସାରେ ବ୍ୟକ୍ତିବିଶେଷଙ୍କ ବିଭିନ୍ନ ନାମ ତ ମାମୁଲି କଥା । ଆମମାନଙ୍କ ଘରେ ଶିଶୁର ଏକୋଇଶା ପୂଜାରେ ନାମକରଣର ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥାଏ । ସ୍ଥାନ ବିଶେଷରେ କୋଉଠି ମାମୁ ନିଜେ କୋଳରେ ଧରିଥିବା ଏକୋଇଶ ଦିନର ଶିଶୁ କାନରେ ନୂଆ ନାମଟିଏ ଉଚ୍ଚାରିତ କରିଥାଏ ତ କୋଉଠି ପିଉସୀମାନେ ନାମକରଣର ଏ ଗୁରୁ ଦାୟିତ୍ୱଟି ନିର୍ବାହ କରିଥାନ୍ତି । ଅବଶ୍ୟ ଡାକ ନାଁ ହିସାବରେ ପିଲାଟି ଏକାଧିକ ନାମରେ ପରିଚିତ ହୁଏ । ସେ ଯାହାହେଉ, ମୋଟାମୋଟି ଭାବେ ପିଲାଟିର ନାମ ତା'ର ଜନ୍ମଠାରୁ ଏକୋଇଶ ଦିନ ଭିତରେ ବଛାଯାଏ ।

ଅବଶ୍ୟ ଏ ଧାରା କିଛି ମାତ୍ରାରେ ପରିବର୍ତ୍ତିତ ହୋଇଛି । ହିନ୍ଦୀ ଫିଲ୍ମ ଅଭିନେତା ଅଭିନେତ୍ରୀ ଆତଙ୍କବାଦୀଙ୍କ ନାମାନୁସାରେ ନିଜ ପିଲାର ନାମକରଣ କରିଛନ୍ତି । ଅବଶ୍ୟ ବ୍ୟକ୍ତିତ୍ୱ ସହିତ ନାମକରଣର କୌଣସି ସଂପର୍କ ନଥାଏ ବୋଲି ଅଧିକାଂଶଙ୍କ ମତ । ଯୁଧିଷ୍ଠିର ନାମଧାରୀ ବ୍ୟକ୍ତିଟି ଡକାୟତ କି ଟାଉଟର ହୋଇଥାଇପାରେ କିମ୍ବା ରାବଣ ନାମଧାରୀ ବ୍ୟକ୍ତି ଜଣକ ସଚ୍ଚୋଟ, ପରୋପକାରୀ ହୋଇ ପାରିଥାଏ । ତେଣୁ ପଶୁ ପକ୍ଷୀ, କୀଟ ପତଙ୍ଗ, ଗ୍ରହ ନକ୍ଷତ୍ର କି ଦେବଦେବୀଙ୍କର ହେଉ ପଛେ ଚିହ୍ନିବା ପାଇଁ ନାମଟିଏ ଥାଏ, ଯେମିତି ହରିଣ, ସମ୍ବର, ଠେକୁଆ, ବାଘ, ସିଂହ, ଜିରାଫ ଇତ୍ୟାଦି ।

କିନ୍ତୁ ନାମାବଳୀର ପ୍ରୟୋଜନ ସେହିଠାରେ ରହିଛି, ଯେଉଁଠାରେ ବ୍ୟକ୍ତିତ୍ୱର ବିଶେଷ ଲକ୍ଷଣ ପ୍ରକଟିତ ହୁଏ । ଯେପରି ଶ୍ରୀବିଷ୍ଣୁଙ୍କ ସହସ୍ର ନାମ, ହନୁମାନଙ୍କ ଏକାଦଶ ନାମ, ଜ୍ୟୋତିର୍ଲିଙ୍ଗଙ୍କ ଦ୍ୱାଦଶ ନାମ, ଦୁର୍ଗାଙ୍କ ନାମାବଳୀ ଆଦିକୁ ବାଦ୍ ଦେଲେ ଗଙ୍ଗା ପରି ବିଭିନ୍ନ ନଦନଦୀ ଅଛନ୍ତି ଯେଉଁମାନଙ୍କ ନାମ ସ୍ଥାନ ଓ ମାନ ଅନୁସାରେ ପରିବର୍ତ୍ତନ ହୁଏ । ଏସବୁ ଗୋଟେ ଲେଖାଏଁ ଉଦାହରଣ ହୋଇପାରେ ।

ନାମର ସ୍ୱତନ୍ତ୍ରତା ଦୃଷ୍ଟିରୁ ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଅନ୍ୟ ନାମ ମୋହନ ଥିଲା, ଅର୍ଥାତ୍ ଯେ ମନକୁ ମୋହି ପାରୁଥିଲେ । ଦାମୋଦର ବି ଥିଲା, କାରଣ ପେଟରେ ଦଉଡ଼ିର ଦାଗ ଶୋଭା ପାଉଥିଲା । ଗୋପପୁରର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବାରୁ ବ୍ରଜଚନ୍ଦ୍ରମା, ଗୋକୁଳ ସୁନ୍ଦର; ବଂଶୀ ଧାରଣ କରିଥିବାରୁ ବଂଶୀଧାରୀ, ଗୋପୀଜନବଲ୍ଲଭ, କୁମୁଦରମଣ; ପୁଣି ଦ୍ୱାରକାରେ ରାଜା ହେବା ପରେ ଦ୍ୱାରକାଧୀଶ, ବଂଶୀ ବଦଳରେ ହାତରେ ଚକ୍ର ଧାରଣ କଲା ପରଠାରୁ ଚକ୍ରଧାରୀ, ହଳଦିଆ ପୋଷାକ ପ୍ରିୟ ହୋଇଥିବାରୁ ପିତବସନଧାରୀ ରୂପେ ପରିଚିତ ହେଲେ । ସ୍ଥିତି, ଗୁଣ, ଲକ୍ଷଣ, ପ୍ରକୃତି, ପ୍ରବୃତ୍ତି, ଏପରିକି ସମୟ ଓ ସ୍ଥାନ ଅନୁସାରେ ଗୋଟିଏ ଅବତାରରେ ବହୁବିଧ କାର୍ଯ୍ୟ କରିଥିବାରୁ ଓ ଆବଶ୍ୟକତା ଦୃଷ୍ଟିରୁ ବିଭିନ୍ନ ଅସୁରଙ୍କୁ ନାଶ କରି ଜଗତକୁ ରକ୍ଷା କରିଥିବାରୁ ଅସଂଖ୍ୟ ନାମରେ




ନାମିତ ହୋଇଥିଲେ ଶ୍ରୀକୃଷ୍ଣ । ଏସବୁକୁ ତାଙ୍କ କୃତିତ୍ୱର ପ୍ରମାଣ ବୋଲି କୁହାଯାଇପାରେ । ଅର୍ଥାତ୍ ନାମାବଳୀ ତାଙ୍କ ବହୁ ସୁଗୁଣର ପରାକାଷ୍ଠା, ନିୟାମକ, ଯାହାକୁ ଭଜନ କଲେ ବା ନାମ ଆବୃତ୍ତି କଲେ ରିଷ୍ଟ ଖଣ୍ଡନ ହୁଏ ବୋଲି ବିଶ୍ୱାସ ରହିଛି ।

ଉଦାହରଣ ସ୍ୱରୂପ- ଦସ୍ୟୁ ରତ୍ନାକର ତା' ଜୀବନର ପ୍ରକୃତ ସତ୍ୟ ଜାଣି ଦୁଃଖୀ ହୋଇ ପଡ଼ିଲା । ସଂସାରରୁ ମନ ଛାଡ଼ି ଯିବାରୁ ସାଧୁଙ୍କ କଥା ମାନି ରାମ ନାମ ଜପି ପାପ ମୁକ୍ତ ହେବାକୁ ଇଚ୍ଛା କଲା । ତା'ର ଜୀବନ ପ୍ରତି ବିତୃଷ୍ଣା ଆସିଯାଇ ଥିବାରୁ ସେ ରାମ ନାମ ଜପିବାକୁ ସ୍ଥିର ନିଶ୍ଚିତ କରି ଅଭ୍ୟାସ ଚାଲୁ ରଖିଲା ସତ, କିନ୍ତୁ ତା' ପାପର ପରିମାଣ ଏତେ ଅଧିକ ଥିଲା ଯେ ସେ ରାମ ଉଚ୍ଚାରଣ କରି ନ ପାରିବାରୁ ସାଧୁ ତାକୁ ରାମର ଓଲଟା ଅକ୍ଷର ମରା ଜପିବାକୁ କହିଲେ । ଯାହା ବି ହେଉ, ତା' ନିଷ୍ଠା, ଧୈର୍ଯ୍ୟ, ତପରେ ଏତେ ଶକ୍ତି ଥିଲା ଯେ କିଛି ବର୍ଷ ପରେ ସେ ଉଈ ହୁଙ୍କାରେ ପରିଣତ ହେଲା । ତା'ପରେ ବାଲ୍ମିକୀ ଭାବେ ପରିଚିତ ହୋଇ ରାମାୟଣ ଲେଖି ପ୍ରସିଦ୍ଧି ହାସଲ କଲେ । ଏସବୁ ନାମ ଜପିବାର ଫଳ ।

ଆଉ ଏକ କଥା ଉଲ୍ଲେଖନୀୟ ପ୍ରସଙ୍ଗର ଅବତାରଣା କରାଯାଇପାରେ ଯେ- ବିଷ୍ଣୁ ଭିନ୍ନ ଏକ ଅବତାରରେ ଉଗ୍ର ରୂପ ଧାରଣ କରି ନୃସିଂହ ବୋଲାଇ ଥିଲେ; ପୁଣି ଉପେନ୍ଦ୍ର ନାମକ ବାମନ ରୂପରେ ବଳି ରାଜାଙ୍କୁ ତିନି ପାଦ ଭୂମି ମାଗି ତାଙ୍କ ଦର୍ପ ଭାଙ୍ଗିବାକୁ ପାତାଳକୁ ଚାପି ଦେଇଥିଲେ । ତାହା ସମୟର ଆବଶ୍ୟକତା ଥିଲା । ଅର୍ଥାତ୍ ବିଭିନ୍ନ ଅବତାର ଧାରଣ କରି ଆସିଥିବା ଶ୍ରୀବିଷ୍ଣୁଙ୍କର ଅନେକ ମହିମା ରହିଛି । ସେହିପରି ତପସ୍ୟାରତ ଶିବ ମହାଦେବ, ଶମ୍ଭୁନାଥ ଏପରି ଅନେକ ନାମରେ ପରିଚିତ ପ୍ରଭୁ ପାର୍ବତୀ ପତି, ସ୍ଥିତି ଓ ଆବଶ୍ୟକତା ଅନୁସାରେ ଆଶୁତୋଷ, ଭୈରବ, ମହାକାଳ ପାଲଟି ଯାଆନ୍ତି, ଯାହା କେବେ ଶାନ୍ତ ତ କେବେ ରୁଦ୍ର । ତେଣୁ ରୁଦ୍ର ବି ତାଙ୍କର ଅନ୍ୟ ଏକ ନାମ । ସେହି ଭାବରେ ପାର୍ବତୀ କେବେ ଦୁର୍ଗା ରୂପରେ ତ କେବେ କାଳୀ ରୂପରେ ପୂଜା ପାଆନ୍ତି । ଅର୍ଥାତ୍ ଶକ୍ତି କେବେ ଶାନ୍ତ ରୂପରେ ତ କେବେ ଉଗ୍ର ଭାବରେ ଆବଶ୍ୟକତା ଦୃଷ୍ଟିରୁ ପ୍ରକଟିତ ହୁଅନ୍ତି । ସଂସାରର ମଙ୍ଗଳ ବିଧାନ ପାଇଁ ସେମାନଙ୍କୁ ବିଭିନ୍ନ ରୂପ ଧାରଣ କରିବାକୁ ହୋଇଥାଏ ।

ଅର୍ଥାତ୍ ଆମ ସନାତନ ଧର୍ମର ଦେବଦେବୀମାନଙ୍କ ନାମ ଖୁବ୍ ଅର୍ଥପୂର୍ଣ୍ଣ ହୋଇଥାଏ । ରୂପ, ଗୁଣ, କର୍ମକୁ ନେଇ ନାମାବଳୀ ସଂରଚନା କରାଯାଇଥାଏ । କିନ୍ତୁ ଆଜିକାଲି ମଣିଷର ଗୁଣ, କର୍ମ ଓ ନାମ ଭିତରେ ନା କୌଣସି ସାମଞ୍ଜସ୍ୟ ରହୁଛି, ନା ଗୂଢ଼ ଅର୍ଥ । ଅର୍ଥାତ୍ ବ୍ୟକ୍ତିତ୍ୱ ସହିତ ନାମର ସଂପର୍କ ହିଁ ନଥାଏ । ରହିବା ଆବଶ୍ୟକତା ବୋଲି ମନେହୁଏ ନାହିଁ । କାନକୁ ଭଲ ଶୁଭୁଥିବା ଶବ୍ଦଟିଏ ହିଁ ଲୋକର ପରିଚୟ ବନିଯାଏ । ଅବଶ୍ୟ ସେଥିରେ ଆବେଗଟିଏ ଥାଏ ।

ନାମର ତାଲିକା କେବଳ ଏତିକିରେ ସୀମିତ ନୁହେଁ । ବରଂ ଇଟା ସିମେଣ୍ଟ ଗୋଡ଼ି ବାଲି ପଥର ତିଆରି ଘରର ବି ନାମ ରହିଛି । ରାସ୍ତାଘାଟ, ପାହାଡ଼ ପର୍ବତ, ବଜାର ଘାଟ, ମନ୍ଦିରର ବି ନାମ ଦିଆଯାଇଛି । ଯଦିଓ ନାମର ପରମ୍ପରା କୋଉ ଆଦିମ କାଳରୁ, ନାମକରଣର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ । ଲୋକେ ତ ନିଜ ଘରର ନାମ ବି ରଖୁଛନ୍ତି- ବୈକୁଣ୍ଠ ସଦନ, ଗୁରୁକୃପା, ଶ୍ରୀ ଭବନ ଇତ୍ୟାଦି । କେହି ନିଜ ବାପା ମାଆଙ୍କ ନାମରେ ତ କେହି ସ୍ତ୍ରୀ ପିଲାଙ୍କ ନାମରେ ପୁଣି କେହି ଦେବଦେବୀଙ୍କ ନାମାନୁସାରେ ଘରର ନାମକରଣ କରିଥାନ୍ତି । ଏଥିରେ ସେମାନଙ୍କ ଶ୍ରଦ୍ଧା ଓ ଭାବାବେଗ ପ୍ରତିଫଳିତ ହୋଇଥାଏ ।

ଏପରିକି କୌଣସି ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମ୍ମାନାର୍ଥେ ସହର, ରାସ୍ତାଘାଟ, କଲୋନୀ, ହସ୍ପିଟାଲ କିମ୍ବା ପାର୍କ୍‌ର ନାମକରଣ ହୁଏ । ଆଜିକାଲି- ମାଆ ପାଇଁ ଗଛଟିଏ ଆହ୍ୱାନ ଜରିଆରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି । ମାଆ ପରି ଭାବମୟ ଶବ୍ଦଟି ସତ୍‌କାର୍ଯ୍ୟ କରିବାକୁ ଆହ୍ୱାନ ନୁହେଁ, ବରଂ ବାଧ୍ୟ କରୁଛି ! ସେଥିପାଇଁ ହୁଏତ ବୃକ୍ଷ ରୋପଣ କାର୍ଯ୍ୟକ୍ରମଟି ସଫଳ ରୂପାୟିତ ହୋଇଛି । ତେଣୁ ନାମଟିଏ ରହିବା ଜରୁରୀ । କିନ୍ତୁ ନାମାବଳୀର ଆବଶ୍ୟକତା ନାହିଁ । ସେ ନାମରେ ଅହମିକା ପରିଲକ୍ଷିତ ହୋଇପାରେ କିମ୍ବା ସ୍ୱାଭିମାନ, ମଧୁର ସ୍ମୃତି ବିଜଡ଼ିତ ବା ବିବାଦୀୟ ପ୍ରମାଣିତ ହୋଇପାରେ, କିନ୍ତୁ ନାମ ଯେ ଅମାପ ଶ୍ରଦ୍ଧାର ପରିଚାୟକ, ଏ କଥାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ନାମର ଆବଶ୍ୟକତା ଓ ଭିତ୍ତିଭୂମିକୁ ହୃଦୟଙ୍ଗମ କରିବାକୁ ହେବ । ଅନ୍ୟଥା ପରିଚୟ ବଦଳରେ ଭ୍ରମିତ ହେବାକୁ ପଡ଼ିପାରେ ।

**ମୋ: ୯୪୩୭୩୧୭୦୨୬**

# କୃତଜ୍ଞତାର ପର୍ବ ନୂଆଁଖାଇ

ମଣିଷ ଓ ପ୍ରକୃତିର ସମ୍ପର୍କ ଅତି ନିବିଡ଼ । କୌଣସି ଏକ ପରମ୍ପରା, ଧର୍ମଧାରା ବା ପର୍ବପର୍ବାଣି ଅଧିକ ଲୋକାଦୃତ ହେବା ସହ ନୂତନ ମୂଲ୍ୟବୋଧ ସୃଷ୍ଟିକରେ, ଯେତେବେଳେ ତା'ର ଅନ୍ତର୍ନିହିତ ଗୁଣାବଳୀଗୁଡ଼ିକ ଯୁଗୋପଯୋଗୀ, ବିଜ୍ଞାନସମ୍ମତ ଏବଂ ବିଶ୍ୱକଲ୍ୟାଣମୁଖୀ ହୁଏ; ପରିବର୍ତ୍ତିତ ପରିସ୍ଥିତିରେ ତାହା ସମୟର ସବୁ ପ୍ରକାର କ୍ରୂର ପ୍ରହାରକୁ ସହ୍ୟ କରିବାର ସାମର୍ଥ୍ୟ ରଖେ ଏବଂ ସମସ୍ତ କଷଟିରେ ଉତ୍ତୀର୍ଣ୍ଣ ହୁଏ । ଏହି ପୁରୋଦୃଷ୍ଟିରୁ



ସାଇପ୍ରସାଦ ସାହୁ

ଓଡ଼ିଶାର ପଶ୍ଚିମାଞ୍ଚଳରେ ପାଳିତ ହେଉଥିବା ମହାନ ଗଣପର୍ବ ନୂଆଁଖାଇ ଏହାର ଏକ ଦେଦୀପ୍ୟମାନ ଦୃଷ୍ଟାନ୍ତ ।

ପଶ୍ଚିମ ଓଡ଼ିଶାର ପରମ୍ପରା ଓ ଐତିହ୍ୟର ଧାରା ବିଶେଷତଃ କୃଷି ଓ ଲୋକ ସଂସ୍କୃତିରେ ଅତ୍ୟନ୍ତ ବଳିଷ୍ଠ । ଏହାର ଜୀବନଧାରା ଏକ ବୃହତ୍ତର ସାର୍ବଜନୀନ ସଂସ୍କୃତିର ପ୍ରତୀକ । ନୂଆଁଖାଇ ହେଉଛି ତା'ର ସ୍ମାରକୀ । ଏହି ପର୍ବ ପାଳନ ପଛରେ କୌଣସି ଧର୍ମୀୟ ଭାବନା ସଂଶ୍ଳିଷ୍ଟ ନାହିଁ । ନୂତନ ଭାବେ ଉତ୍ପାଦିତ ଅନ୍ନକୁ ସୃଷ୍ଟିକର୍ତ୍ତାଙ୍କୁ ଅର୍ପଣ କରି ସେହି ପ୍ରସାଦ ନିଜେ ପାଇବା ଏହାର ମୂଳ ଲକ୍ଷ୍ୟ । ଅନ୍ୟ ପକ୍ଷରେ, ଶାକ୍ତ ଚେତନା ଉପରେ ନବାନ୍ନ ପ୍ରତିଷ୍ଠିତ ଥିବା ବିଷୟ ବଡ଼ ଅର୍ଥାବହ । ମନୁଷ୍ୟର ସକଳ ସୁଖ ସମ୍ପଦ ମାତୃ ଅନୁକମ୍ପାରୁ ପ୍ରାପ୍ତ ହୁଏ, ଏହା ଆଦିକାଳରୁ ବିଶ୍ୱାସ କରାଯାଇ ମାତୃଶକ୍ତିକୁ ଉଚ୍ଚ ସ୍ଥାନ ଦିଆଯାଇଛି । ଫଳତଃ, ସେହି ଅଦମ୍ୟ ଶକ୍ତିକୁ କୃତଜ୍ଞତା ଜ୍ଞାପନପୂର୍ବକ ବର୍ଷର ପ୍ରଥମ ଫସଲ ମନୁଷ୍ୟ ପାଇଥିଲେ ହେଁ ନବାନ୍ନ ନୈବେଦ୍ୟ ଗ୍ରାମ ତଥା ସହରର ପ୍ରତିଷ୍ଠିତ ଦେବୀଙ୍କୁ ପ୍ରଥମେ ଅର୍ପଣ କରାଯାଇଥାଏ ।

ଅନ୍ନ ହିଁ ସୃଷ୍ଟିର ବୀଜ ଶକ୍ତି । ଶସ୍ୟ ଆରାଧନା ଜରିଆରେ ନୂଆଁଖାଇକୁ ଭୂମିମାତା ପ୍ରତି ମାନବର କର୍ତ୍ତବ୍ୟବୋଧକୁ ମଧ୍ୟ ପ୍ରତିପାଦିତ କରାଯାଇଛି । ଗୋଟିଏ ସରଳ ରେଖାରେ ଯଦି ନବାନ୍ନ ଭକ୍ଷଣ, ନୂଆଁଖାଇ ଏବଂ ଭେଟଘାଟକୁ ରଖିବା, ଏହା ଏକାବେଳେ ସୁଖୀ ପରିବାର ଏବଂ ହର୍ଷିତ ବିଶ୍ୱ ସହ ସମୃଦ୍ଧ ସଭ୍ୟତାର ଆଶା ରଖେ । ହଁ, ଜଗତୀକରଣର ପୃଷ୍ଠଭୂମିରେ ନୂଆଁଖାଇ ଶସ୍ୟଭଣ୍ଡାର ସହ ଖାଦ୍ୟ ନିରାପତ୍ତାର ଅର୍ଥକୁ ନିଶ୍ଚିତ କରୁଛି । ଘରୋଇ ଉତ୍ପାଦନ ଜରିଆରେ ସ୍ୱାବଲମ୍ବୀତାର ଯଥାର୍ଥତା ବଖାଣୁଛି । 'ଅନ୍ନ ଯୋଜନା'ର ପରିପୂର୍ଣ୍ଣତାକୁ ବି ଦର୍ଶାଉଛି । ଏଣୁ ଅର୍ଥନୈତିକ ମାନଦଣ୍ଡ ଏବଂ ଶକ୍ତି ସହିତ ନୂଆଁଖାଇ ସିଧାସଳଖ ବିକାଶର ସୂର୍ଯ୍ୟୋଦୟକୁ ଆବାହନ କରୁଛି । ଦିବ୍ୟ ମାନବ ହୁଅ, ଧର୍ମ ନୌକାରେ ଜୀବନ ରୂପୀ ଖରସ୍ରୋତାକୁ ପାରି ହୁଅ- ଏହା ମଧ୍ୟ ବତାଇ ଦିଏ ନୂଆଁଖାଇ । ଏଥିରେ ବିଶ୍ୱକୁ ସଦାଚାରୀ କରିବାର ମନ୍ତ୍ର ଅଭିପ୍ରେତ । ପ୍ରେମ ଓ ମିତ୍ର ଚକ୍ଷୁରେ ଦେଖିବାର ଦିବ୍ୟତା ବି ଦେଉଛି । କଲ୍ୟାଣକାରୀ ଗୁଣାବଳୀର ଯଜ୍ଞୋପ୍ଲାବନ ପାଇଁ ନୂଆଖାଇଁ ଏକ ଦିଗବାରେଣୀ ।

ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ, ବିଭିନ୍ନ ସମାଜରେ, ବିଭିନ୍ନ ଧର୍ମରେ ଶସ୍ୟ ପୂଜାର ପରମ୍ପରା କ୍ରମେ ନୂତନ ଅନ୍ନକୁ ସୃଷ୍ଟିକର୍ତ୍ତାଙ୍କୁ ଅର୍ପଣ କରି ନିଜେ ଗ୍ରହଣ କରିବା ବିଧି ଥିଲେ ହେଁ ନୂଆଁଖାଇ ତାହାଠାରୁ ଅନେକାଂଶରେ ପୃଥକ୍ । ପଶ୍ଚିମାଞ୍ଚଳର ଏହି ପର୍ବ ଭାଦ୍ରବ ମାସରେ ହିଁ ସ୍ୱତନ୍ତ୍ର ରୀତି ଓ ବିଶ୍ୱାସ ଅନୁଯାୟୀ ପାଳିତ ହୋଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆବାଳବୃଦ୍ଧବନିତା ନୂଆଁଖାଇ ପାଳନରେ ନିଜକୁ ସମ୍ପୃକ୍ତ ରଖନ୍ତି । ଶତ୍ରୁ ମିତ୍ରଙ୍କୁ ସଙ୍ଗୋଳି ନେବାର ଦର୍ଶନ ଉପରେ ପ୍ରତିଷ୍ଠିତ 'ନୂଆଁଖାଇ ଭେଟ୍‌ଘାଟ୍' ସାମାଜିକ ସୌହାର୍ଦ୍ଦ୍ୟ ତଥା ସାର୍ବଜନୀନ ଭ୍ରାତୃଭାବକୁ ଉଦ୍‌ବୁଦ୍ଧ କରୁଥିବା ବେଳେ 'ଜୁହାର ଭେଟ୍' ଭେଦଭାବ ଓ ଦ୍ୱେଷକୁ ପଦାନତ କରି ପାରିବାରିକ ସମ୍ବନ୍ଧର ଦୃଢ଼ ଭିତ୍ତିଭୂମି ନିର୍ମାଣରେ ସହାୟକ ହୁଏ । ଭାଇ ଭାଇ ମଧ୍ୟରେ ମନୋମାଳିନ୍ୟ ଥିଲେ ମଧ୍ୟ ସାନଭାଇ ବଡ଼ଭାଇ ଘରକୁ ଆସି ନୂଆଁ ଖାଇବା ଏବଂ ଓଳଗି (ପାଦ ଛୁଇଁ ପ୍ରଣିପାତ) ହେବା ଦ୍ୱାରା ପୂର୍ବ କଳହର ବିଲୋପ ଘଟେ, ସଂହତି ସ୍ଥାପନ ହୁଏ । ନବାନ୍ନ ଦିବସରେ ଲୋକେ ପରସ୍ପରକୁ ଜୁହାର କରି 'ଜିଇଁ ଜାଗିଥିଲେ ବରଷେ' ବୋଲି କହିଥାନ୍ତି ।

ନୂଆଁଖାଇ ଭେଟ୍‌ଘାଟ୍‌ର ବିଶେଷତ୍ୱ ହେଲା ପଶ୍ଚିମ ଓଡ଼ିଶା ମାଟିର ସନ୍ତାନ ଜୀବନ ଜୀବିକା ଦାୟ ବା ପ୍ରତିଭାର ଯଥାର୍ଥ ପରିସ୍ଫୁଟନ ପାଇଁ ହେଉ, ବିଶ୍ୱର ଯେଉଁଠି ବସବାସ କଲେ ମଧ୍ୟ ମାଟିମାଆ ଓ ତା'ର ମହକକୁ ଭୁଲିପାରି ନାହିଁ । ନୂଆଁଖାଇ ଅବସରରେ ଆୟୋଜନ ହେଉଛି 'ନୂଆଁଖାଇ ଭେଟ୍‌ଘାଟ ।' ଭେଟ୍‌ଘାଟ୍ ସବୁଠି (ଖାଦ୍ୟ, ବେଶ ପୋଷାକ, କଥାବାର୍ତ୍ତା, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି) ଝଲସି ଉଠେ ମାଟିର ବାସ୍ନା । 'ନୂଆଁଖାଇ ଭେଟ୍‌ଘାଟ୍' ଏବେ ଭୁବନେଶ୍ୱର, କଟକ, ପୁରୀ ଓ ବାଲେଶ୍ୱର ଜଲ୍ଲା, ଏପରିକି କୋରାପୁଟ, ବ୍ରହ୍ମପୁର ଆଦି ସ୍ଥାନକୁ ବ୍ୟାପିବାରେ ଲାଗିଛି । ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, ପୁଣେ, ଚେନ୍ନାଇ, କୋଲକାତା, ନାଗପୁର, ରାୟପୁର, ଭୋପାଳ, ବେଙ୍ଗାଲୁରୁ ପ୍ରଭୃତି ମହାନଗରୀରେ ବସବାସ କରୁଥିବା ପଶ୍ଚିମାଞ୍ଚଳର ଲୋକଙ୍କ ପାଇଁ ଏକ ବହୁ ପ୍ରତୀକ୍ଷିତ ଦିବସରେ ପରିଗଣିତ ହୋଇଛି । ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଉଛି, ଭେଟ୍‌ଘାଟ୍ 'ଖିଆପିଆ-ନାଚଗୀତ'ରେ ସୀମିତ ରହିନାହିଁ । ଏହା ପରିଚୟ ସୃଷ୍ଟିର ଅଦ୍ୱିତୀୟ ଅବସର ଆଣି ଦେଉଛି । ଏଥିରେ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତିର ବିକାଶ ତଥା ସମୃଦ୍ଧି ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ସାଂସ୍କୃତିକ କାର୍ଯ୍ୟକ୍ରମମାନ ହେଉଛି । ନୂତନ ପ୍ରତିଭାଙ୍କ ପାଇଁ ପ୍ରକୃଷ୍ଟ ମଞ୍ଚ ହେଉଛି । ବିଭିନ୍ନ କ୍ଷେତ୍ରରେ ସୁଖ୍ୟାତି ଅର୍ଜନ କରିଥିବା କୃତୀ ସନ୍ତାନଙ୍କୁ ସମ୍ମାନିତ କରାଯାଇ ପ୍ରତିଭା ପୂଜା ଏହାର ଏକ ବିଶେଷ ଅଂଶ ହୋଇ ସାରିଛି । ମାଆ ଓ ମାଟିକୁ ନେଇ ଅସ୍ମିତାର ଏକ ବୈଭବଶାଳୀ ଭିତ୍ତି ସୃଷ୍ଟି କରାଯାଉଛି ।

ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ଅଭୂତପୂର୍ବ କାୟା ବିସ୍ତାର ଏବଂ ଶିଳ୍ପାୟନ ସାଙ୍ଗକୁ ଜଗତୀକରଣର ପ୍ରଭାବ ସାରା ବିଶ୍ୱରେ ଖେଳି ଯାଇଥିବା ବେଳେ ନୂଆଁଖାଇ ତା'ର ଅସ୍ତିତ୍ୱ ହରାଇ ନାହିଁ; ବରଂ ଦିନକୁ ଦିନ ଏକତା, ସୌହାର୍ଦ୍ଦ୍ୟ ଓ ସଂପ୍ରୀତିର ବାର୍ତ୍ତା ବହନ କରି ଚାଲିଛି । ଏହାର ବିଭବରେ ଲୋକାଚାର ବାଚକ ଯଥାର୍ଥତା ପରିପୂର୍ତ୍ତିରେ କୌଣସି ଅଭାବ ପରିଲକ୍ଷିତ ହେଉନାହିଁ ।

ଲଗ୍ନ ଦେଖାଠାରୁ ଆରମ୍ଭ କରି ଡକାହକା, ସଫାସୁତୁରା-ଲିପାପୋଛା, କିଣାବିକା, ନୂଆଁ ଧାନ ଖୋଜା, ବାଲିପକା, ନୂଆଁଖାଇ, ଜୁହାରଭେଟ୍, ନାଚଗୀତ, ଖିଆପିଆ ସବୁ ଯୁଗ ରୁଚି ସହିତ ସମତାଳ ଦେଇ ଆଗେଇ ଚାଲିଛି । ସମ୍ପ୍ରତି ଓଡ଼ିଶାର କୌଣସି ସାଂସ୍କୃତିକ ବିଭବ ଯଦି ଅଧିକ ବିଶ୍ୱବ୍ୟାପି ହେବାରେ ଲାଗିଛି, ତାହା ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ରଥଯାତ୍ରା' ଓ 'ନୂଆଁଖାଇ' । ଏହି ପରିପ୍ରେକ୍ଷୀରେ ବିଦେଶରେ ଦୀପାବଳି, ହୋଲି, ଦୁର୍ଗାପୂଜା. ରଥଯାତ୍ରା ଆଦି ପରେ ଏବେ ନୂଆଁଖାଇର ମହକ ଅନେକଙ୍କୁ ବିମୋହିତ କରିଛି । ସେଠାରେ ଖୁବ୍ ଆତ୍ମୀୟତାର ସହିତ ନୂଆଁଖାଇ ପାଳନ କରାଯାଇ ବିଦେଶୀ ତଥା ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ଯୋଡ଼ା ଯାଉଛି ।

ଆନ୍ତର୍ଜାତିକ ସ୍ତରର ବିଦ୍ୱାନ ତଥା ସୃଜନଶୀଳ ବ୍ୟକ୍ତିବିଶେଷ ନୂଆଁଖାଇ ପାଳନର ମହତ୍ତ୍ୱ ଓ ଯଥାର୍ଥତାକୁ ସ୍ୱାଗତ କରୁଛନ୍ତି । ଇଂଲଣ୍ଡ, ଚିକାଗୋ, କାଲିଫର୍ଣ୍ଣିଆ, ରୁଷିଆ, ଚୀନ, ଥାଇଲାଣ୍ଡ, ମରୋକ୍କୋ, ଆମେରିକା, ନ୍ୟୁୟର୍କ, ଦୁବାଇ, ୟୁଏଇ, ପ୍ୟାରିସ, ଟୋକିଓ, ଅଷ୍ଟ୍ରେଲିଆ ଓ ନ୍ୟୁଜର୍ସି ପ୍ରଭୃତି ରାଷ୍ଟ୍ରରେ ରହୁଥିବା ପଶ୍ଚିମ ଓଡ଼ିଶାର ଅଧିବାସୀଙ୍କ ପକ୍ଷରୁ ଭେଟ୍‌ଘାଟ୍ ବ୍ୟାପକ ହେବାରେ ଲାଗିଛି । ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ନୂଆଁଖାଇ ପ୍ରମୁଖ ଗଣପର୍ବ ଭାବେ ପାଳିତ ହୁଏ ଏବଂ ଏହି ଦିବସକୁ ସରକାରୀ ଭାବେ ଛୁଟି ଘୋଷଣା କରାଯାଇଛି । ବିଶେଷକରି 'ନୂଆଁଖାଇ ଭେଟ୍‌ଘାଟ୍'ରେ ସାରା ବିଶ୍ୱର ଲୋକ ଯୋଡ଼ି ହେଉ ଥିବାରୁ ଏହା ଏକ ସାଂସ୍କୃତିକ ଆନ୍ଦୋଳନର ରୂପ ନେଇ ସାରିଲଣି ।

ଆଜିକାର ଭାରତୀୟ ପର୍ବପର୍ବାଣିର ବାହ୍ୟ ଆଡ଼ମ୍ବରକୁ ଦେଖିଲେ ଅନେକାଂଶରେ ଅପସଂସ୍କୃତି ଧସେଇ ପଶୁଛି । ଏକ ପ୍ରକାର ଏହା ଫେସନରେ ପରିଣତ ହୋଇ ଗଲାଣି । ଶୁଦ୍ଧପୂତ ଭାବନା ଲୋକଙ୍କ ଭିତରେ ମରିମରି ଯାଉଛି । ହେଲେ ଏହି ପ୍ରସଙ୍ଗରେ ନୂଆଁଖାଇ ବ୍ୟତିକ୍ରମ ସାବ୍ୟସ୍ତ ହୋଇଛି । ଅତ୍ୟାଧୁନିକତାର ଚାକଚକ୍ୟ ମଣିଷକୁ କବଳିତ କରିଥିଲେ ହେଁ ବିଶେଷତଃ ଘରେ ଯେଉଁମାନେ ସପରିବାର ଓ କୁଳ କୁଟୁମ୍ବଙ୍କୁ ନେଇ ନବାନ୍ନ ଭକ୍ଷଣ କରୁଛନ୍ତି, ଅତ୍ୟନ୍ତ ନିଷ୍ଠା ଓ ଶୁଦ୍ଧପୂତ ଭାବେ ପାଳନ କରୁଛନ୍ତି । ଅତଏବ, ନୂଆଁଖାଇକୁ ବୈଦିକ ଓ ଉପନିଷଦୀୟ ଚିନ୍ତାଧାରାର ଏକ ଉତ୍ତୁଙ୍ଗ ସାଂସ୍କୃତିକ ଧରୋହର କୁହାଯାଇପାରେ । ଜାତି, ସମ୍ପ୍ରଦାୟ ନିର୍ବିଶେଷରେ ବ୍ୟକ୍ତିଗତ ରାଗ ରୋଷକୁ ଭୁଲି ସମସ୍ତଙ୍କ ମଧ୍ୟରେ ଆନ୍ତରିକତା ଓ ସହୃଦୟତା ସ୍ଥାପନରେ ଏହାର ପ୍ରଲ୍ଲବଗ୍ରାହୀତା ଅତୁଳନୀୟ । 'ଜୁହାର'ର ବିନମ୍ରୀୟ ରଙ୍ଗରେ ଏକତା, ଶାନ୍ତି, ସଂପ୍ରୀତି, ସମତା, ସମର୍ପଣ, ସଦ୍‌ଭାବ, ସମନ୍ୱୟ, ସମୃଦ୍ଧି ଓ ଅଭିବୃଦ୍ଧି ସାଙ୍ଗକୁ ଉଲ୍ଲାସମୟ ଜୀବନ ଓ ସମାଜର ପରିକଳ୍ପନା କରାଯାଇଥାଏ । ନୂଆଁଖାଇର ଉଦ୍ଭବ ମୂଳତଃ ଗ୍ରାମୀଣଭିତ୍ତିକ କୃଷି ସଭ୍ୟତାରୁ ହୋଇଥିଲେ ହେଁ ଏହାର ମହକ ଓ ବିଭବ ଯେପରି ସର୍ବକଲ୍ୟାଣ ଅଭିପ୍ରେତ, ତାହା ବିଶ୍ୱର କୌଣସି ସଭ୍ୟ ସଭ୍ୟତାରେ ମଧ୍ୟ କ୍ୱଚିତ୍ ଦେଖାଯାଏ ।

ଏବେ ସଂଯୁକ୍ତ ପରିବାର ଏକ ପ୍ରକାର ଧ୍ୱଂସ ହୋଇ ଗଲାଣି । ପରିବାରଗୁଡ଼ିକ ନିରାଶାଜନକ ଭାବେ ସଙ୍କୁଚିତ ହେବାରେ ଲାଗିଛି । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରତିଯୋଗିତାମୂଳକ ବଜାରରେ ମଣିଷ ବୃତ୍ତି-ପ୍ରବୃତ୍ତିଗତର ଯେଉଁ ଦୌଡ଼ରେ ଅଛି, ବୃହତ୍ ପରିବାରର ପରିକଳ୍ପନା ନିଶ୍ଚିତ ଭାବେ କାଠିକର ପାଠ । ବିଶ୍ୱଗ୍ରାମ ନାଁରେ ଯାହାସବୁ ପରିବର୍ତ୍ତନ ହୋଇ ଚାଲିଛି, ସାଂସ୍କୃତିକ ସ୍ୱକୀୟତା-ସ୍ୱାୟତ୍ତତା ଅତ୍ୟନ୍ତ ବିପନ୍ନ । ଏଣୁ ନୂଆଁଖାଇ ବି ଆହ୍ୱାନରେ ଭରା । ଯୁବ ବର୍ଗ ଚାଷ କର୍ମ ପ୍ରତି ଉଦାସୀନ । ଏହାର ଚେତନାଗତ ପୁଷ୍ଟ, ତିତିକ୍ଷା ଓ ସତ୍ୟାର୍ଥକୁ ଅଧିକ ମହକିତ କରିବାର ଦାୟିତ୍ୱ ଯୁବ ପିଢ଼ି ହାତରେ । ଅନ୍ୟ ପକ୍ଷରେ, ଏହି ମହାନ ପର୍ବ ପାଳନ ନାଁରେ ତାମସିକତାର ବଶବର୍ତ୍ତୀ ହୋଇ କେହି କେହି ମଦମତ୍ତ ହେବା ଆଦୌ ଶୁଭଙ୍କର ନୁହେଁ ।

**ସିନ୍ଧେକେଲା, ବଲାଙ୍ଗୀର**
**ମୋ: ୯୧୩୭୦୩୪୭୪୨**

# ମା’ ସମଲେଶ୍ୱରୀଙ୍କ ସିନ୍ଦୁର ଲାଗି ନୀତି ସମ୍ପନ୍ନ

**ସମ୍ବଲପୁର,୭।୯/ଏନ୍ଏନ୍ଏସ୍:** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ମା’ ସମଲେଶ୍ୱରୀଙ୍କ ନୂତନ ସିନ୍ଦୁର ଲାଗି ନୀତି ସମ୍ପନ୍ନ ହୋଇଛି। ଶୁକ୍ରବାର ପ୍ରଥମେ ଶ୍ରୀ ଗଣେଶଙ୍କୁ ଆବାହନ କରି ପୂଜାର୍ଚ୍ଚନା ପରେ ମା’ ସମଲେଶ୍ୱରୀଙ୍କ ମନ୍ଦିରର ଚତୁଃପାର୍ଶ୍ୱରେ ରହିଥିବା ୧୧୫ ଦେବଦେବୀଙ୍କୁ ନୂତନ ସିନ୍ଦୁର ଲାଗି କରାଯାଇଥିଲା। ସିନ୍ଦୁର ନୀତି ସମ୍ପନ୍ନ ପରେ ମନ୍ଦିର ପ୍ରଶାସନ, ପୂଜକ ଓ ପୁଲିସ ଉପସ୍ଥିତିରେ ମା’ ସମଲେଶ୍ୱରୀଙ୍କ ସୁନା ଅଳଙ୍କାରଗୁଡ଼ିକୁ ସଫା କରାଯାଇଥିଲା। ରବିବାର ନୂଆଁଖାଇ ଉପଲକ୍ଷେ ମା’ ସମଲେଶ୍ୱରୀଙ୍କୁ ନୂତନ ବେଶ କରାଯିବାର ପରମ୍ପରା ଓ ନୀତିକାନ୍ତି ରହିଥିବାରୁ ମା’ଙ୍କ ପାଇଁ ନୂତନ ଶାଢ଼ୀ, ଚୁଡ଼ି, ଗହଣା, ମନ୍ଦାର ମାଳ ଆଦିର ବିଶେଷ ବ୍ୟବସ୍ଥା କରାଯାଇଛି। ରବିବାର ସକାଳ ୯ଟା ୧୨ରୁ ୯ଟା ୨୭ ମିନିଟ ମଧ୍ୟରେ ନବାନ୍ନ ଭୋଗ ଲାଗି ହେବ। ଏହି ଅବସରରେ ନୀତିକାନ୍ତି, ପରମ୍ପରା, ପୂଜାବିଧି ଆଦି ସୁଚାରରୂପେ ସମ୍ପନ୍ନ କରିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।






















# ବନ୍ଧୁ, କେମିତି ଅଛ ?



ତାରକ ମହାନ୍ତି

ସୂର୍ଯ୍ୟୋଦୟ ନୁହେଁ
ସୂର୍ଯ୍ୟାସ୍ତ ରାସ୍ତାରେ ଯିବାବେଳେ
ଆଜି କାଇଁ ମନେପଡ଼ିଲା
ତୁମ କଥା, ସୁସ୍ଥ ଅଛ ତ ?

ପିଲାମାନେ ନିଜ ରାସ୍ତାରେ
ଥିବେ ନିଶ୍ଚୟ
ହୁଏତ ତୁମେ ବିଦେଶରେ
ନାତି ନାତୁଣୀ ସହ
ସମୟ ଭଲରେ ବିତାଉଥିବ !

ଜାଣେନି ଏବେ ତୁମେ
କେଉଁ ଦେଶରେ
ସେଠାରେ ଭାରତ ପରି
ପାଣିପାଗ ଥିବ କି ନାହିଁ
ଆମ ଚଢେଇ ଯେଭଳି
ଗୀତ ଗାଆନ୍ତି ସେଭଳି କ'ଣ
ଗାଇପାରନ୍ତି ବିଦେଶୀ ପକ୍ଷୀ ?

ତୁମ ସ୍ତ୍ରୀ ପାନ, ଗୁଡ଼ାଖୁ ଅଭ୍ୟାସ
ଛାଡ଼ି ନଥିବ
ସେଠାରେ କ'ଣ ହାଟ ଅଛି
ଯେମିତି ଥାଏ ଆମ ଗାଁରେ ?
ବୋଧେ ନଥିବ
ସେଠାରେ ପୁଅ ଘରବାଡ଼ି
ନିହାତି କିଣିଥିବ
ହେଲେ କିଣି ନଥିବ ଲଙ୍ଗଳ ।

ଆମ ଗାଁ ସକାଳ ପରି କ'ଣ
ବିଦେଶରେ ସକାଳ ହୁଏ
ଯେମିତି ମୋ ସ୍ତ୍ରୀ ପାହାନ୍ତି ତାରା
ଲୁଚିଲା ବେଳେ
ଅଗଣା ଓ ଦାଣ୍ଡ ଓଳାଉଥାଏ

ସେଭଳି ବୋଧେ ନଥିବ କିଛି
ଆମ ଗାଁ ମୁଣ୍ଡ କୁଆମଚଣ୍ଡୀ
ସେ କ'ଣ ବିଦେଶ ବୁଲୁଥିବେ
ନା ତୁମେ ଚୁଆ ଚନ୍ଦନ ଦେଇ
ମୁଣ୍ଡିଆ ମାରିପାରୁଥିବ
ଅତଏବ, ତୁମେ ସୁଖରେ ନା ଦୁଃଖରେ
ଥିବ !

ତୁମ ସ୍ତ୍ରୀ ସଞ୍ଜ ବଳିତା ବୋଲି
କ'ଣ ଚଉରା ଚାରିପଟେ ବୁଲି
ପରିବାରର ସୁଖ ଶାନ୍ତି ଯେମିତି
କାମନା କରୁଥିଲେ
ଏବେ ସେଠାରେ ସେମିତି କରୁଥିବେ ?

ସାଙ୍ଗ, ମନେପଡୁନି ଗାଁ କଥା
ସ୍କୁଲ ଯାଉଥିଲେ ହିଡରେ
ଗାଁକୁ ନଥିଲା ପିଚୁ ରାସ୍ତା
ବସ୍ତାନି ଭିତରେ ମୁଢି, ଫାଳେ ନଡ଼ିଆ
ଆହା, ସ୍କୁଲ ପାଖ ଗୁଡ଼ିଆ ହାତର
ସେ ଯେଉଁ ଗୋଲ ମଟର
ଓଉ ଆଚାର ରଙ୍ଗଦିଆ
ଆଉ କ'ଣ ସେଠି ମିଳୁଥିବ ?

ହଁରେ ସାଙ୍ଗ, ଜୀବନକୁ ବୁଝିବା
ଆମ ପକ୍ଷେ ସମ୍ଭବ ନୁହଁ
ଯେମିତି ନଈର ଉତ୍ପତ୍ତି ଆମେ
କେବେ ଦେଖିବାକୁ ଯାଇନେ
ପାହାଡ଼ର ବାପା କିଏ ଜାଣିନେ
ଝରଣାର କୁଲୁ କୁଲୁ ନାଦ
କିଏ ଦେଲା ତା କଥା ଭାବିନେ...
ସେମିତି ଏ ଜୀବନ !
ସାଙ୍ଗରେ ଭଲରେ ଥା'
ଏତିକି ମନେ ରଖିବୁ ତୋର
ଗୋଟେ ଗାଁ ଥିଲା,
ଥିଲେ ମେଞ୍ଚେ ଲଙ୍ଗଳା ସାଙ୍ଗ
ସମୟ ସବୁ ଧୋଇନେଲା
ଏବେ ତୁ କେଉଁଠି
ମୁଁ କେଉଁଠି
ହେଲେ, ଆମେ ଥିଲେ ତ ଦିନେ ସାଙ୍ଗ ।

**ନୀଳାଦ୍ରି ବିହାର, ଭୁବନେଶ୍ବର -୨୧**
**ମୋ -୯୪୩୭୧୩୩୭୭୭**

# ଯୁବ ଜରାଶ୍ରମ



ବିକାଶ କୁମାର ଶତପଥୀ

ସାନ୍ଧ୍ୟ ଭ୍ରମଣରେ ଦୁଇ ବନ୍ଧୁ ବୁଲୁବୁଲୁ ଅନେକ ସାଂପ୍ରତିକ ଘଟଣା ଉପରେ ଚର୍ଚ୍ଚା ଚାଲିଥାଏ । ହଠାତ୍ ଶୁଭ୍ରକାନ୍ତ, ସତ୍ୟଜିତଙ୍କୁ ଅପଲକ ନୟନରେ ପ୍ରଶ୍ନଟିଏ ପଚାରିଲେ । 'ବନ୍ଧୁ ! ଆଜି ସମାଜ ଏତେ ଆଗେଇବା ପରେ ବି ଜରାଶ୍ରମ କାହିଁକି ବୃଦ୍ଧି ପାଉଛି ? ଆମ ପିଲାମାନେ ଶିକ୍ଷିତ ହୋଇ ବାପାମାଆଙ୍କୁ ଶେଷ ସମୟରେ ଜରାଶ୍ରମରେ ଛାଡି ଦେଉଛନ୍ତି କାହିଁକି ?'

ସତ୍ୟଜିତ ମୁହଁରେ ହାସ୍ୟରେଖା ଟିଏ ଟାଣି କହିଲେ, 'ବନ୍ଧୁ ଆସ ଏଇ ଶିବମନ୍ଦିର ପ୍ରାଙ୍ଗଣରେ ଟିକେ ବସି ପଡ଼ିବା । ଆଜି ଗୋଟିଏ ନୂଆ କଥା କହିବି ଶୁଣିବ ।'

ଦୁଇ ବନ୍ଧୁ ବାବା ତ୍ରିନାଥ ଗୋସେଇଙ୍କ ମନ୍ଦିର ବେଢ଼ାରେ ବସିଲେ । କଥାର ଖିଅ ସେଇଠୁ ପୁଣି ଯୋଡ଼ିଗଲା ।

ସତ୍ୟଜିତ କହିଲେ,'ବୃଦ୍ଧାଶ୍ରମ, ଜରାଶ୍ରମ ଏସବୁ କଥା ଏବେ ପୁରୁଣା ହୋଇଗଲାଣି । ଆଧୁନିକ ପିଲାମାନେ ଖୁବ୍ ଖୁସିରେ ବାପାମାଆଙ୍କୁ ଜରାଶ୍ରମରେ ଛାଡ଼ିବା କଥା ତାଙ୍କ ବନ୍ଧୁମାନଙ୍କ ଆଗରେ ବଖାଣୁଛନ୍ତି । ସେଥିରେ ତାଙ୍କର ଲଜ୍ଜା ନାହିଁ କି ଶୋଚନା ନାହିଁ । ହେଲେ ବନ୍ଧୁ ମୁଁ କହୁଛି ଶୁଣ ଗୋଟିଏ ଯୁବ ଜରାଶ୍ରମ କଥା । ଯାହାକି ଆମ ଘରର ହାଲଚାଲ । ଏହା କାଳ୍ପନିକ ନୁହେଁ ସତ୍ୟ ଓ ବାସ୍ତବ ଘଟଣା ଉପରେ ଆଧାରିତ ।'

ଶୁଭ୍ରକାନ୍ତ ଖୁବ୍ ଉତ୍କଣ୍ଠା ଓ ଆବେଗରେ କହିଲେ, 'ମନ୍ଦିର ଆରତି ସାରି ପହୁଡ଼ ପକାଇ ନନା ତ ଚାଲିଗଲେଣି । ତେବେ ଆଉ ଡେରି କାହିଁକି ? ଆରମ୍ଭ କର ଯୁବ ଜରାଶ୍ରମର କାହାଣୀ ।'

ସତ୍ୟଜିତ ଆରମ୍ଭ କଲେ, 'ତେବେ ଶୁଣ ଶୁଭ୍ରକାନ୍ତ । ସମୁଦ୍ର ଉପକୂଳବର୍ତ୍ତୀ ଗାଆଁ କିଆଚାକୁଦା ଘେରା ଅଖ୍ୟାତପଲ୍ଲୀ କୁସୁମପୁର ତା ନାଆଁ । ବଡବାପା, କକା ଓ ବାପା ମିଶି ତିନି ଭାଇ ଶେଷ ଯାଏଁ ଏକାନ୍ନବର୍ତ୍ତୀ ହୋଇ ରହିଥିଲେ । ଆଜି ଆମେ ତିନି ବାପାଙ୍କର ଆଠପୁଅ ସେଇମିତି ଗୋଟିଏ ହାଣ୍ଡିରେ ଭାତ ରାନ୍ଧି ଖାଉଛୁ । ୭୫ହାତ ଲମ୍ବର ମାଟି ଘର ଭିତରେ ୪୦ରୁ ଅଧିକ ପରିବାର ଏକାଠି ହୋଇ ଚଳୁଛୁ । ଲୋକେ କହନ୍ତି ଏହା ଘର ନୁହେଁ ତ ଠିକ୍ ଗୋଟିଏ ଛୋଟ ଗାଁ ପରି । ହେଲେ ଏ ପରିବାରକୁ ଗୋଟିଏ ପୋଷ୍ୟପୋତ୍ରର ସ୍ବୀକୃତି ଦେଇ ଆମ ବଡ଼ଭାଇ ସବୁକିଛିକୁ ମୁଣ୍ଡପାତି ସହି ଚଳାଇ ଆସୁଛନ୍ତି । ସେ ବିଶ୍ଵବିଦ୍ୟାଳୟରୁ ରାଜନୀତି ବିଜ୍ଞାନର ପ୍ରଫେସର ହୋଇ ଅବସର ନେଇଥିଲେ ସୁଦ୍ଧା ଗାଆଁଠାରୁ ଦୂରେଇ ଯାଇ ନାହାନ୍ତି । ପରିବାରର ସୁଖଶାନ୍ତି ପାଇଁ ତଥା ଗୋଟିଏ ଯୌଥ ପରିବାରକୁ ଏକାଠି ରଖିବା ପାଇଁ ନିଜ ସୁଖକୁ ପଛକୁ ପକାଇ ସମସ୍ତଙ୍କ ମୁହଁରେ ହସ ବାଣ୍ଟୁଛନ୍ତି । ରାଜଧାନୀରେ କୋଠାଟିଏ କରିଥିଲେ ସୁଦ୍ଧା ଗାଆଁ ମାଟିର ବାସ୍ନା ତାଙ୍କୁ ବିଭୋର କରିଛି । ବାପ ଗୋସାପଙ୍କ ନୀତି ପରମ୍ପରାକୁ ଆଦରି ନେଇ ଘରର କୁଳଦେବତାଙ୍କ ରୀତିନୀତିରେ ସେ ବାନ୍ଧି ହୋଇ ଯାଇଛନ୍ତି । ତେବେ କୁହ ବନ୍ଧୁ ଏ କାହାଣୀ ତୁମକୁ ବାସ୍ତବ ନା କାଳ୍ପନିକ ଲାଗୁଛି ।

ଶୁଭ୍ରକାନ୍ତ କହିଲେ, 'ଏ କାହାଣୀ ନିଶ୍ଚୟ ସତ୍ୟ ଓ ସମର୍ପଣର ବିଷୟବସ୍ତୁ । ତେବେ ଗଳ୍ପର ନାମକରଣ କାହିଁକି ଯୁବ ଜରାଶ୍ରମ ଦେଲ ବନ୍ଧୁ ?'

ସତ୍ୟଜିତଙ୍କ ଆଖିରେ ଜକେଇ ଆସିଲା ଲୁହ । ସେ ଲୁହ ଛଳଛଳ ଆଖିରେ କହିଲେ,'ଆମ ବଡ଼ଭାଇଙ୍କୁ ଛାଡ଼ିଲେ ଆଉ ସାତଭାଇ ଆଜିର ଦିନରେ ସମସ୍ତେ ରୋଜଗାରକ୍ଷମ । ହେଲେ ଆଜି ଯାଏଁ ବଡ଼ଭାଇ କାହାରିକୁ ତାଗିଦ୍ କରି ଘରର ଗୋଟିଏ ଆର୍ଥିକ ଦିଗ ଉପରେ ବୋଝ ଲଦି ଦେଇନାହାନ୍ତି । ଏହା ହିଁ ଗୋଟିଏ ଯୌଥ ପରିବାରକୁ ଚଳାଇବାର ବଡ ସମର୍ପଣ । ଆମ ବଡ଼ଭାଇଙ୍କ ତ୍ୟାଗ ଓ ସମର୍ପଣକୁ ନେଇ ଏ କାହାଣୀ ଯୁବ ଜରାଶ୍ରମର ଉପମା ଦେଇ ମୁଁ କ'ଣ ଭୁଲ କରିଛି ବନ୍ଧୁ ?'

ଶୁଭ୍ରକାନ୍ତଙ୍କ ଆଖି ଭାବପ୍ରବଣତାରେ ଲୁହ ଛଳଛଳ ହୋଇଗଲା । ସେ କହିଲେ,'ଆମ ତ୍ୟାଗ ଓ ସମର୍ପଣର ଦେବତା ରାମଚନ୍ଦ୍ରଙ୍କୁ ମୁଁ ଦେଖିନାହିଁ କେବଳ ରାମାୟଣରେ ତାଙ୍କ କାହାଣୀ ପଢ଼ିଛି । ହେଲେ ତୁମେ ଯେଉଁ ବଡ଼ଭାଇଙ୍କ କଥା କହୁଛ ସେ ମଧ୍ୟ ତାଙ୍କ ସମକକ୍ଷ । ଏହି ଶାରଦୀୟ ପୂଜା ଅବସରରେ ମୁଁ ନିଶ୍ଚୟ ତମ ଘରକୁ ଯାଇ ତାଙ୍କୁ ଦର୍ଶନ କରିବି । ମାଆ ଦଶଭୂଜାଙ୍କ ଠାରେ ସାଷ୍ଟାଙ୍ଗ ପ୍ରଣତି ଜଣାଇ ପ୍ରାର୍ଥନା କରିବି ମାଆ ଏଇ ଭଳି ସମର୍ପିତ ବ୍ୟକ୍ତିବିଶେଷଙ୍କୁ ପ୍ରତି ପରିବାରରେ ଜନ୍ମ ଦେ' । ଭାଙ୍ଗି ଯାଉଥିବା ଯୌଥ ପରିବାର ପୁଣି ଯୋଡ଼ି ହୋଇଯାଉ । ସର୍ବେ ଭବନ୍ତୁ ସୁଖିନଃର ମନ୍ତ୍ର ଉଚ୍ଚାରିତ ହେଉ ।' ହଠାତ୍ ପୌରପାଳିକାର କୃତ୍ରିମ ବିଜୁଳିବତି ଦପ୍ କରି ଲିଭିଗଲା । ଦୁଇ ବନ୍ଧୁ ଘରମୁହାଁ ହୋଇ ଫେରିଗଲେ ।

**ସମ୍ପାଦକ - ବାଇଚଢ଼େଇ**
**ବାସୁଦେବପୁର,ଭଦ୍ରକ**
**ମୋ -୯୪୩୭୧୦୨୧୧୯**

# ବନ୍ୟା



ଦେବଯାନୀ ଦାସ

ସକାଳ ଠାରୁ ଅବିରାମ ବର୍ଷା । ରାସ୍ତାପାଖ ନାଳ ବୁଡି ଘର ଭିତରକୁ ପାଣି ପଶିବ ପଶିବ ହେଉଛି । ବର୍ଷା ସାଙ୍ଗକୁ ସକାଳ ଠାରୁ ପବନ ବି ଜୋର୍ । କୁମାର ଅଫିସ୍ ଯାଇ ସାରିବା ପରେ ପାଖ ଦୋକାନରୁ କେତେଗୁଡିଏ ଦରକାରୀ ଜିନିଷ ଆଣି ଲିନା ଘରର ଚାବି ଖୋଲିବା ବେଳକୁ ପାଖରେ ବୁଢ଼ା ଲୋକ ଜଣେ । ବସ୍ତିର ଲୋକ ଭଳି ଲାଗୁଛି । ସାଙ୍ଗରେ ପୁଟୁଳିଟିଏ ।

-ଏଇ ଦୁଆର ମୁଁହରେ ଟିକେ ସମୟ ବସିବାକୁ ଦିଅନ୍ତନି ମାଆ, ବର୍ଷା ଟିକେ ଛାଡ଼ିଗଲେ ଚାଲି ଯାଆନ୍ତି ।

ଛତା ନାହିଁ ବୁଢ଼ାର, ଅଧେରୁ ଅଧିକ ଭିଜି ଯାଇଛି । ଲିନା କ'ଣ କହିବ ଭାବୁ ଭାବୁ ବୁଢ଼ା କହିଲା - 'ଏଇ ସହର ତଳି ବସ୍ତିରେ ମୋ ଘର, ଫି ବର୍ଷ ବନ୍ୟା । ଦଶଟା ବେଳକୁ ବସ୍ତିରେ ପାଣି ପଶିଗଲା । ପୁଅବୋହୂ ପିଲାମାନେ ଯିଏ ଯେମିତି ବାହାରି ଚାଲିଗଲେ । ମୁଁ ଟିକେ ଅଟକି ଗଲି ଯେ...କୋଉ ସ୍କୁଲ ଘରେ କି କୋଉ ଅଫିସ୍ ଛାତରେ ଥିବେ ସେମାନେ । ବର୍ଷା କମି ଆସିଲେ ଚାଲିଯିବି ମା', ଏଇଠି ଟିକେ ବସେ' । କହୁ କହୁ ବସି ପଡିଲା ବୁଢ଼ା ।

ନା ...କହି ପାରିଲାନି ଲିନା, ହେଲେ ମନରେ ଭୟ, ଆଶଙ୍କା । ଲୋକଟାର କିଛି ମନ୍ଦ ଉଦ୍ଦେଶ୍ୟ ନାହିଁ ତ । ବର୍ଷା ବାହାନା କରି ଚୋର କି ନକ୍ସଲ କେହି ପଶି ଆସିନି ତ...

ଭୟାର୍ତ୍ତ ହେଇ ଟିକେ ଦୂରେଇ ଅନେଇବା ବେଳକୁ ବୁଢ଼ା ତା'ପୁଟୁଳି ଖୋଲୁଥିଲା । କାଢ଼ିଲା ଫଟୋଟିଏ । ଗାମୁଛାରେ ଯତ୍ନରେ ପୋଛିଲା ।

ଲିନା ପଚାରିଲା- ସିଏ କାହା ଫଟୋ ?

ଟିକେ ଲାଜେଇ ଯାଇ ବୁଢ଼ା କହିଲା - ବୁଢ଼ୀର ପରା । ଏଇ ଫୋଟୋଟିକୁ କାଢିଆଣି ଆସିଲି ବୋଲି ତ ପଛରେ ରହିଗଲି ।

ବର୍ଷା ସାମାନ୍ୟ କମି ଆସିବା ବେଳକୁ ବୁଢ଼ା ଦୁଆର ମୁହଁରେ ଠିଆ ହେଲା । ନଅ କି ଦଶ ବର୍ଷର ପିଲାଟିଏ ରାସ୍ତା ଉପରୁ ଦୌଡ଼ି ଆସି କହିଲା - ଦାଦୁ, ତୁ ଏଇଠି, ଆମେ ତୋତେ କୋଉଠି କେତେ ଖୋଜିଲୁଣି ।

ଲିନା ଭିତର ପଟୁ କବାଟ ଲଗେଇ ଝରକା ପଟେ ଅନେଇବା ବେଳକୁ ବୁଢ଼ା ଓ ପିଲା ବେଶ୍ ଆଗେଇ ଯାଇଥିଲେ ।

ଫଟୋରେ ହେଉ ପଛେ ବୁଢ଼ୀକୁ ବନ୍ୟା ପାଣିରେ ଭାସି ଯିବାକୁ ନ ଦେଇ ସାଙ୍ଗରେ ଆଣି ଆସିବାର ବୁଢ଼ା ହୃଦୟର ଆବେଗକୁ ଦେଖି ବନ୍ୟାରେ ଧୋଇ ଯାଉଥିଲା ଲିନା ମନର ଯେତେ ଶଙ୍କା ଆଉ ଭୟ ।

**-ବାଲେଶ୍ବର, ମୋ-୭୯୭୮୮୮୪୧୮୮**



# ମୁରବି



ମାନମୟୀ ରଥ

ମୁହଁକୁ ମୁହଁ ଯୋଡ଼ି ହିଡ଼ ଉପରେ କଥା ହେଉଥିଲେ ବିଲୁଆ ଏବଂ ପାଳଭୂତ । ପାଳଭୂତର ବାରମ୍ବାର ମୁରବି ସୁଲଭ ଦୀର୍ଘ ନିଃଶ୍ୱାସ ଛାଡିବା ଦେଖି ବିରକ୍ତ ହୋଇ ବିଲୁଆ କହିଲା , ତୁଚ୍ଛାକୁ ଏତେ, ମୁଦି ନାହିଁ ଗୋଡ଼ କଚାଡୁ କେତେ ! କିଓ ତୁମକୁ କିଏ କିଛି କହୁଛି ନା ପଚାରୁଛି, ତୁମକୁ କାଇଁ ଏଇ ମଣିଷମାନଙ୍କ କଥା ଖାଇ ଗୋଡାଉଛି ? ସେମାନେ ଯାହା କରନ୍ତୁ ସାରନ୍ତୁ କି ସରିଯାଆନ୍ତୁ ଆମର କ'ଣ ଯାଏ ଆସେ ! କୋଉ ମୁହଁ ରଖିଛନ୍ତି ଆମର ! ତମର ଓଜନ ରହୁନି ବୋଲି ତମେ ଯେମିତି ବାଡେଇ ଛାଟି ହେଉଛ ଆମେ ବି ଆମ ବଂଶ ବୁଡ଼ିବା ଦେଖି ଘୋର ଦୁଶ୍ଚିନ୍ତାରେ ଅଛୁ । ଶାଗୁଣା ପଛକୁ ଆମେ ଦିନେ ବୁଡିଯିବୁ; ପିଲାଏ ଡାଇନୋସର କଥା ଭଳି ହାଡ଼ , କଙ୍କାଳ ଖୋଜି କଳ୍ପନାର ଦେହ ତିଆରି କରି ଆମେ ଦିନେ ଥିଲୁ ବୋଲି ଦେଖେଇବେ । ଆମେ ନୋହୁଁ ବୋଲି କହିବାକୁ ଦେଖ ଆମେ ଆଉ ନଥିବୁ । ଭଲ ହୋଇଛି ତୁମ ଦେହରେ ଜୀବନ ନାହିଁ । ତୁମେ ଖାଲି ଦେଖିବ, ଶୁଣିବ କିନ୍ତୁ କିଛି କହିବାର କି କରିବାର ଜୁ' ନଥିବ । ହୁଏତ ମଣିଷ ବେଶି ବେଶି ତୁମ ଭଳି ହୋଇଯାଇଥିବ ।

ମୁହଁ ଶୁଖିଗଲା ପାଳଭୂତର ।

ମୋତେ ତ ତିଆରିଛି ସେଇ ମଣିଷ । ଖଣ୍ଡିଏ ଗୋଡ଼ ଉପରେ କେରାଏ ଛଣକୁଟାରେ ତିଆରି ଅଣଓସାରିଆ ଦେହ ଆଉ ଦୁଇ ବିସ୍ତାରିତ ହାତ । ମୁଣ୍ଡ ବୋଲି ଘରେ ଥିବା ଭଙ୍ଗା ମାଟି ମାଠିଆ କି ହାଣ୍ଡି ଗୋଟାଏ ଲଗେଇ ଦେଇଛି । ମୋ ଉପରେ ପାରା ବସେ, କାଉ ବସେ ଆଉ କେତେ କିସମର ଚଢ଼େଇ ମୋ ଚାରିପାଖରେ ଉଡି ବୁଲି ଗୀତ ଗାଆନ୍ତି, ଫସଲ ଖାଆନ୍ତି ଆଉ ହସି ଖେଳି ଯାଆନ୍ତି । ଗାଈ ଗୋରୁ ଷଣ୍ଢ ଛେଳି ଯିଏ ଯାହା ବାଟରେ ଆସି ପେଟେ ଖାଇ ଖୁସି ହୋଇ ଯାଆନ୍ତି । ମଣିଷ ସେମିତି । ନାଁକୁ ଚାଲାକ୍ । ଡରି ଡରି କିଏ ଡରୁଛି ? ସେହି ମଣିଷ ନିଜେ ଇ । କିଆରି ଉଜୁଡିଯିବାର ଭୟରେ ମୋତେ ଜଗୁଆଳ କରି ତିଆରିଛି । କାହାକୁ ଡରେଇବି ମୁଁ ? ସେ ହାତୀ ହେଉ କି ବାତ୍ୟା ବିପତ୍ତି, ମୁଁ କି ଛାର କହିଲ !

ବିଲୁଆ ଚିଡିଗଲା ଏଥର । ସବୁ ବୁଝୁଛ ତ ତା'ହେଲେ ଏତେ ଚିନ୍ତା କାହିଁକି ମଣିଷ ପାଇଁ ପୁଣି ?

ପାଳଭୂତ ବଡ଼ ବିକଳ ହୋଇ ଆସିଲା । ତିଆରି କରିଛି ବୋଲି ଚିନ୍ତା ବିଲୁଆ ଭାଇ । ମୁରବିର ଚିନ୍ତା । କିଆରି ଜଗେଇ ଦେଇଛି ଯେମିତି ସହରରେ ରହୁଥିବା ପିଲା ଛୁଆ ପାଇଁ ପୈତୃକ ସମ୍ପତ୍ତି ଘରେ ଜଗେ ବୁଢା ବାପ ... ।

**-ଅଧ୍ୟକ୍ଷା, ସେଣ୍ଟ ଜାଭିଅର କିଡ୍ସ , ବାଲୀପୁଟ, ପୁରୀ,**
**ମୋ-୭୯୭୮୫୭୯୩୯୯**

# ମୋ ଭାରତ



ଶେଖ୍ ମକବୁଲ୍ ଇସଲାମ
ଅନୁବାଦ: ଶ୍ରେୟା ହାଲଦାର



ମୋ ଭାରତ କନ୍ୟାକୁମାରୀ ଉର୍ମିରେ ଉଚ୍ଛଳ ।
ମୋ ଭାରତ ନୁବ୍ରାର ମରୁ, ସିନ୍ଧୁ ନଦୀର ଜଳ ।

ମୋ ଭାରତ ଦ୍ରାସ- ବାଟାଲିକ ଜଗୁଛି ବୀର ଜୱାନ ।
ମୋ ଭାରତ ନୀଳ, ନିକୋବର, ସବୁଜ ଆଣ୍ଡାମାନ ।

ମୋ ଭାରତ ସୋମପେନ ଯୁବ, ନିର୍ଭୀକ ରଜୁ ଦେହ ।
ମୋ ଭାରତ ଜାଡ୍ରୋଆ, ରିଅଂ, ଓଙ୍ଗୀ ମା'ର ସ୍ନେହ ।

ମୋ ଭାରତ ବିହୁର ଛାନ୍ଦ, ଉଉଳା ଭାଙ୍ଗଡ଼ା ନୃତ୍ୟ
ମୋ ଭାରତ ଭୋଜପୁରୀ ସୁର, ଟୁସୁ ଭାଓଆଇଆ ଗୀତ ।

ମୋ ଭାରତ ତାମିଲ ଧୀବର, ମିଥିଳାର ବ୍ରାହ୍ମଣ ।
ମୋ ଭାରତ ସୁଫି ବୈଷ୍ଣବ, ଇମାନ-ଶୁଦ୍ଧ ମନ ।

ମୋ ଭାରତ ରାଜ-ନନ୍ଦିନୀ, ଦ୍ରୌପଦୀ ଆଉ ସୀତା ।
ମୋ ଭାରତ ଶରତ-ଆମଜାଦ, ଜନନୀ ସାରଦା ମାତା ।

ମୋ ଭାରତ କୁରୁକ୍ଷେତ୍ରରେ ଅଭୟ ମୁଦ୍ରା-ହାତ ।
ମୋ ଭାରତ ଗୟାରେ ବୁଦ୍ଧ, ପୁରୀରେ ଜଗନ୍ନାଥ ।

ମୋ ଭାରତ ମୂଳ ମୂଳାଧାର, ଉର୍ଦ୍ଧ୍ୱ ସହସ୍ରାର ।
ମୋ ଭାରତ କଣ୍ଠେ ଆଜାନ, ଧ୍ୟାନ ପଥେ ଓଁଙ୍କାର ।

ମୋ ଭାରତ ସେଲୁଲାର ଜେଲ୍, ମୃତ୍ୟୁଞ୍ଜୟୀ ପ୍ରାଣ ।
ଫାଶୀ ଦଉଡ଼ିରେ ସତେଜ ଶରୀର, ଝୁଲନ୍ତା ବଳିଦାନ ।

ମୋ ଭାରତ ବଙ୍ଗ-ଭଙ୍ଗ, ଜାଲିଆନାୱାଲା ବାଗ ।
ନୋଆଖାଲି ଠାରୁ ଗୋଧରା କପାଳେ ଗାଢ଼ ରକ୍ତର ଦାଗ ।

ମୋ ଭାରତ ଦୁଃଖୀ ନିର୍ଭୟା, ଆନସାରୀ ଆଖଲାଖ ।
ମୋ ଭାରତ ଦୃଢ଼ ପ୍ରତିବାଦ, ଗରଜି ଉଠିବା ଡାକ ।

ମୋ ଭାରତ ଇନ୍ଦ୍ରଧନୁ , ସ୍ୱପ୍ନରେ ରଙ୍ଗ ଭାସେ ।
ଚମକି ଉଠୁଛି ଭାରତବର୍ଷ, ଭରା ଶରତ କାଶେ ।

ନାମଦାଫା ଠାରୁ ପେରିଆର ଏହି ଆଖିରେ ନୁହେଁ ସୁଦୂର ।
ଗଙ୍ଗାସାଗର, ପ୍ରୟାଗ ଜଳରେ ମହାମିଳନର ସୁର ।

ତମର ହୃଦୟ ପରିଧି ପ୍ରାନ୍ତେ ଅରଣ୍ୟ ମରୁଦେଶ ।
ତମର ଦେହରେ କୋଇଲା ଖାଦାନ, ଫସଲ ଅମଳ କ୍ଲେଶ ।

ଜୁନମଣି ଟୁଡୁ, କିସାନ କିସ୍କୁ, ସ୍ୱଦେଶ ପ୍ରତିମା ସାର ।
ତମ ରକ୍ତରେ, ସ୍ନାୟୁରେ ପେଶିରେ ଏହି ଦେଶ ଏକାକାର ।

ତମେ ହିମାଳୟ ମେଘାଳୟ ବ୍ୟାପି ବିରାଟ ଚିତ୍ରପଟ୍ଟ ।
ବ୍ରହ୍ମପୁତ୍ର କାବେରୀ ସ୍ରୋତରେ, ତମେ ମୋ ଭାରତ ଅଟ ।

# ନୂଆ ସକାଳ



ବନ୍ଦନା ପଟ୍ଟନାୟକ



ଝରକା ସେପଟେ
ଶରତର ଛିଟ ଆକାଶ
କାଶଫୁଲ ଚଅଁରର ବାସ୍ନା
ଦେଇ ସାରିଲାଣି
ପାର୍ବଣର ଆଭାସ ,
ଦୁଆର ମୁହଁରେ
ଜାଗା ଖୋଜିଲାଣି
ଖୁସିର କଳସ ।

ଏଠି ଧୋବ୍ ଫର୍ ଫର୍
ବଉଦ ରଙ୍ଗର କାନ୍ଥ,
ଝରେନା ସେଥିରୁ
ଜମା ମାଟିର ମହକ ,
କାହିଁକି ଲୋଡିବ କିଏ
ନାଲି ରଙ୍ଗ ମାଏଟ୍
ପୋଛିବାକୁ ଦମ୍ଭ !!

ମା'ପଣର ଶୁଦ୍ଧତା
ସବୁତକ ଉଦାରତା
ଥାଉ ସେମିତି,
କେବେ କାଳେ
ସେ ଡାକ ହୃଦୟର
ଦରଜା ପିଟିବ !!

ଖଞ୍ଜାନ୍ ଅଡିଆ
କି ଭିଡ୍ ମ ?
ବଜାର ସଉଦା ଚିଠା
କିଏ ବା' କରେ ଏଠି !
ଆମେ କ'ଣ ପାଇବାନି
କୁରେଇ, ରେଙ୍ଗାଲ୍ ଅବା
ମହୁଲ୍ ପତର୍ ?
ଆମେ କ'ଣ ପାଇବାନି
ଆମ୍ ଡାଲ୍ , ପଦମ୍ ଫୁଲ
ଅବା ନୂଆଁ ଧାନ୍ !!
ଆମେ ପରା ପହଁରି ଶିଖିଛୁ
ବଜାର ସଭ୍ୟତାର
ଗଭୀର ଗଣ୍ଡରେ !
ଆଣ୍ଟ ଧାନ୍ କି'ବା ଛାର୍
ଏଠି ତ ଘିନାବିକା ସାରାଟା ସଂସାର୍
ଆଣ୍ଟ ପରା ବନ୍ଧା ଆମ ଅଣ୍ଟାରେ
ଯାହା ଉଜୁଡୁଛି ଉଜୁଡୁ
କ୍ଷେତ ଅବା ଚାଷ
ଆମ ଅଣ୍ଟା ତ ଖୁବ୍ ସଳଖ !

ଯା' ଘୁଞ୍ଚିଯା ଯା' !

ଆଖିରୁ ଘୁଞ୍ଚି ଯାଏ
କାହାର ସ୍ୱପ୍ନ ମାଳ,
କେବେ ମାଟିର ଫଟା ଘା' ରେ
ନିରାଶାର ନିର୍ଦ୍ଧୂମ କୋଳାହଳ,
କେବେ ପୁଣି ମେଘ ତାଣ୍ଡବରେ
କଷ୍ଟର ଭଙ୍ଗା ଭଙ୍ଗାବେଳ ,
ସେ ଭିତରୁ ଇ କୋଉଠୁ କେଜାଣି
ଶୁଭେ ଆଶାର ସପ୍ତମ ସୁର !

ଯା' ମାଡିଯା ଯା'

ପରଳ ଆଖିରେ
କେମିତି ଦିଶେ ମନ୍ଦାର ମାଳ !
ପରମ ସଂଘର୍ଷର
ଚରମ କାଳରେ
ଆଣ୍ଟ କରି ଗଢିବାକୁ ମନର ବଳ !!

**-ବଲାଙ୍ଗିର, ମୋ-୮୨୬୦୮୬୨୦୨୦**

# ତମ ପାଇଁ



ପ୍ରଭାତୀ ମାଝୀ

ଯେତେଥର ମୁହିଁ ତମକୁ ଭୁଲିଛି
ପୁଣି ବି ପଡିଛ ମନେ
ତମ ପାଇଁ ଯେତେ ଜୁଇରେ ଜଳିଛି
ପୁଣି ବି ଫେରିଛି ଦିନେ,
ତମ ପାଇଁ ପୁଣି ଅଭିସାରିକା ମୁଁ
ସଞ୍ଜରେ କଜଳ ନାଇ
ରାତି ବୟସକୁ ନେହୁରା ହୋଇ ମୁଁ
କହୁଛି ଯା'ରେ ରହି ।

ସକାଳ ଛୁଇଁଛି ପ୍ରେମିକପଣ ଗୋ
କିରଣ ଛୁଇଁଛି ଓଠ
ମୋ ବୀରହଫୁଲ ସଜେଇ ଦେଇଛି
ତମ ଚାଲିବାର ବାଟ,
ଗଲା ବୟସର ମଉଳା ମେଘରେ
ଦରଭିଜା ତମ ଚିଠି
କୋହର ଖରାରେ ନିଇତି ଶୁଖାଏ
ପିଟିପିଟି ନିଜ ଛାତି ।

ଯେତେଥର ଆଗୋ ନିଆଁ ଲିଭିଯାଏ
ସରାଗ ଶ୍ୟାମଳବନେ
ବସନ୍ତ ଆସିଲେ ପୁଣି ଜଳିଉଠେ
ପରଶ ବିକଳ ମନେ,
ତମେ ବଇଶାଖ ବଡ଼ ନିରିମମ
ବେଦରଦୀ ପ୍ରାଣପ୍ରିୟ
କେବେ ପ୍ରଳୟ କେବେ ଗୋ ମଳୟ
ତୁମେ ତମ ପରିଚୟ ।

ତଥାପି ଗୋ ପ୍ରିୟେ ଭଲ ପାଇବାର
ନଈରେ ହଜିଲା ନାଆ
କୂଳ କିନାରା ମୁଁ କେବେ ମୁଁ ପାଇବି
ଜାଣିନି ଏ ଯାଏ ଆହାଃ ।

**ଭାବଭବନ, ଗୋପିଆକୁଦ, କୁଜଙ୍ଗ**
**ଜଗତସିଂହପୁର**
**ଫୋନ୍ -୯୭୭୬୪୫୯୪୬୩**



# ଦୁର୍ଭାଗ୍ୟ ବି ଗୁରୁଟିଏ



ଡ. ଦୀପକ କୁମାର ମିଶ୍ର

ଯନ୍ତ୍ରଣାର ଜରାୟୁରୁ ଜନ୍ମ ନେଇଥିବା
ହେ ଦୁର୍ଭାଗ୍ୟମାନେ
ତମେମାନେ ତ ମତେ ଶିଖେଇଚ
କେମିତି ନତମସ୍ତକ ହୋଇ
ସହିବାକୁ ହୁଏ ସମୟର ନାତ
କେମିତି ତାଳ ଦେଇ ଭୋଗିବାକୁ ପଡ଼େ
ସମୟର ନାଚ ।

ଏଠି ତ ସମସ୍ତେ ଶିକ୍ଷକ
ସମୟ, ସ୍ନେହ, ସମ୍ପର୍କ, ବିଶ୍ୱାସ
ଯେଉଁମାନଙ୍କର ଗୋଟିଏ ହିଁ ଅନୁରୋଧ
ସମର୍ପଣ ଓ ଜଳାଞ୍ଜଳିରୁ
ମିଳୁଥିବା ବେଇମାନି ସୁଧମୂଳଗୁଡ଼ିକୁ
ଗଣିନେବ ଆହତ ଆଙ୍ଗୁଳିର ଆଞ୍ଜୁଳାରେ ।

ଏଠି ଚକ୍ରବୃଦ୍ଧି ହୋଇ ବଢ଼େ
ଦୁର୍ଭାଗ୍ୟର ହାତ
ହାତପତେଇ ନେଇଯିବ ଅନୁଗ୍ରହରେ
ସହିସହି କରୁଣାହୀନ କରୁଣ ଆଘାତ ।

ସେହିମାନେ ତ ବାସ୍ତବ ଗୁରୁ
ଯେଉଁମାନେ ଘୋଡ଼େଇ ଦିଅନ୍ତି
ସରଳତାର ଉହାଡ଼ରେ
ଉତ୍ପୀଡ଼ନର ରେଶମୀ ଚାଦର ।

**ଭୁବନେଶ୍ବର**
**ମେ- ୮୨୮୦୨୧୧୦୦୦**



# ନବୀନ ନିବାସରେ ସୋର ନିର୍ବାଚନମଣ୍ଡଳୀର ସମୀକ୍ଷା



**ସୋର,୭।୯/ଏନ୍ଏନ୍ଏସ୍:** ସୋର ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ସୋର ନିର୍ବାଚନ ମଣ୍ଡଳୀ ବାହାନଗା ବ୍ଲକ୍‌ର ଏକ ପ୍ରତିନିଧି ଦଳ ନବୀନ ନିବାସରେ ପହଞ୍ଚି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ୨୦୨୩ ଜୁନ୍ ୨ ତାରିଖରେ ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମୟରେ ଅଞ୍ଚଳବାସୀଙ୍କର ସହାୟତାକୁ ମନେପକାଇ କୃତଜ୍ଞତା ଜଣାଇବା ସହିତ ବ୍ଲକ୍‌ରେ ୫-ଟି ଏବଂ ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଉନ୍ନୟନ କାର୍ଯ୍ୟରେ ଯେକୌଣସି ଅସୁବିଧା ପରିଲକ୍ଷିତ ହେଲେ ତାଙ୍କୁ ଜଣାଇଲେ ସେ ସରକାରଙ୍କ ସହିତ ଆଲୋଚନା କରି ଏହାର ସମାଧାନ କରିବେ ବୋଲି ପରାମର୍ଶ ଦେଇଥିଲେ। ଏହି ପ୍ରତିନିଧି ଦଳରେ କମଳାକାନ୍ତ ଘଡ଼ାଇ, ଶଙ୍କର୍ଷଣ ବାରିକ, ଜିଲ୍ଲାପରିଷଦ ଶିଶିର ଅଗସ୍ତି, ବିନୋଦପ୍ରଭା ଶିଅଳ, ଅଶ୍ୱିନୀ କୁମାର ମହାପାତ୍ର, ଶରତ କୁମାର ରାଜ, ସଞ୍ଜୟ ରାଉତ, ସୁଶାନ୍ତ ପଣ୍ଡା ଓ ଛାୟାକାନ୍ତ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରଗତି ଫାଉଣ୍ଡେସନ୍ ଟ୍ରଷ୍ଟର କାର୍ଯ୍ୟାଳୟ ଉଦ୍‌ଘାଟିତ



**କେନ୍ଦୁଝର,୭।୯/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ମଇଦାନ କେଲ ପଞ୍ଚାୟତରେ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହାସହ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରି ଅନୁଷ୍ଠାନର ଉତ୍ତରୋତର ଉନ୍ନତି କରିବା ପାଇଁ ମା' ତାରିଣୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ସେବା ଓ ସମାଜର ଅସହାୟ ଲୋକଙ୍କୁ ସାହାଯ୍ୟ କରି ସଭିଙ୍କ ମୁହଁରେ ହସ ଫୁଟାଇବା ଦିଗରେ କାର୍ଯ୍ୟ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ମଇଦାନ କେଲ ପଞ୍ଚାୟତ ସରପଞ୍ଚ ଭାଗିରଥୀ ସିଂ, ଟ୍ରଷ୍ଟର ସଭାପତି ମନୋଜ କୁମାର ମହାନ୍ତ, ସମ୍ପାଦକ ରଞ୍ଜିତ କୁମାର ମହାନ୍ତ ଓ ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ମଣ୍ଡପରେ ବିରାଜମାନ ଅଗ୍ରପୂଜ୍ୟ ଗଜାନନ



ଆଳି


ତାଳଚେର


ଧର୍ମଶାଳା


ତେଲକୋଇ

**ତାଳଚେର,୭।୯/ଏନ୍ଏନ୍ଏସ୍:** ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚର୍ତୁଦଶୀରେ ଅଗ୍ରପୂଜ୍ୟ ଗଜାନନ ସିଂହାସନରେ ବିରାଜମାନ ହୋଇଛନ୍ତି। ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ନିମନ୍ତେ ତାଳଚେରର ବିଭିନ୍ନ ପୂଜା ମଣ୍ଡପ ଗୁଡ଼ିକରେ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି। ସକାଳୁ ବାବାଙ୍କ ପୂଜା ନିମନ୍ତେ ବ୍ରାହ୍ମଣୀ ନଦୀକୂଳରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାପାଠ ଓ ହୋମଯଜ୍ଞ କରାଯାଇ ସମସ୍ତ ପୂଜା ମଣ୍ଡପର କାର୍ଯ୍ୟକର୍ତ୍ତାମାନେ କଳସୀରେ ଜଳ ସଂଗ୍ରହ କରି ଝାଞ୍ଜ, ଘଣ୍ଟ, ବାଦ୍ୟ ଓ ମୃଦଙ୍ଗ ବଜାଇ ନିଜ ନିଜ ପୂଜା ମଣ୍ଡପକୁ ଆଣିଥିଲେ। ସେଠାରେ କଳସ ସ୍ଥାପନ କରି ବାବା ଗଜାନନଙ୍କର ରୀତିନୀତି ଅନୁସାରେ ପୂଜାପାଠ ଓ ହୋମଯଜ୍ଞ କରାଯାଇ ପ୍ରଭୁଙ୍କ ମୂର୍ତ୍ତିରେ ଜୀବଦାନ ଦିଆଯାଇଥିଲା। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ମାର୍କେଟରେ ଅପରାହ୍ଣ ୩ଟା ୩୦ମିନିଟ୍ ସମୟରେ ପୂଜା ସମାପନ ହେବାସହ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଗଜାନନଙ୍କ ସେଉବୁନ୍ଦିଆ ଏବଂ ଲଡୁ ଖାଇ ଛୋଟ ପିଲାମାନେ ବେଶ୍ ଆନନ୍ଦ ଉଲ୍ଲାସରେ ଘରକୁ ଫେରୁଥିବା ଦେଖିବାକୁ ମିଳିଥିଲା।

ତାଳଚେର ସହରରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଗଣେଶ ପୂଜା ହେଉଥିବା ଦେଖିବାକୁ ମିଳିଛି। ସମସ୍ତ ପୂଜା ମଣ୍ଡପରେ ୧୧ ଦିନ ଧରି ପ୍ରଭୁ ଶ୍ରୀଗଣେଷ ଅବସ୍ଥାନ କରିବେ। ସେଥିପାଇଁ ତାଳଚେରର ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ଆଗମନକୁ ନେଇ ଆଶା ଉଜ୍ଜୀବିତ ହୋଇଛି। ପୂଜାର ପ୍ରଥମ ଦିନରେ ଆଲୋକମାଳାରେ ତାଳଚେର ସହର ସନ୍ଧ୍ୟା ସମୟରେ ଝଲମଲ ହେଉଛି। ୧୮ ତାରିଖରେ ମେଲାଣି ହେଉଥିବାରୁ ଯଦି ପାଗ ଅନୁକୂଳ ରୁହେ ବ୍ୟବସାୟୀମାନେ ଭଲ ଦି'ପଇସା ରୋଜଗାର କରିବେ ବୋଲି କହିଛନ୍ତି। ପ୍ରଶାସନ ପକ୍ଷରୁ କିଛି ସ୍ଥାନରେ ଅସ୍ଥାୟୀ ଟେଣ୍ଟ କରାଯାଇ ସମସ୍ତ ପୂଜା ମଣ୍ଡପ ଗୁଡ଼ିକରେ ପୁଲିସ ମୁତୟନ କରାଯାଇଛି। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶନିବାରରୁ ତାଳଚେରର ମୁଖ୍ୟରାସ୍ତା ଓ ପୂଜାମଣ୍ଡପ ଗୁଡ଼ିକ ନିକଟରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ରୋମିଓଙ୍କ ଗାଡ଼ିଚାଳନା, ମଦ୍ୟପ, ଚୋରି, ଡକାୟତି, ରାହାଜାନୀ ଓ ଛିନ୍‌ତାଇ ଏଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପୁଲିସ ପ୍ରଶାସନ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

**ତେଲକୋଇ:** ଶ୍ରୀ ଗଣେଶ ଚତୁର୍ଥୀ ଅବସରରେ ପୁରପଲ୍ଲୀରେ ବିଘ୍ନରାଜ ଗଣେଶ ପୂଜିତ ହୋଇଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଭିନ୍ନ ମେଢ଼ରେ ଶ୍ରୀ ଗଣେଶଙ୍କ ଦର୍ଶନ ପାଇ ଭକ୍ତ ଓ ଶ୍ରଦ୍ଧାଳୁ ବେଶ୍ ଆନନ୍ଦିତ ହୋଇଛନ୍ତି। ଗଣେଶ ପୂଜାକୁ ନେଇ ତେଲକୋଇ ବ୍ଲକ୍‌ର ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କ୍ଲବ୍ ଓ ଅନୁଷ୍ଠାନ ଗୁଡ଼ିକରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଗଜାନନଙ୍କ ଆରାଧନା ପାଇଁ ମେଢ଼ ଗୁଡ଼ିକରେ ଲୋକଙ୍କ ଗହଳି ରହିଥିଲା। ତେଲକୋଇ ବଜାର ମୁଖ୍ୟାଳୟ ସମେତ ତଳସାହି, ମେଡ଼ିକାଲ ଛକ, କତରାପାଲି, ହାଲପୋଡ଼ି, ଜଟ, ରାମଚନ୍ଦ୍ରପୁର, ଆକୁଳ, ସିରିଗିଡ଼ା, କାଳିଆହତା, ବେଣାମୁଣ୍ଡା, ଜଗମୋହନପୁର, ପଡ଼ାଙ୍ଗ , ଖୁଣ୍ଟାପଡ଼ା, ଦୋବଲାପାଳ, ଛାମୁଣ୍ଡା, ବିଞ୍ଜବାହଳ, ଓରିଆ, ସଲେଇକେନା ଓ ନୂଆଗଡ଼ ଉପର ସାହି ଆଦି ବିଭିନ୍ନ ଅଞ୍ଚଳରେ ରହିଥିବା କ୍ଲବ୍ ଓ ଅନୁଷ୍ଠାନ ଗୁଡ଼ିକରେ ଚଳିତ ବର୍ଷ ପୂଜା ଆୟୋଜିତ ହୋଇଛି। ରଙ୍ଗୀନ ଆଲୋକମାଳା ସହିତ ମେଢ଼ ଓ ସନ୍ଧ୍ୟା ସମୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅଞ୍ଚଳବାସୀ ଉପଭୋଗ କରିଛନ୍ତି।

**ଆଳି:** ବିଘ୍ନ ବିନାଶକ ଗଣପତିଙ୍କ ପୂଜାକୁ ନେଇ ଗାଁରୁ ସହର ସବୁଠି ଉତ୍ସବର ମାହୋଲ ଦେଖାଦେଇଛି। ଆଳି ଅଞ୍ଚଳରେ ଥିବା ବିଭିନ୍ନ ସ୍କୁଲ, କଲେଜ ଓ ସାମାଜିକ ଅନୁଷ୍ଠାନ ସହିତ ଗ୍ରାମରେ ଥିବା ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ପାଳନ କରାଯାଉଛି। ଆଳି ଅଞ୍ଚଳର ଶରତ କୁମାର ଦେବ ହାଇସ୍କୁଲ, ମେଣ୍ଟପୁର ପଞ୍ଚାୟତ ହାଇସ୍କୁଲ, ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବି ଏନ୍ ଏନ୍ ଆର୍ ପବ୍ଲିକ୍ ସ୍କୁଲ, ଜାଭିୟର ଇଣ୍ଟର ନ୍ୟାସନାଲ୍ ସ୍କୁଲ, ସତ୍ୟସାଇ ବିଦ୍ୟାବିହାର, ଆଳି ମହାବିଦ୍ୟାଳୟ, ଆୟତପୁର ଲକ୍ଷ୍ମୀବରାହ କଲେଜ ଓ ଗୋବିନ୍ଦପୁର କଲେଜ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ଗଣେଶ ପୂଜା ପାଳିତ ହୋଇଯାଇଛି।

**ବଇଣ୍ଡା:** କିଶୋରନଗର ବ୍ଲକ୍ ଅନ୍ତର୍ଗତ ଇଚ୍ଛାପୁର, ରାମପୁର ପଡ଼ାରେ ଗଣେଶ ପୂଜା କମିଟିର ସଦସ୍ୟଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ସହିତ ପୂଜା ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ନାମ କୀର୍ତ୍ତନ ସହିତ ରାଜଭୋଗ ଖାଇବାର ବ୍ୟବସ୍ଥା ହୋଇଥିଲା। ଆଜିକୁ ପ୍ରାୟ ୧୭ ବର୍ଷ ହେବ ଉକ୍ତ ଗ୍ରାମରେ ଗଣେଶ ପୂଜା ପାଳିତ ହୋଇଆସୁଛି। ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ଥିଲା ଆଜ୍ଞା ଲଡୁ ନିଲାମ। ପୂର୍ଣ୍ଣ ଚନ୍ଦ୍ର ଦ୍ୱାରି ୨୪,୨୦୦ ଟଙ୍କାରେ ଏହାକୁ ଜିତିଥିଲେ। କ୍ଲବ୍ ସଭାପତି ସୁବାଷ ସାହୁ, ସମ୍ପାଦକ ଜିତେନ୍ଦ୍ର ଦେହୁରୀ, ଗଣେଶ ପୂଜା ସଭାପତି ସୌମ୍ୟରଞ୍ଜନ ସାହୁ, ସମ୍ପାଦକ ନୀଳମାଧବ ସାହୁ, ଅତିଥିବୃନ୍ଦ ବିଷ୍ଣୁପ୍ରିୟା ପ୍ରଧାନ, ସୈରେନ୍ଦ୍ରି ପ୍ରଧାନ, ସମାଜସେବୀ ପ୍ରମାଦ କୁମାର ସାହୁ ଓ କଣ୍ଟେଇକୁଳିଆ ସରପଞ୍ଚ ନୟନି ବେହେରା ଉପସ୍ଥିତ ଥିଲେ। କମିଟିର ସଦସ୍ୟ ତପନ କୁମାର ସାହୁ, ରୁଦ୍ର ପ୍ରସାଦ ଦେହୁରୀ, ଅରୁଣ କୁମାର ସାହୁ, ଶ୍ରୀନିବାସ ସାହୁ, କମଳ ଲୋଚନ ସାହୁ, ପ୍ରଦ୍ୟୁମ୍ନ ସାହୁ, ଦିବ୍ୟ ରଞ୍ଜନ ସାହୁ ଓ ଅନ୍ୟ ସଦସ୍ୟ ପୂଜାରେ ଉପସ୍ଥିତ ଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ୍ ଜାରକା ଗଣେଶ ପୂଜା କମିଟି ପକ୍ଷରୁ ଗଜାନନଙ୍କ ୪୩ତମ ପୂଜା ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଜାରକା ବଡ଼ବଜାରସ୍ଥିତ ପୂଜା ମଣ୍ଡପରେ ଆଜିଠାରୁ ଏହି ପୂଜା ଶୁଭାରମ୍ଭ ହୋଇଥିବାବେଳେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦୀପାଲା ଆଜିଠୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ବାଦିପାଲା କାର୍ଯ୍ୟକ୍ରମରେ ଗାୟିକା ସସ୍ମିତା ରାଉତ, ଲକ୍ଷ୍ମୀପ୍ରିୟା ଦାସ, ଶ୍ରଦ୍ଧାଞ୍ଜଳି ବଳବନ୍ତରାୟ, ଲକ୍ଷ୍ମୀପ୍ରିୟା ସାହୁ ଓ ସାଥୀମାନେ ବାଦୀପାଲା ପରିବେଷଣ କରିବେ। ସେହିପରି ୧୩ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରର ନାଦଶ୍ରୀ ଭଜନ ସନ୍ଧ୍ୟା, ୧୪ ତାରିଖ ସନ୍ଧ୍ୟାରେ କଟକ ସଙ୍ଗମ ଅର୍କେଷ୍ଟ୍ରା କଳାକାରଙ୍କ ଦ୍ୱାରା ଡ୍ୟାନ୍ସ ଧମାକା ଓ ୧୫ ତାରିଖ ସନ୍ଧ୍ୟାରେ କଟକର ସ୍ୱିଫ୍ଟ ଡ୍ୟାନ୍ସ ମହଲ ପକ୍ଷରୁ ଡ୍ୟାନ୍ସ ଧମାକା ଅନୁଷ୍ଠିତ ହେବ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଶତାଧିକ ଦର୍ଶକଙ୍କ ସମାବେଶ ହୋଇଥାଏ। ଗଣେଷ ମଣ୍ଡପ ସମ୍ମୁଖରେ ଏକ ଆକର୍ଷଣୀୟ ତୋରଣ କରାଯାଇଥିବାବେଳେ ରଙ୍ଗିନ ଆଲୋକମାଳାରେ ବଜାରରକୁ ସଜାଇ ଦିଆଯାଇଛି। ଆସନ୍ତା ୧୭ ତାରିଖରେ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜାରକା ଗଣେଶ ପୂଜା କମିଟିର ସଭାପତି କୁଳମଣି ରାଉତ ଓ ସମ୍ପାଦକ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଏହି ବ୍ଲକ୍‌ର ବିଭିନ୍ନ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗଜାନନଙ୍କ ପୂଜା ପାଳିତ ହୋଇଯାଇଛି।

# 'ମହିଳାଙ୍କୁ ଆତ୍ମନିର୍ଭର କରିବ ସୁଭଦ୍ରା ଯୋଜନା'


ଜଗତସିଂହପୁର



କେନ୍ଦ୍ରପଡା

**ଜଗତସିଂହପୁର,୭।୯/ଏନ୍ଏନ୍ଏସ୍:** ମହିଳାଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ବହୁ ଆକାଂକ୍ଷିତ ସୁଭଦ୍ରା ଯୋଜନାର ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇସାରିଛି। ଏହି ଯୋଜନା ସମ୍ପର୍କିତ ଭ୍ରମ ଓ ଭ୍ରାନ୍ତ ଧାରଣାକୁ ଦୂର କରି ହିତାଧିକାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ ପୂର୍ବକ ସଚେତନ କରିବା ଲକ୍ଷ୍ୟ ନେଇ ସମଗ୍ର ରାଜ୍ୟରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ସୁଭଦ୍ରା ଯୋଜନାର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତୀୟ ସଂସ୍କୃତିରେ ନାରୀର ମର୍ଯ୍ୟାଦା ସର୍ବାଗ୍ରେ, ସେମାନଙ୍କୁ ଆର୍ଥିକ ସହାୟତା ସହ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବା ଦିଗରେ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ଯୋଜନା ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ୫ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ୧୦ ହଜାର ଲେଖାଏଁ କରି ୧ କୋଟି ମହିଳାଙ୍କୁ ଏହି ସୁବିଧା ପ୍ରଦାନ କରାଯିବ। ମହିଳାଙ୍କ କଲ୍ୟାଣ ଦିଗରେ କାର୍ଯ୍ୟରତ ଏହି ଯୋଜନାକୁ ବ୍ୟାପକ କରିବା ନିମନ୍ତେ ସେ ସମସ୍ତ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଓ ବିଧାୟକ ଅମରେନ୍ଦ୍ର ଦାସ ମଧ୍ୟ ମହିଳା ସଶକ୍ତିକରଣ ନିମନ୍ତେ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ଘରେ ଘରେ ପହଞ୍ଚାଇବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲ୍ଲାପାଳ ଜେ.ସୋନାଲ ମଧ୍ୟ ଅନୁରୂପ ବାର୍ତ୍ତା ସହ ସୁଭଦ୍ରା ଯୋଜନା ମହିଳାଙ୍କୁ ରୋଜଗାରକ୍ଷମ କରି ଆତ୍ମନିର୍ଭର କରିବ ବୋଲି କହିଥିଲେ। ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୮ଟି ବ୍ଲକ୍ ଓ ୨ ପୌରାଞ୍ଚଳ ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୪ଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲାପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଡେପୁଟୀ କଲେକ୍ଟର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ନିର୍ବାହୀ ଅଧିକାରୀ, ଜଗତସିଂହପୁର ପୌରପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଡିପିସି ମିଶନ ଶକ୍ତି, ଡିପିଏମ୍ ଓଏଲ୍ଏମ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଓ ସହରର ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ରଥକୁ ଶୁଭାରମ୍ଭ କରିଥିଲେ।



ଯାଜପୁର

**କେନ୍ଦ୍ରାପଡ଼ା:** ଜିଲ୍ଲା ସଂସ୍କୃତି ଭବନ ପରିସରରେ କେନ୍ଦ୍ରାପଡ଼ା ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡା ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ମହିଳା ସଶକ୍ତିକରଣ କରିବ ସୁଭଦ୍ରା ଯୋଜନା। ବର୍ଷକୁ ୨ଥର ୫ହଜାର ଲେଖାଏଁ ଟଙ୍କା ୫ ବର୍ଷ ପାଇଁ ମୋଟ ୫୦ହଜାର ଟଙ୍କା ସିଧାସଳଖ ଭାବେ ସୁଭଦ୍ରା ଯୋଜନାର ନିୟମ ଅନୁଯାୟୀ ଜିଲ୍ଲାର ସମସ୍ତ ମାଆ, ଭଉଣୀଙ୍କୁ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର ହେବ। ଫଳରେ ସେମାନେ ସଶକ୍ତ ହେବାସହ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସାଂସଦ ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ। ପୂର୍ବରୁ ମହିଳାଙ୍କ ପାଇଁ ଯେତେ ଯୋଜନା ହୋଇଥିଲା ସେଥିରେ ସେମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଟି ମାଧ୍ୟମରେ ଟଙ୍କା ହସ୍ତାନ୍ତର ହେଉନଥିଲା। ଦୁର୍ନୀତି ରୋକିବାକୁ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଅର୍ଥ ଯିବ। ଏହି ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାଂସଦ ୫ଟି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ସେଗୁଡ଼ିକ ଜିଲ୍ଲାର ୯ଟି ବ୍ଲକ୍‌ର ପ୍ରତ୍ୟେକ ଗ୍ରାମପଞ୍ଚାୟତ ଓ ୨ଟି ପୌରପରିଷଦର ପ୍ରତ୍ୟେକ ୱାର୍ଡ ପରିକ୍ରମା କରି ଏହି ଯୋଜନାର ସଫଳତା ନିମନ୍ତେ ସଚେତନତାର ବାର୍ତ୍ତା ପ୍ରଦାନ କରିବ। ସୁଭଦ୍ରା ଯୋଜନାରୁ ଯେପରି କୌଣସି ହିତାଧିକାରୀ ବାଦ୍ ନପଡ଼ନ୍ତି ସେଥିପ୍ରତି ଜିଲ୍ଲା ପ୍ରଶାସନ ସଜାଗ ଅଛି ବୋଲି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ସୁଭଦ୍ରା ଯୋଜନାର ପଞ୍ଜିକରଣ ସମ୍ପର୍କରେ ଏହି ରଥ ମାଧ୍ୟମରେ ଲୋକମାନେ ସଚେତନ ହେବେ ଓ ଏହାର ନିର୍ଦ୍ଦିଷ୍ଟ ସମୟସୀମା ପଞ୍ଜିକରଣ ପାଇଁ ରାଜ୍ୟ ସରକାର ଧାର୍ଯ୍ୟ କରିନଥିବାରୁ ଲୋକମାନେ ବ୍ୟସ୍ତ ନ ହୋଇ ନିକଟସ୍ଥ ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ରରେ ଫର୍ମ ପଞ୍ଜିକରଣ କରିପାରିବେ। ଏଥିପାଇଁ ହିତାଧିକାରୀଙ୍କୁ କୌଣସି ମୂଲ୍ୟ ଦେବାକୁ ପଡ଼ିବ ନାହିଁ। ଜିଲ୍ଲା ପ୍ରଶାସନ ୧୦୨୪ଟି ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରରେ ସୁଭଦ୍ରା ଯୋଜନା ପଞ୍ଜିକରଣ ପାଇଁ ଆଗରୁ ସ୍ଥିର କରିଥିବାବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଭାବେ ୨୫୭ଟି କେନ୍ଦ୍ରକୁ ଏହାସହିତ ସଂଯୋଗ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପରିଷଦ ସଭାପତି ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡ଼ା ପୌରପାଳ ସରିତା ସାହୁ, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ କୁଇନି ଜେନା, ଡେରାବିଶ ବ୍ଲକ୍ ଅଧକ୍ଷା ପ୍ରଭାତି ମଲ୍ଲିକ, ଗରଦପୁର ବ୍ଲକ୍ ଅଧକ୍ଷ ଅଭୟ ମହାରାଜ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ବିଜେପି ନେତା ତେଜେଶ୍ୱର ପରିଡ଼ା, ବିଭିନ୍ନ ବ୍ଲକର ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

**ଯାଜପୁର:** ସୁଭଦ୍ରା ଯୋଜନା ନେଇ ଲୋକଙ୍କ ମଧ୍ୟରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ସଚେତନା ରଥର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମୁଖ୍ୟଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ କୁମାର ବଳସାମନ୍ତ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ବାଚନ ଇସ୍ତାହାରରେ ଦିଆଯାଇଥିଲା। ଆଜି ତାହା ବାସ୍ତବରେ ପରିଣତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ ପ୍ରକାଶ କରିଥିଲେ। ସମସ୍ତ ମହିଳା ଏହି ଯୋଜନାର ସୁଫଳ ପାଇବେ। ମହିଳାଙ୍କ କଲ୍ୟାଣ ଦିଗରେ କାର୍ଯ୍ୟରତ ଏହି ଯୋଜନାକୁ ବ୍ୟାପକ କରିବା ନିମନ୍ତେ ସେ ସମସ୍ତ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଉପସ୍ଥିତ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ସୁଭଦ୍ରା ଯୋଜନା ମହିଳାଙ୍କୁ ରୋଜଗାରକ୍ଷମ କରି ଆତ୍ମନିର୍ଭରଶୀଳ କରିବ ବୋଲି କହିଥିଲେ। ଏହି ଅବସରରରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଯାଜପୁର ବିଡିଓ, ଦଶରଥପୁର ବିଡ଼ିଓ, ଯାଜପୁର ତହସିଲଦାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଘରେ ଘରେ ସୁଭଦ୍ରା ଯୋଜନା ପହଞ୍ଚାଇବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୧୦ଟି ବ୍ଲକ୍ ଓ ୨ଟି ପୌରାଞ୍ଚଳର ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୫ଟି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିପିସି ମିଶନ ଶକ୍ତି, ଡିପିଏମ୍ ଓଏଲ୍ଏମ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ, ସହରର ବୁଦ୍ଧିଜୀବୀ ତଥା ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଭଦ୍ରକ

**ଭଦ୍ରକ:** ମହିଳା ସଶକ୍ତିକରଣ ନେଇ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇସାରିଥିବା ଐତିହାସିକ 'ସୁଭଦ୍ରା' ଯୋଜନା ସମ୍ବନ୍ଧରେ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ସୁଭଦ୍ରା ରଥ ପରିକ୍ରମା କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ପାଇଁ ପ୍ରସ୍ତୁତ ୪ଟି ରଥର ପରିକ୍ରମା ପାଇଁ ଜିଲ୍ଲା କାର୍ଯ୍ୟାଳୟରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ପୂଜାପାଠ ପୂର୍ବକ ପତାକା ପ୍ରଦର୍ଶନ କରି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ୍ ରାଉତରାଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ସେପ୍ଟେମ୍ବର ୭ରୁ ୧୬ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳ ପରିକ୍ରମା କରିବାକୁ ଥିବା ଏହି ୪ଟି ରଥ ପ୍ରଥମ ପର୍ଯ୍ୟାୟରେ ଭଦ୍ରକ, ବନ୍ତ, ଧାମନଗର ଓ ବାସୁଦେବପୁର ବ୍ଲକ୍‌କୁ ଯାତ୍ରା ଆରମ୍ଭ କରିଛି। ସମ୍ପୃକ୍ତ ସମସ୍ତ ବ୍ଲକ୍ ଓ ପୌରପାଳିକା ପକ୍ଷରୁ ମଧ୍ୟ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବିଭିନ୍ନ ଗ୍ରାମପଞ୍ଚାୟତକୁ ପରିକ୍ରମା କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଯୋଗାଇ ଦିଆଯିବାକୁ ଥିବା ଅର୍ଥରାଶି, ଆବେଦନ ପ୍ରକ୍ରିୟା, ଯୋଗ୍ୟ ହିତାଧିକାରୀ ଆଦି ସମ୍ବନ୍ଧରେ ରଥରେ ସୁସଜ୍ଜିତ ବ୍ୟାନର୍, ପରିବେଷିତ ସଂଗୀତ ଓ ରଥ ବୁଲିଲା ବେଳେ ପ୍ରଚାର ପତ୍ର ବଣ୍ଟନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ।

# ସିନର୍ - ଫ୍ରିଟ୍‌ଜ ଟାଇଟଲ୍ ଲଢ଼େଇ

## ୟୁଏସ୍ ଓପନ୍: ୧୮ ବର୍ଷ ପରେ ଫାଇନାଲ୍‌ରେ ଆମେରିକୀୟ ଖେଳାଳି

**ନ୍ୟୁୟର୍କ,୭।୯/ଏଜେନ୍ସି:** ୟୁଏସ୍ ଓପନ୍ ପୁରୁଷ ଓ ମହିଳା ସିଙ୍ଗଲ୍ସ ଫାଇନାଲିଷ୍ଟ ସ୍ଥିର ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ମୁକାବିଲାରେ ବିଶ୍ୱର ନଂ.୧ ଖେଳାଳି ଇଟାଲୀର ଜାନିକ୍ ସିନର୍‌ଙ୍କ ସାମ୍ନା ଆମେରିକାର ଟେଲର୍ ଫ୍ରିଟ୍‌ଜଙ୍କ ସହ ହେବ। ଫ୍ରିଟ୍‌ଜ ୧୮ ବର୍ଷ ପରେ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲ୍ ପହଞ୍ଚିବାରେ ପ୍ରଥମ ଆମେରିକୀୟ ଖେଳାଳି। ତାଙ୍କ ପୂର୍ବରୁ ୨୦୦୫ରେ ଆଣ୍ଡି ରଡିକ୍ ଏହି କାରନାମା କରିଥିଲେ। ଫ୍ରିଟ୍‌ଜ ପୁରୁଷ ସେମିଫାଇନାଲ୍‌ରେ ନିଜର ପୁରୁଣା ବନ୍ଧୁ ତଥା ନିଜ ଦେଶର ଫ୍ରାନ୍ସିସ୍ ଟିୟାଫୋଙ୍କୁ ୪-୬, ୭-୫, ୬-୪, ୬-୧ରେ ହରାଇଛନ୍ତି। ସେହିପରି ସିନର୍ ବ୍ରିଟେନ୍‌ର ଡ୍ରାପର୍‌ଙ୍କୁ ୭-୫, ୭-୬, ୬-୨ରେ ମାତ୍ ଦେଇଛନ୍ତି।

ଏହା ବ୍ୟତୀତ ମହିଳା ସିଙ୍ଗଲ୍ସ ଫାଇନାଲ୍ ଆମେରିକାର ଜେସିକା ପେଗୁଲା ଏବଂ ବେଲାରୁଷର ଆରିନା ସାବାଲେଙ୍କା ମଧ୍ୟରେ ଖେଳାଯିବ। ଏହି ଚାରି ଖେଳାଳି ବର୍ତ୍ତମାନ ସୁଦ୍ଧା ୟୁଏସ୍ ଓପନ୍ ଟାଇଟଲ୍ ଜିତି ନାହାନ୍ତି। ଫଳରେ ଚଳିତ ବର୍ଷ ଉଭୟ ବର୍ଗରେ ନୂଆ ଚାମ୍ପିଅନ୍ ମିଳିବେ। ମହିଳା ସେମିଫାଇନାଲ୍‌ରେ ପେଗୁଲା ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ୧-୬, ୬-୪, ୬-୨ରେ ଏବଂ ସାବାଲେଙ୍କା ଆମେରିକୀୟ ଟେନିସ୍ ଷ୍ଟାର୍ ଏମା ନଭାରୋଙ୍କୁ ୬-୩, ୭-୬ ସିଧା ସେଟ୍‌ରେ ହରାଇ ଲଗାତାର ଦ୍ୱିତୀୟ ଥର ପାଇଁ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି।

### ଓସ୍ତାପେଙ୍କୋ-ଲୁଡ୍‌ମିଲାଙ୍କୁ ମହିଳା ଡବଲ୍ସ ଟାଇଟଲ୍



ଲାଟିଭିଆର ଜେଲେନା ଓସ୍ତାପେଙ୍କୋ ଓ ୟୁକ୍ରେନ୍‌ର ଲୁଡ୍‌ମିଲା କିଚେନୋକ୍ ଚଳିତ ବର୍ଷର ୟୁଏସ୍ ଓପନ୍ ମହିଳା ଡବଲ୍ସ ଚାମ୍ପିଅନ୍ ହୋଇଛନ୍ତି। ଫାଇନାଲ୍ ମ୍ୟାଚ୍‌ରେ ଏହି ଯୋଡ଼ି ଚୀନ୍‌ର ଝାଙ୍ଗ୍ ଶୁଆଇ ଏବଂ ଫ୍ରାନ୍ସର କ୍ରିଷ୍ଟିନା ମାଲ୍‌ଡେନୋଭିଚ୍‌ଙ୍କ ଯୋଡ଼ିକୁ ୬-୪, ୬-୩ ସିଧା ସେଟ୍‌ରେ ହରାଇଛନ୍ତି। ପୂର୍ବତନ ଫ୍ରେଞ୍ଚ ଓପନ୍ ସିଙ୍ଗଲ୍ସ ଚାମ୍ପିଅନ୍ ଓସ୍ତାପେଙ୍କୋ ଏବଂ କିଚେନୋକ୍‌ଙ୍କର ଏହା ପ୍ରଥମ ମହିଳା ଗ୍ରାଣ୍ଡସ୍ଲାମ ଡବଲ୍ସ ଟାଇଟଲ୍। ଉଭୟ ଯୋଡ଼ିହୋ ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ୍‌ରେ ମଧ୍ୟ ପହଞ୍ଚିଥିଲେ।

# ସ୍ୱଦେଶ ଫେରିଲେ ପଦକ ବିଜେତା

## ■ ଦିଲ୍ଲୀ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ ■ ଫୁଲମାଳ ପିନ୍ଧାଇ କାନ୍ଧରେ ବୁଲାଇଲେ ପ୍ରଶଂସକ

**ନୂଆଦିଲ୍ଲୀ,୭।୯/ଏଜେନ୍ସି:** ପ୍ୟାରିସ୍ ପାରାଲିମ୍ପିକ୍ ୨୦୨୪ରେ ଭାରତ ପାଇଁ ପଦକ ଜିତିଥିବା ବହୁ ପାରା ଆଥ୍‌ଲେଟ୍ ଶନିବାର ସ୍ୱଦେଶ ଫେରିଛନ୍ତି। ଦିଲ୍ଲୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଜୋରଦାର ସ୍ୱାଗତ କରାଯାଇଛି। ଆଥ୍‌ଲେଟ୍ ପହଞ୍ଚିବା ମାତ୍ରେ ଉପସ୍ଥିତ ହଜାର ହଜାର ପ୍ରଶଂସକଙ୍କ ସମେତ ସେମାନଙ୍କ ପରିଜନ ଢ଼ୋଲ ବଜାଇ ସ୍ୱାଗତ ଜଣାଇବା ସହ ସେମାନଙ୍କୁ ଫୁଲମାଳ ପିନ୍ଧାଇବା ସହ ପ୍ୟାରିସ୍‌ରେ ଦେଶକୁ ଗୌରବାନ୍ୱିତ କରିଥିବାରୁ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ୟାରିସ୍‌ରେ ପଦକ ଜିତିବା ପରେ ଶୁଟର୍ ଅବନୀ ଲେଖରା (ସ୍ୱର୍ଣ୍ଣ), ମନୀଷ ନରୱାଲ୍ (ରୌପ୍ୟ), ମୋନା ଅଗ୍ରୱାଲ୍ (ବ୍ରୋଞ୍ଜ), ଆର୍ଚର୍ ରାକେଶ କୁମାର (ବ୍ରୋଞ୍ଜ), କ୍ଲବ୍ ଥ୍ରୋୟର ପ୍ରଣବ ସୁରମା



(ବ୍ରୋଞ୍ଜ) ପ୍ରମୁଖ ଶନିବାର ସ୍ୱଦେଶ ଫେରିଛନ୍ତି। ସ୍ୱଦେଶ ଫେରିବା ପରେ ପଦକ ବିଜେତା ଆଥ୍‌ଲେଟ୍‌ମାନେ ନିଜ ନିଜ ଅନୁଭବ ବାଣ୍ଟିଛନ୍ତି। ପାରାଲିମ୍ପିକ୍‌ରେ ଦୁଇଟି ପଦକ ଜିତିଥିବା ଅବନୀ କହିଛନ୍ତି- ପ୍ୟାରିସ୍‌ରେ ଯାତ୍ରା ବହୁତ ଭଲ ଥିଲା, ଆମେ ଏଥର ବହୁ ପଦକ ଜିତିଛୁ। ୧୦ ମିଟର ଏୟାର ପିସ୍ତଲରେ ରୌପ୍ୟ ପଦକ ଜିତିଥିବା ଶୁଟର୍ ମନୀଷ ନରୱାଲ୍‌ଙ୍କୁ ବିମାନ ବନ୍ଦରରେ ପ୍ରଶଂସକ କାନ୍ଧରେ ବସାଇ ସ୍ୱାଗତ କରିଥିଲେ। ଏତେ ଭଲ ପାଇବା ଏବଂ ସମର୍ଥନ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ପାରା ଆର୍ଚର୍ ରାକେଶ କୁମାରଙ୍କୁ ପ୍ରଂଶସକ ଫୁଲମାଳା ପିନ୍ଧାଇ ସ୍ୱାଗତ କରିଥିଲେ। ତାଙ୍କ ବିଜୟ ଶ୍ରେୟ ସେ କୋଚ୍‌ଙ୍କୁ ଦେଇଥିଲେ।

ଭାରତ ବର୍ତ୍ତମାନ ସୁଦ୍ଧା ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଏବଂ ୧୨ ବ୍ରୋଞ୍ଜ ସମେତ ୨୭ ପଦକ ଜିତି ପାରାଲିମ୍ପିକ୍ ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ହାଇ ଜମ୍ପର୍ ପ୍ରବୀଣ କୁମାର, ଶୁଟର୍ ଅବନୀ ଲେଖରା, ଜାଭେଲିନ୍ ଥ୍ରୋୟର୍ ସୁମିତ ଅନ୍ତିଲ୍, ଆର୍ଚର୍ ହରବିନ୍ଦର ସିଂହ, ବ୍ୟାଡ୍‌ମିଣ୍ଟନ୍ ଷ୍ଟାର୍ ନିତେଶ କୁମାର ଏବଂ କ୍ଲବ୍ ଥ୍ରୋୟର୍ ଧରମବୀର ସିଂହ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ପୂର୍ବରୁ ଟୋକିଓରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୫ ସ୍ୱର୍ଣ୍ଣ ସହ ମୋଟ ୧୯ ପଦକ ଜିତିଥିଲା।

## ଓଭାଲ୍ ଟେଷ୍ଟ: ଓଲି ପୋପ୍‌ଙ୍କ ୧୫୪ ରନ୍, ରତ୍ନାୟକେଙ୍କୁ ୩ ୱିକେଟ୍

# ଇଂଲଣ୍ଡ ପ୍ରଥମ ଇନିଂସ୍ ୩୨୫ରେ ଶେଷ

**ଲଣ୍ଡନ,୭।୯/ଏଜେନ୍ସି:** ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଦ ଓଭାଲ୍‌ରେ ଖେଳାଯାଉଥିବା ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନ ପ୍ରଥମ ସେସନ୍‌ରେ ଇଂଲଣ୍ଡ ପ୍ରଥମ ଇନିଂସ୍ ୩୨୫ ରନ୍‌ରେ ଶେଷ ହୋଇଛି। ଟିମ୍ ପକ୍ଷରୁ ଓଲି ପୋପ୍ ୧୫୪ ରନ୍‌ର କ୍ୟାପ୍ଟେନ୍ ଇନିଂସ୍ ଖେଳିଛନ୍ତି। ଶନିବାର ଦ୍ୱିତୀୟ ଦିନ ୨୨୧/୩ ସ୍କୋର୍‌ରୁ ଇଂଲଣ୍ଡ ଅସମାପ୍ତ ପ୍ରଥମ ଇନିଂସ୍ ଆରମ୍ଭ କରିଥିଲା। ତେବେ ହ୍ୟାରୀ ବ୍ରୁକ୍ (୧୯), ଜେମି ସ୍ମିଥ୍ (୧୬), କ୍ରିସ୍ ୱୋକ୍ସ (୨୦) ଏବଂ ଜସ୍ ଆଟ୍‌କିନ୍‌ସନ୍ (୫) ଶସ୍ତାରେ ପ୍ୟାଭିଲିୟନ୍ ଫେରିଥିଲେ। ମାତ୍ର କ୍ୟାପ୍ଟେନ୍ ଓଲି ପୋପ୍ ନିଜ ଶତକୀୟ ଇନିଂସ୍ ଆଗକୁ ବଢ଼ାଇ ନେଇ ୧୫୦ ରନ୍ ପାର୍ କରାଇଥିଲେ। ତାଙ୍କର ଏହି ଇନିଂସ୍ ବଳରେ ଇଂଲଣ୍ଡ ଟିମ୍ ପ୍ରଥମ ଇନିଂସ୍‌ରେ ୩୨୫ ରନ୍ କରିବାକୁ ସଫଳ ହୋଇଛି। ତାଙ୍କର ଏହି ୧୫୬ ବଲ୍‌ର ଇନିଂସ୍‌ରେ ୧୯ ଚୌକା ଓ ୨ ଛକା ସାମିଲ। ଏକଦା ଇଂଲଣ୍ଡ ୨୯୦ ରନ୍‌ରେ ୪ ୱିକେଟ୍ ହରାଇଥିଲା। ତେବେ ଆଉ ୩୫ ରନ୍ ମଧ୍ୟରେ ଟିମ୍‌ର ଅନ୍ତିମ ୬ ବ୍ୟାଟର୍ ଆଉଟ୍ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ମିଲନ୍ ରତ୍ନାୟକେ ୩ଟି ୱିକେଟ୍ ନେଇଛନ୍ତି। ବିଶ୍ୱ ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା ଏବଂ କ୍ୟାପ୍ଟେନ୍ ଧନଞ୍ଜୟ ଡି ସିଲ୍‌ଭା ୨-୨ ୱିକେଟ୍ ହାସଲ କରିଥିବା ବେଳେ ଅସିଥା ଫର୍ଣ୍ଣାଣ୍ଡୋଙ୍କୁ ଗୋଟିଏ ସଫଳତା ମିଳିଛି।

ପ୍ରଥମ ସେସନ୍‌ରେ ପ୍ରଥମ ଇନିଂସ୍ ଆରମ୍ଭ କରିଥିବା ଶ୍ରୀଲଙ୍କା ବିପର୍ଯ୍ୟୟର ସମ୍ମୁଖୀନ୍ ହୋଇଛି। ଦ୍ୱିତୀୟ ସେସନ୍ ସୁଦ୍ଧା ଟିମ୍ ୫ ୱିକେଟ୍ ବିନିମୟରେ ୧୦୯ ରନ୍ କରିଥିଲା। ଓପନର୍ ପାଥୁମ ନିସାଙ୍କା ସର୍ବାଧିକ ୬୪ ରନ୍ କରିଥିବା ବେଳେ ଦିମୁଥ୍ କରୁଣାରତ୍ନେ ୯, କୁଶଲ ମେଣ୍ଡିସ୍ ୧୪, ଆଞ୍ଜେଲୋ ମାଥ୍ୟୁଜ୍ ୩ ଏବଂ ଦିନେଶ ଚାଣ୍ଡିମଲ୍ ଖାତା ନଖୋଲି ପ୍ୟାଭିଲିୟନ୍ ଫେରିଛନ୍ତି। ଧନଞ୍ଜୟ ଡି ସିଲ୍‌ଭା ୬ ଏବଂ କାମିନ୍ଦୁ ମେଣ୍ଡିସ୍ ୧୩ ରନ୍‌ରେ ବ୍ୟାଟିଂ କରୁଛନ୍ତି।



### ମାର୍କ ଉଡ୍ ବର୍ଷେ କ୍ରିକେଟ୍‌ରୁ ବାଦ୍

ଇଂଲଣ୍ଡ ଫାଷ୍ଟ ବୋଲର୍ ମାର୍କ ଉଡ୍ କହୁଣୀ ଆଘାତ କାରଣରୁ ଚଳିତ ବର୍ଷ କ୍ରିକେଟ୍ ଖେଳିପାରିବେ ନାହିଁ। ଉଡ୍ ଶ୍ରୀଲଙ୍କା ବିପକ୍ଷ ଚଳିତ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଆହତ ହୋଇଥିଲେ। ଏବେ ସେ ୨୦୦୫ରେ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ରହିଛି। ଇଂଲଣ୍ଡ କ୍ରିକେଟ୍ ବୋର୍ଡ ଏହି ସୂଚନା ଦେଇଛି। ଉଡ୍ ସିରିଜ୍‌ର ପ୍ରଥମ ଟେଷ୍ଟର ତୃତୀୟ ଦିନ ଆହତ ହୋଇ ପଡ଼ିଆ ବାହାରକୁ ଚାଲିଯାଇଥିଲେ। ଏହାପରେ ସେ ମ୍ୟାଚ୍‌ରେ ଆଉ ବୋଲିଂ କରିବାକୁ ଆସିନଥିଲେ। ସିରିଜ୍‌ର ବାକି ଦୁଇ ମ୍ୟାଚ୍ ପାଇଁ ଉଡ୍‌ଙ୍କ ସ୍ଥାନରେ ଲିସେଷ୍ଟର୍‌ସାୟର ଯୁବ ଫାଷ୍ଟ ବୋଲର୍ ଜୋଶ୍ ହଲ୍‌ଙ୍କୁ ଟିମ୍‌ରେ ସାମିଲ କରାଯାଇଥିଲା।

## ୬ ୱିକେଟ୍ ହାରିଲା ସ୍କଟ୍‌ଲାଣ୍ଡ

# ଅଷ୍ଟ୍ରେଲିଆ ୩-୦ରେ ଟି-୨୦ ସିରିଜ୍ ବିଜୟୀ

**ଏଡିନ୍‌ବରା,୭।୯/ଏଜେନ୍ସି:** ସ୍କଟ୍‌ଲାଣ୍ଡକୁ ତୃତୀୟ ଟି-୨୦ ମ୍ୟାଚ୍‌ରେ ୬ ୱିକେଟ୍‌ରେ ହରାଇ ଅଷ୍ଟ୍ରେଲିଆ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍ ୩-୦ରେ କ୍ଲିନ୍ ସ୍ୱିପ୍ କରିଛି। ଏଡିନ୍‌ବରାରେ ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ୯ ୱିକେଟ୍‌ରେ ୧୪୯ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୬.୧ ଓଭର୍‌ରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଅଷ୍ଟ୍ରେଲିଆ ପକ୍ଷରୁ କାମେରନ୍ ଗ୍ରୁପ୍ ୩୯ ବ୍ରେ ୬୨ ରନ୍ କରିବା ସହିତ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହି ପ୍ରଦର୍ଶନ ପାଇଁ ତାଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ମିଳିଛି। ଟସ୍ ହାରି ବ୍ୟାଟିଂ ପାଇଥିବା ସ୍କଟ୍‌ଲାଣ୍ଡ ଭଲ ଆରମ୍ଭ କରିଥିଲା। ଜର୍ଜ ମୁନ୍‌ସି ୨୫, ଓଲି ହେୟର୍ସ ୧୨ ଏବଂ ବ୍ରେଣ୍ଡନ୍ ମ୍ୟାକ୍‌ମୁଲେନ୍ ୫୬ ରନ୍ କରିଥିଲେ। ୮ ଓଭର୍‌ରେ ଟିମ୍ ୬୭ ରନ୍ ମଧ୍ୟରେ ୨ଟି ୱିକେଟ୍ ହରାଇଥିଲା। ତେବେ ଏହାର ପରେ ଟିମ୍ ଶୀଘ୍ର ଶୀଘ୍ର ୱିକେଟ୍ ହରାଇ ୨୦ ଓଭର୍‌ରେ ୯ ୱିକେଟ୍ ବିନିମୟରେ ୧୪୯ ରନ୍ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ରୀନ୍ ୩, ଆରୋନ୍ ହାର୍ଡି ଓ ଶନ୍ ଏବଟ୍ ୨-୨ ୱିକେଟ୍ ନେଇଥିଲେ। ମାର୍କସ ଷ୍ଟୋଇନିସ୍ ଓ ଆଦାମ୍ ଜମ୍ପାଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।

୧୫୦ ରନ୍‌ର ଲକ୍ଷ୍ୟ ପିଛା କରୁଥିବା ଅଷ୍ଟ୍ରେଲିଆ ୧୮ ରନ୍‌ରେ ଦୁଇଟି ୱିକେଟ୍ ହରାଇଥିଲା। ଟ୍ରେଭିସ୍ ହେଡ୍ ୧୨ ଏବଂ ଫ୍ରେଜର୍-ମ୍ୟାକ୍‌ଗର୍କ ଖାତା ଖୋଲିବା ପୂର୍ବରୁ ଫେରିଥିଲେ। ତେବେ ଏହାପରେ ମିଚେଲ୍ ମାର୍ଶ ଟିମ୍‌କୁ ସମ୍ଭାଳିବା ସହ ୩୧ ରନ୍ କରି ସ୍କୋର୍ ୭୦ ରନ୍ ପାର୍ କରାଯାଇଥିଲେ। ତାଙ୍କ ଆଉଟ୍ ପରେ ଗ୍ରୀନ୍ ଓ ଟିମ୍ ଡେଭିଡ୍ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ଡେଭିଡ୍ ୧୪ ବଲ୍‌ରେ ୨୫ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ହାର୍ଡି (୬ ବଲ୍‌ରେ ୧୧ ରନ୍) ଗ୍ରୀନ୍‌ଙ୍କ ସହ ମ୍ୟାଚ୍ ଶେଷ କରିଥିଲେ। ଗ୍ରୀନ୍ ୩୯ ବଲ୍‌ରେ ୫ ଛକା ଓ ୨ ଚୌକା ସହାୟତାରେ ୬୨ ରନ୍ କରିଥିଲେ। ସ୍କଟ୍‌ଲାଣ୍ଡ ପକ୍ଷରୁ ବ୍ରେଡ୍ କରୀ ୨ଟି ୱିକେଟ୍ ନେଇଥିଲେ।

# ଅନ୍ତର୍ଜାତୀୟ ଫୁଟ୍‌ବଲ୍‌କୁ ସୁଆରେଜ୍‌ଙ୍କ ଅଲ୍‌ବିଦା



**ନୂଆଦିଲ୍ଲୀ,୭।୯/ଏଜେନ୍ସି:** ଉରୁଗୁଏର ଷ୍ଟାର୍ ଷ୍ଟ୍ରାଇକର୍ ଲୁଇସ୍ ସୁଆରେଜ୍ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ସନ୍ନ୍ୟାସ ନେଇଛନ୍ତି। ଶୁକ୍ରବାର ପାରାଗୁଏ ବିପକ୍ଷରେ ସେ ନିଜର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ସନ୍ନ୍ୟାସ ନେଲେ ମଧ୍ୟ ସେ କ୍ଲବ୍ ଫୁଟ୍‌ବଲ୍ ଖେଳିବେ। ସୁଆରେଜ୍ ଆମେରିକୀୟ କ୍ଲବ୍ ଇଣ୍ଟର ମିଲାନ୍ ପକ୍ଷରୁ ଖେଳୁଛନ୍ତି। ଉରୁଗୁଏ ଓ ପାରାଗୁଏ ମଧ୍ୟରେ ବିଶ୍ୱକପ୍ କ୍ୱାଲିଫାୟର୍‌ର ଏହି ମ୍ୟାଚ୍‌ଟି ଗୋଲ୍‌ଶୂନ୍ୟ ଭାବେ ଡ୍ର' ରହିଥିଲା। ସୁଆରେଜ୍‌ଙ୍କ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଅବସରରେ ତାଙ୍କ ପରିବାର ସଦସ୍ୟ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିଲେ। ଏହି ଅବସରରେ ସେ ଭାବପ୍ରବଣ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ସୁଆରେଜ୍‌ଙ୍କ ବିବାଦ ସହିତ ପୁରୁଣା ସମ୍ପର୍କ ରହିଛି। ଏହି କାରଣରୁ ତାଙ୍କ କଣ୍ଟ୍ରୋଭର୍ସି କିଙ୍ଗ୍ ମଧ୍ୟ କୁହାଯାଇଥାଏ। ୩୭ ବର୍ଷୀୟ ଫୁଟ୍‌ବଲର୍ ଚଳିତ ବର୍ଷ ସେପ୍ଟେମ୍ବର ୨ ତାରିଖରେ ସେଣ୍ଟେନାରିୟୋ ଷ୍ଟାଡିୟମ୍‌ରେ କହିଥିଲେ ଯେ 'ଶୁକ୍ରବାର ହେବାକୁ ଥିବା ମ୍ୟାଚ୍ ଦେଶ ପକ୍ଷରୁ ମୋର ଅନ୍ତିମ ମ୍ୟାଚ୍ ହେବ।' ଲିଭର୍‌ପୁଲ୍ ଏବଂ ବାର୍ସିଲୋନା ପକ୍ଷରୁ ଖେଳିସାରିଥିବା ସୁଆରେଜ୍ ନିଜର ଦେଶ ପକ୍ଷରୁ ୧୪୨ ମ୍ୟାଚ୍‌ରେ ୬୯ ଗୋଲ୍ ସ୍କୋର୍ କରିଛନ୍ତି। ଏହା ଉରୁଗୁଏ ପକ୍ଷରୁ ରେକର୍ଡ। ସେ ଉରୁଗୁଏ ପକ୍ଷରୁ ୪ଟି ବିଶ୍ୱକପ୍ ଏବଂ ୫ କୋପା ଆମେରିକା ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ସୁଆରେଜ୍ ୨୦୦୭ରେ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରେ ପଦାର୍ପଣ କରିଥିଲେ। ପଦାର୍ପଣ ମ୍ୟାଚ୍‌ରେ କଲମ୍ବିଆ ବିପକ୍ଷରେ ଉରୁଗୁଏ ୩-୧ରେ ବିଜୟୀ ହୋଇଥିଲା।

ସୁଆରେଜ୍ ବହୁ ଥର ପ୍ରତିପକ୍ଷ ଟିମ୍‌ର ଖେଳାଳିଙ୍କୁ କାମୁଡ଼ିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଫିଫା ତାଙ୍କ ବିପକ୍ଷରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ତାଙ୍କୁ ବ୍ୟାନ୍ ମଧ୍ୟ କରିଛି। ତାଙ୍କର ଫୁଟ୍‌ବଲ୍ କାର୍ଯ୍ୟକ୍ରମରେ ଭାଗନେବା, ଅଭ୍ୟାସ କରିବା ଏବଂ ଏପରିକି ଷ୍ଟାଡିୟମ୍‌ରେ ପ୍ରବେଶ କରିବା ଉପରେ ମଧ୍ୟ ରୋକ୍ ଲଗାଯାଇଥିଲା। ୨୦୧୪ ଫିଫା ବିଶ୍ୱକପ୍ ମ୍ୟାଚ୍ ଅବସରରେ ସୁଆରେଜ୍ ଇଟାଲୀର ଜର୍ଜିଓ ଚେଲିନୀଙ୍କୁ କାମୁଡ଼ି ଦେଇଥିଲେ। ଫଳରେ ତାଙ୍କୁ ୬ ମାସ ବ୍ୟାନ୍ କରାଯାଇଥିଲା। ସେହିପରି ୨୦୨୩ ଏପ୍ରିଲ୍ ୨୧ରେ ଲିଭର୍‌ପୁଲ୍ ପକ୍ଷରୁ ଖେଳୁଥିବା ବେଳେ ଚେଲ୍‌ସିର ବ୍ରାନିସ୍ଲାଭ୍ ଇଭାନୋଭିଚ୍‌ଙ୍କ ହାତକୁ କାମୁଡ଼ି ଦେଇଥିଲେ। ଏଥିପାଇଁ ସୁଆରେଜ୍‌ଙ୍କୁ ୧୦ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିଲା।




## ଦିଲୀପ୍ ଟ୍ରଫି: ଇଣ୍ଡିଆ-ଏ' ବିପକ୍ଷରେ ଇଣ୍ଡିଆ-ବି' ୨୪୦ ରନ୍‌ରେ ଆଗୁଆ

# ଇଣ୍ଡିଆ-ଡି'କୁ ୪ ୱିକେଟ୍‌ରେ ହରାଇଲା ଇଣ୍ଡିଆ-ସି'

**ବେଙ୍ଗାଲୁରୁ,୭।୯/ଏଜେନ୍ସି:** ଚଳିତ ଦିଲୀପ୍ ଟ୍ରଫିର ତୃତୀୟ ଦିନ ଶନିବାର ଇଣ୍ଡିଆ-ସି' ୪ ୱିକେଟ୍‌ରେ ଇଣ୍ଡିଆ ଡି'କୁ ହରାଇ ଦେଇଛି। ୨୩୩ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଇଣ୍ଡିଆ-ସି ଟିମ୍ ଆର୍ଯ୍ୟନ ଜୁରାଲ୍‌ଙ୍କ ୪୭ ଏବଂ କ୍ୟାପ୍ଟେନ୍ ଋତୁରାଜ ଗାଏକ୍‌ୱାଡ୍‌ଙ୍କ ୪୬ ରନ୍ ବଳରେ ବିଜୟୀ ହୋଇଛି। ଇଣ୍ଡିଆ-ଡି ପକ୍ଷରୁ ସାରାଂଶ ଜୈନ ୪ ୱିକେଟ୍ ଅକ୍ତିଆର କରିଥିଲେ।

ଅନ୍ୟ ଏକ ମ୍ୟାଚ୍‌ରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଇଣ୍ଡିଆ-ବି' ଦ୍ୱିତୀୟ ଇନିଂସ୍‌ରେ ୬ ୱିକେଟ୍ ବିନିମୟରେ ୧୫୦ ରନ୍ କରିନେଇଛି। ଏହା ସହିତ ଇଣ୍ଡିଆ-ବି' ମୋଟ ୨୪୦ ରନ୍‌ରେ ଇଣ୍ଡିଆ-ଏ'ଠାରୁ ଆଗୁଆ ରହିଛି। ଇଣ୍ଡିଆ-ବି' ପକ୍ଷରୁ ଋଷଭ ପନ୍ତ ୬୧ ରନ୍‌ର ଇନିଂସ୍ ଖେଳିଥିବା ବେଳେ ଇଣ୍ଡିଆ-ଏ ପକ୍ଷରୁ ଖଲିଲ ଅହମଦ ଏବଂ ଆକାଶ ଦୀପ ୨-୨ ୱିକେଟ୍ ହାସଲ କରିଛନ୍ତି।

ଅନନ୍ତପୁରରେ ଖେଳାଯାଉଥିବା ମ୍ୟାଚ୍‌ର ଦ୍ୱିତୀୟ ଦିନ କ୍ୟାପ୍ଟେନ୍ ଶ୍ରେୟସ୍ ଆୟର (୫୪) ଏବଂ ଦେବଦତ୍ତ ପାଡ଼ିକ୍କଲ୍ (୫୬)ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ୨୦୦ ରନ୍ ପାର୍ କରିଥିବା ଇଣ୍ଡିଆ-ଡି ଟିମ୍ ତୃତୀୟ ଦିନ ପ୍ରଥମ ସେସନ୍‌ରେ ୨୩୬ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ତୃତୀୟ ଦିନ ଆରମ୍ଭରୁ ଟିମ୍‌ର ଅନ୍ତିମ ୩ ବ୍ୟାଟର୍ ମାତ୍ର ୩୦ ରନ୍ ଯୋଡ଼ି ପ୍ୟାଭିଲିୟନ୍ ଫେରିଥିଲେ। ଇତିମଧ୍ୟରେ ଅକ୍ଷର ପଟେଲ୍ (୨୮) ନିମ୍ନକ୍ରମରେ ଏକ ଉନ୍ନତ ଇନିଂସ୍ ଖେଳିଥିଲା ବେଳେ ଦ୍ୱିତୀୟ ଦିନ ୫ ୱିକେଟ୍ ନେଇଥିବା ମାନବ ସୁଥାର ତୃତୀୟ ଦିନ ଆଉ ଦୁଇ ବ୍ୟାଟର୍‌ଙ୍କୁ ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିଲେ। ସେ ଏହି ଇନିଂସ୍‌ରେ ୪୯ ରନ୍ ଦେଇ ୭ ୱିକେଟ୍ ହାସଲ କରିଥିଲେ।

୨୩୩ ରନ୍‌ର ଲକ୍ଷ୍ୟ ପିଛା କରୁଥିବା ଇଣ୍ଡିଆ-ସି' ପକ୍ଷରୁ କ୍ୟାପ୍ଟେନ୍ ଗାଏକ୍‌ୱାଡ୍ ଓ ସାଇ ସୁଦର୍ଶନ ଚମତ୍କାର ଷ୍ଟାର୍ଟ କରିଥିଲେ। ଋତୁରାଜ ୪୬ ଓ ସାଇ ସୁଦର୍ଶନ ୨୨ ରନ୍‌ର ଇନିଂସ୍ ଖେଳିଥିଲେ। ଏହାପରେ ରଜତ ପାଟିଦାରଙ୍କ ସହ ମିଶି ଆର୍ଯ୍ୟନ୍ ଜୁୟାଲ୍ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ଆର୍ଯ୍ୟନ୍ ଟିମ୍ ପକ୍ଷରୁ ସର୍ବାଧିକ ୪୭ ରନ୍ କରିଥିବା ବେଳେ ପାଟିଦାର ୪୪ ରନ୍ ଯୋଗ କରିଥିଲେ। ଏହି ଦୁହିଁଙ୍କ ଆଉଟ୍ ହେବାପରେ ୱିକେଟ୍‌କିପର୍ ବ୍ୟାଟର୍ ଅଭିଷେକ ପୋରେଲ୍ (୩୫) ଏବଂ ମାନବ ସୁଥାର (୧୯) ଇଣ୍ଡିଆ-ସି' ଟିମ୍‌କୁ ମ୍ୟାଚ୍ ଜିତାଇଥିଲେ।

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ତୃତୀୟ ଦିନ ପ୍ରଥମ ଇନିଂସ୍ ସ୍କୋର୍ ୧୩୪/୨ରୁ ଆଗକୁ ଖେଳିଥିବା ଇଣ୍ଡିଆ-ଏ' ଟିମ୍ ପ୍ରଥମ ସେସନ୍‌ରେ ନିଜର ୫ ବ୍ୟାଟର୍‌ଙ୍କ ୱିକେଟ୍ ହରାଇଥିଲା। ଏହି ଅବସରରେ ଦ୍ୱିତୀୟ ଦିନ ଅର୍ଦ୍ଧଶତୀୟ ଭାଗୀଦାରି କରି ସେଟ୍ ହୋଇଆସିଥିବା ରିୟାନ୍ ପରାଗ (୩୦) ଓ କେଏଲ୍ ରାହୁ (୩୭) ମଧ୍ୟ ପ୍ୟାଭିୟନ୍ ଫେରିଥିଲେ। ଶିଭମ୍ ଦୁବେ (୨୦) ବଡ଼ ଇନିଂସ୍ ଖେଳିପାରି ନଥିଲେ। ତନୁଷ କୋଟିଆନ୍ ୩୨ ରନ୍ ଏବଂ ଆକାଶ ଦୀପ ୧୧ ରନ୍‌ର ଯୋଗଦା କରିଥିଲେ। ଟିମ୍‌ର ପ୍ରଥମ ଇନିସ୍ ୨୩୧ ରନ୍‌ରେ ସୀମିତ ହୋଇଯାଇଥିଲା। ଇଣ୍ଡିଆ-ବି' ପକ୍ଷରୁ ମୁକେଶ କୁମାର ଓ ନବଦୀପ ସାଇନି ୩-୩ ୱିକେଟ୍ ନେଇଥିବା ବେଳେ ସାଇ କିଶୋରଙ୍କୁ ୨ ଏବଂ ଯଶ୍ ଦୟାଲ୍ ଓ ୱାଶିଂଟନ୍ ସୁନ୍ଦରଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା। ୧୯୦ ରନ୍‌ରେ ଆଗୁଆ ରହି ତୃତୀୟ ଦିନ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଇଣ୍ଡିଆ-ବି' ଷ୍ଟମ୍ପ ବେଳକୁ ୬ ୱିକେଟ୍ ହରାଇ ୧୫୦ ରନ୍ କରି ୨୪୦ ରନ୍‌ର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ବେଳକୁ ୱାଶିଂଟନ୍ ସୁନ୍ଦର ୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଜୟସ୍ୱୀ ଜୟସ୍ୱାଲ୍ ୯ ରନ୍ ଏବଂ କ୍ୟାପ୍ଟେନ୍ ଅଭିମନ୍ୟୁ ଈଶ୍ୱରନ୍ ୪ ରନ୍‌ରେ ଆଉଟ୍ ହୋଇଥିବା ବେଳେ ପ୍ରଥମ ଇନିଂସ୍‌ର ଶତକ ହାସଲକାରୀ ମୁଶୀର ଖାନ୍ ଖାତା ଖୋଲିପାରି ନଥିଲେ। ଟିମ୍ ୨୨ ରନ୍‌ରେ ୩ ୱିକେଟ୍ ହରାଇବା ପରେ ଋଷଭ ପନ୍ତ ଓ ସର୍ଫରାଜ ଖାନ୍ ଇନିଂସ୍ ସମ୍ଭାଳି ଚତୁର୍ଥ ୱିକେଟ୍ ପାଇଁ ୭୨ ରନ୍‌ର ଭାଗୀଦାରି କରିଥିଲେ। ପନ୍ତ ୪୭ ବଲ୍‌ରେ ୯ ଚୌକା ଓ ୨ ଛକା ସହାୟତାରେ ୬୧ ଏବଂ ସର୍ଫରାଜ୍ ୩୬ ବଲ୍‌ରେ ୭ ଚୌକା ଓ ଗୋଟିଏ ଛକା ବଳରେ ୪୬ ରନ୍ କରି ଆଉଟ୍ ହୋଇଥିବା ବେଳେ ନୀତୀଶ ରେଡ୍ଡୀ ୧୯ ରନ୍‌ର ଇନିଂସ୍ ଖେଳିଛନ୍ତି। ଇଣ୍ଡିଆ-ବି' ପକ୍ଷରୁ ଖଲିଲ ଅହମଦ ଓ ଆକାଶ ଦୀପ ୨-୨ ୱିକେଟ୍ ନେଇଥିବା ବେଳେ ଆଭେସ୍ ଖାନ୍ ଓ ତନୁଷା କୋଟିୟାନ୍‌ଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଛି। ଆସନ୍ତାକାଲି ମ୍ୟାଚ୍‌ର ଅନ୍ତିମ ଦିବସ।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra